

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର, ୨୫ ସେପ୍ଟେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 25 SEPTEMBER 2022

Vol.No. 35 ■ No. 250 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022





ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ବାଲେଶ୍ୱର-୧

ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ପ୍ରାପ୍ତିସ୍ଥାନ

ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


## ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ନେଇ ବଡ଼ ଗୁଜବ

### ଗାଦିଚ୍ୟୁତ ହେବା ସହ ଗୃହବନ୍ଦୀ ରହିଥିବା ନେଇ ସୋସିଆଲ ମିଡିଆରେ ପ୍ରଚାର



ନୂଆଦିଲ୍ଲୀ, ୨୪/୦୯ : ଚୀନ୍ ରାଷ୍ଟ୍ରପତି ଜିନପିଙ୍ଗଙ୍କୁ ନେଇ ଏବେ ଏକ ବଡ଼ ଗୁଜବ ସୋସିଆଲ ମିଡିଆରେ ଝଡ଼ ସୃଷ୍ଟି କରିଛି । ଏମିତି ଏକ ଖବର ଏବେ ପ୍ରଚାରିତ ହେଉଛି ଯେ, ଜିନପିଙ୍ଗ ଗାଦିଚ୍ୟୁତ ହୋଇଛନ୍ତି । ଏପରିକି ତାଙ୍କୁ ଗୃହବନ୍ଦୀ ରଖାଯାଇଥିବାର ମଧ୍ୟ ଗୁଜବ ପ୍ରସାରିତ ହେଉଛି । ବିଜେପିର ବରିଷ୍ଠ ନେତା ତଥା ଚୀନ୍ ପ୍ରସଙ୍ଗ ଉପରେ ବିଶାରଦ ଭାବେ ଜଣାଶୁଣା ସୁବ୍ରମଣ୍ୟମ ସ୍ୱାମୀଙ୍କ ଏହି ଟୁଇଟ୍ ପରେ ଚୀନ୍ ରାଷ୍ଟ୍ରପତି ଜିନପିଙ୍ଗଙ୍କୁ ନେଇ ଚର୍ଚ୍ଚା ବଢ଼ିଛି । ସୁବ୍ରମଣ୍ୟମ ଟୁଇଟରେ ଲେଖିଛନ୍ତି ଯେ, ଚୀନ୍ ସୋସିଆଲ ମିଡିଆରେ ଏବେ ଜୋରଦାର ପ୍ରଚାର ହେଉଛି ଯେ, ଜିନପିଙ୍ଗଙ୍କୁ ଗାଦିଚ୍ୟୁତ କରାଯାଇଛି । ଏପରିକି ତାଙ୍କୁ ଗୃହବନ୍ଦୀ କରି ରଖାଯାଇଛି । ତେବେ ଏହା ଏକ ଗୁଜବ ଓ ଏହାର ସତ୍ୟତା ପରଖିବା ଆବଶ୍ୟକତା ଥିବା ଲେଖିଛନ୍ତି ସୁବ୍ରମଣ୍ୟମ ସ୍ୱାମୀ । ଜିରୋ କୋଭିଡ ନୀତି ଓ ଅର୍ଥନୈତିକ ପରିଚାଳନା ନେଇ ସମାଲୋଚନାର ଶୀକାର ହୋଇଥିଲେ ଜିନପିଙ୍ଗ । ଏପରିକି ଚୀନ୍ କମ୍ୟୁନିଷ୍ଟ ଦଳର କିଛି ବରିଷ୍ଠ ନେତା ତାଙ୍କ ନୀତିକୁ ନେଇ ଖୋଲାଖୋଲି ସମାଲୋଚନା କରିଥିଲେ । ଟୁଇଟରେ ଅନେକ ଚୀନ୍ ନାଗରିକ ଲେଖିଛନ୍ତି ଯେ, ଜିନପିଙ୍ଗଙ୍କୁ ଏବେ ଗୃହବନ୍ଦୀ ରଖାଯାଇଛି । ଏପରିକି ଜିନପିଙ୍ଗଙ୍କୁ ବିଦା କରି ଲି କିଆଓମିଙ୍ଗଙ୍କୁ ରାଷ୍ଟ୍ରପତି କରାଯାଇଥିବା ମଧ୍ୟ ଏମାନେ ଲେଖିବାକୁ ପଛାଇ ନାହାନ୍ତି । ତେବେ ଭାରତର ପ୍ରସିଦ୍ଧ ସାମ୍ବାଦିକା ପାଲକି ଶର୍ମା ଏକ ଟୁଇଟ୍ କରି ଲେଖିଛନ୍ତି ଯେ, ଜିନପିଙ୍ଗଙ୍କୁ ନେଇ ଯେଉଁ ଚର୍ଚ୍ଚା ହେଉଛି ତାହା କେବଳ ଏକ ଗୁଜବ । ରାଷ୍ଟ୍ରପତି ଭାବେ ଦୁଇଟି ଟର୍ମ ଶେଷ କରିଥିବା ଜିନପିଙ୍ଗ ପୁଣି ଥରେ ରାଷ୍ଟ୍ରପତି ହେବାକୁ ଯାଉଥିବା ପୂର୍ବରୁ ଚର୍ଚ୍ଚା ହୋଇଆସୁଥିଲା । ଏପରିକି ମାଓଙ୍କ ପରେ ସେ ଚୀନ୍ କ୍ୟମୁନିଷ୍ଟ ପାର୍ଟିର ସବୁଠୁ ଶକ୍ତିଶାଳୀ ଓ ଲୋକପ୍ରିୟ ନେତା ଭାବେ ପରିଗଣିତ ହେଉଥିଲେ । ହେଲେ ଏବେ ଏହି ଚର୍ଚ୍ଚା କେବଳ ଗୁଜବ ନା ଏଥିରେ କିଛି ସତ୍ୟତା ଅଛି, ତାହା ସାରା ବିଶ୍ୱରେ ହଇଚଇ ସୃଷ୍ଟି କରିଛି ।

## ଆରମ୍ଭ ହେଲା କଂଗ୍ରେସ ଅଧ୍ୟକ୍ଷ ପଦ ପାଇଁ ନାମାଙ୍କନ ପ୍ରକ୍ରିୟା



ନୂଆଦିଲ୍ଲୀ, ୨୪/୦୯ : ଆଜିଠାରୁ କଂଗ୍ରେସ ଅଧ୍ୟକ୍ଷ ପଦ ପାଇଁ ଆରମ୍ଭ ହୋଇଛି ନାମାଙ୍କନ । କିଏ ପ୍ରାର୍ଥୀ ହେବ ତାକୁ ନେଇ ବହୁ ନେତାଙ୍କ ନାଁ ସାମ୍ନାକୁ ଆସିଥିଲେ ବି କିଏ ନାମାଙ୍କନ କରୁଛନ୍ତି ତା ଉପରେ ସମସ୍ତଙ୍କ ନଜର ରହିଛି । କିନ୍ତୁ ଅଣଗାନ୍ଧୀ ଚେହେରା ହିଁ କଂଗ୍ରେସର ନୂଆ ସଭାପତି ହେବେ, ଏ ଆକଳନ ସ୍ପଷ୍ଟ ହୋଇସାରିଛି । ତେବେ ଏହି ଧାଡିରେ ସବୁଠାରୁ ଆଗରେ ଅଛନ୍ତି ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ଓ ଶଶି ଥରୁର । କୁହାଯାଉଛି କି ରାହୁଲ ଗାନ୍ଧୀ ନିର୍ବାଚନରେ ନ ଲଢ଼ିବା ନେଇ ସ୍ପଷ୍ଟ କରିବା ପରେ ଏହି ଦୁଇ ଚେହେରାଙ୍କ ମଧ୍ୟରେ ଲଢ଼େଇ ହେବ । ଆସନ୍ତୁ ଜାଣିବା ଅଶୋକ ଗେହଲଟଙ୍କ ବିଷୟରେ ଅଧିକ ତଥ୍ୟ । ସେହିପରି ଅଶୋକ ଗେହେଲୋଟଙ୍କ ପରେ ଶଶୀ ଥରୁରଙ୍କ ନାଁ ବେଶ୍ ଚର୍ଚ୍ଚାରେ ରହିଛି । ଏମିତିକି କଂଗ୍ରେସ ପାର୍ଟି ହେଡକ୍ୱାର୍ଟରରୁ କଂଗ୍ରେସ ନେତା ଶଶି ଥରୁରଙ୍କ ଘନିଷ୍ଠ ଆଲିମ ଜାଭେରୀ ନାମାଙ୍କନ ପତ୍ର ଫର୍ମ କଂଗ୍ରେସ ପାର୍ଟି ହେଡକ୍ୱାର୍ଟରରୁ ଗ୍ରହଣ କରିଛନ୍ତି । ନିକଟରେ କଂଗ୍ରେସର ସଭାପତି ନିର୍ବାଚନ ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠାଇଥିଲେ ଶଶି ଥରୁରଙ୍କ ସହ ଆଉ କିଛି ନେତା । ତେବେ ଅଶୋକ ଗେହଲଟଙ୍କ ସହ ଶଶି ଥରୁରଙ୍କୁ ତୁଳନା କଲେ, ଅପେକ୍ଷାକୃତ କମ୍ ରାଜନୀତି ଅଭିଜ୍ଞତା ଓ ଅନୁଭବ ରହିଛି । ଉଭୟ ଅଶୋକ ଗେହଲଟ୍ ଓ ଶଶି ଥରୁର ରାଜନୀତିରେ ବେଶ୍ ପରିପକ୍ୱ । ଏମିତିକି ଉଭୟ ନିକଟରେ କଂଗ୍ରେସର ଅନ୍ତରୀଣ ଅଧ୍ୟକ୍ଷ ସୋନିଆ ଗାନ୍ଧୀଙ୍କୁ ମଧ୍ୟ ଭେଟିଥିଲେ । ଏହି ପରିସ୍ଥିତିରେ ସୋନିଆ ଗାନ୍ଧି ନିଜର ଭୂମିକା ନିରପେକ୍ଷ ରହିବ ବୋଲି ମତ ଦେଇସାରିଛନ୍ତି । ▶▶ପୃଷ୍ଠା ୭

## ଟ୍ୱିନ୍ ସିଟିରେ ପ୍ରବଳ ବର୍ଷା

ଭୁବନେଶ୍ୱର,୨୪/୦୯ (ନି.ପ୍ର): ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ପାର୍ଶ୍ୱବର୍ତୀ ଆନ୍ଧ୍ର ଉପକୂଳରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଟ୍ୱିନ ସିଟି ଭୁବନେଶ୍ୱର ଏବଂ କଟକ ସମେତ ପୁରୀ, କେନ୍ଦ୍ରାପଡା, ଖୋର୍ଦ୍ଧା, ଜଗତସିଂହପୁର ଏବଂ କଟକ ଜିଲ୍ଲାର କିଛି ଅଂଚଳରେ ବିଜୁଳି ଘଡଘଡି ସହ ବର୍ଷା ଲାଗିରହିଛି। ଶନିବାର ସକାଳୁ ରାଜଧାନୀ ଓ ଆଖପାଖ ଅଂଚଳରେ ପାଗ ମେଘୁଆ ରହିଥିଲା । ତେବେ ଅପରାହ୍ନ ବେଳକୁ ହଠାତ୍ କଳାହାଣ୍ଡିଆ ମେଘ ଆସିଥିଲା । ପାଖାପାଖି ଘଂଟାରେ ଅଧିକ ସମୟ ଧରି ବିଭିନ୍ନ ଅଂଚଳରେ ବର୍ଷା ଛେଚିଥିଲା । ଫଳରେ ତଳିଆ ଅଂଚଳ ଗୁଡିକ ଜଳମଗ୍ନ ହେବା ସହ ରାଜରାସ୍ତା ଉପରେ ଆଣ୍ଠୁଏ ପାଣି ଚାଲିଥିଲା । ବର୍ଷା ଯୋଗୁଁ ଟ୍ରାଫିକ ସମସ୍ୟା ମଧ୍ୟ ଦେଖାଦେଇଥିଲା । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଂଜାମ, ଗଜପତି, କେନ୍ଦୁଝର ଓ ମୟୁରଭଂଜ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

## ନକଲି ଔଷଧ ବିକ୍ରୀ ମାମଲାରେ ବିହାରରୁ ୨ ଔଷଧ ବ୍ୟବସାୟୀଙ୍କୁ କାବୁ କଲା ପୋଲିସ୍



ଭୁବନେଶ୍ୱର,୨୪/୦୯ (ନି.ପ୍ର): କଟକରେ ନକଲି ଔଷଧ କାରବାର ମାମଲାରେ ବିହାରରୁ ୨ ଜଣଙ୍କୁ କାବୁ କରିଛି କମିଶନରେଟ୍ ପୋଲିସ୍ ଟିମ୍ । ଉକ୍ତ ୨ ଜଣ ବିହାରର ଔଷଧ ବ୍ୟବସାୟୀ ବୋଲି ଜଣାପଡିଛି । ତେବେ ନକଲି ମେଡିସିନ୍ କେଉଁଠାରେ ତିଆରି କରାଯାଉଥିଲା ତାର ତଦନ୍ତ କରୁଛି ପୋଲିସ୍ । କଟକ ଡିସିପି ପିନାକ ମିଶ୍ର କହିଛନ୍ତି ଯେ, “ନକଲି ଔଷଧ କାରବାର ମାମଲାରେ ତଦନ୍ତ ଚାଲିଛି । ଆମ ଅଫିସର ସେଠାରେ ଅଛନ୍ତି । ଏବେ ମଧ୍ୟ ତଦନ୍ତ ଜାରି ରହିଛି । ଗୟା ପୋଲିସ ସହ ମିଶି ବିଭିନ୍ନ ସ୍ଥାନରେ ରେଡ କରାଯିବା ସହ ପଚରାଉଚରା କରାଯାଉଛି । ଏହି ଘଟଣାରେ ଦୁଇ ବ୍ୟବସାୟୀଙ୍କୁ ଚିହ୍ନଟ କରାଯାଇଛି । ଯେଉଁଠାରୁ ମେଡିସିନ ଆସିଥିଲା ସେଠାରେ ପହଂଚିବା ପାଇଁ ଚେଷ୍ଟା କରୁଛୁ । ବର୍ତ୍ତମାନ ତଦନ୍ତ ଜାରି ରହିଛି ବୋଲଇ ସେ କହିଛନ୍ତି । ସୂଚନା ଅନୁଯାୟୀ ନିକଟରେ କଟକର ବିଭିନ୍ନ ସ୍ଥାନରେ ଚଢ଼ାଉ ବେଳେ ବିପୁଳ ପରିମାଣର ନକଲି ଔଷଧ ମିଳିଥିଲା । ସେଥିମଧ୍ୟରେ ବ୍ଲଡ୍ ପ୍ରେସର ପାଇଁ ବ୍ୟବହାର ହେଉଥିବା ଟେଲମା - ୪୦ ରହିଥିଲା । ଏହି ମାମଲାରେ ପୂର୍ବରୁ ନକଲି ସେପ୍ଟେମ୍ବର ୧୩ ତାରିଖରେ ଦୁଇ ଅଭିଯୁକ୍ତ ରାହୁଲ କ୍ୟାଲ୍ ଏବଂ ସଞ୍ଜୟ ଜଲାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ପୁରୀଘାଟ ଥାନା ପୋଲିସ । ଅପରପକ୍ଷରେ ନକଲି ମେଡିସିନ୍ ର ଲିଙ୍କ୍ ବାଙ୍ଗାଲୋର ଓ ଗୟା ବୋଲି ଜଣାପଡିବା ପରେ ପୋଲିସ୍ ର ଏକ ସ୍ୱତନ୍ତ୍ର ଟିମ୍ ଓଡିଶା ବାହାରକୁ ଯାଇଛି ।

## ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଉଠିବନି ରତ୍ନଭଣ୍ଡାର ପ୍ରସଙ୍ଗ



ଭୁବନେଶ୍ୱର,୨୪/୦୯ (ନି.ପ୍ର): ରତ୍ନଭଣ୍ଡାର ଖୋଲିବା ପ୍ରସଂଗରେ ପୁରୀ ଗସ୍ତ ସମୟରେ ଏହା କହିଥିଲେ ଆମିକସକ୍ୟୁରୀ ଏନ. କେ. ମହାନ୍ତି । ଆଉ ଆମିକସକ୍ୟୁରୀଙ୍କ ଏହି କଥା କୋଟି କୋଟି ଜଗନ୍ନାଥ ପ୍ରେମିଙ୍କ ଭିତରେ ରତ୍ନଭଣ୍ଡାର ଖୋଲିବା ନେଇ ପରିଚାଳନା କମିଟି ବୈଠକରେ ବାଟ ବାହାରିବ ବୋଲି ଆଶା ସଂଚାର କରିଥିଲା । କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି ୨୭ ତାରିଖରେ ବସିବାକୁ ଯାଉଥିବା ପରିଚାଳନା କମିଟି ବୈଠକର କାର୍ଯ୍ୟସୂଚୀରେ ରତ୍ନଭଣ୍ଡାର ପ୍ରସଂଗ ସ୍ଥାନ ପାଇନାହିଁ । ନଜର ପକାନ୍ତୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା କାର୍ଯ୍ୟସୂଚୀ ଉପରେ । ହେଲେ ବିଡମ୍ବନାର ବିଷୟ ▶▶ପୃଷ୍ଠା ୭

## ଯୁବ ବିଜେଡି ସାଧାରଣ ସମ୍ପାଦକ ନିଲମ୍ବିତ

ଭୁବନେଶ୍ୱର,୨୪/୦୯ (ନି.ପ୍ର): ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ବାଣୀ କଲ୍ୟାଣ ମହାନ୍ତି ବିଜେଡି ଦଳରୁ ନିଲମ୍ବିତ ହୋଇଛନ୍ତି । ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଣୀଙ୍କୁ ନିଲମ୍ବନ କରିଛନ୍ତି । ସାଂସଦ ତଥା ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ମାନସ ମଙ୍ଗରାଜ ବିଜ୍ଞପ୍ତି ମାଧ୍ୟମରେ ଏହି ସୂଚନା ଦେଇଛନ୍ତି ।

## ଆଇଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୨୪/୦୯ (ନି.ପ୍ର): ରାଜ୍ୟ ସରକାର ଆଇଏଏସ ସ୍ତରରେ ଅଦଳ ବଦଳ କରିଛନ୍ତି । କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିବା ବିଶାଲ ଗଗନଙ୍କୁ ଶିଳ୍ପ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଦାୟିତ୍ୱ ଦିଆ ଯାଇଥିବା ବେଳେ ୨୦୧୧ ବ୍ୟାଚର ଅଧିକାରୀ ସୁଶାନ୍ତ କୁମାର ଦାସଙ୍କୁ ମାଧ୍ୟମିକ ଶିକ୍ଷା ବିଭାଗର ନିର୍ଦ୍ଦେଶକ ଦାୟିତ୍ୱ ପ୍ରଦାନ କରା ଯାଇଛି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏ ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି ।

## ଅଙ୍କିତା ହତ୍ୟାକାଣ୍ଡରେ ପୋଲିସକୁ ସଫଳତା ! ୭ ଦିନ ପରେ ମିଳିଲା ମୃତଦେହ

ଭୁବନେଶ୍ୱର,୨୪/୦୯ (ନି.ପ୍ର): ବହୁଚର୍ଚ୍ଚିତ ଅଙ୍କିତା ଭଣ୍ଡାରୀ ହତ୍ୟାକାଣ୍ଡରେ ପୋଲିସକୁ ବଡ଼ ସଫଳତା ମିଳିଛି । ଋଷିକେଶର ଚିଲ୍ଲା କେନାଲରୁ ଅଙ୍କିତାଙ୍କ ମୃତଦେହକୁ ଜବତ କରିଛି ପୋଲିସ । ପରିବାର ଲୋକେ ମୃତଦେହ ଚିହ୍ନଟ କରିବା ପରେ ଏହାକୁ ପୋଷ୍ଟମର୍ଟମ ପାଇଁ ପଠାଇ ଦିଆଯାଇଛି । ୭ଦିନ ଧରି ନିଖୋଜ ଥିବା ଅଙ୍କିତାଙ୍କ ମୃତଦେହ ଖୋଜିବା ପାଇଁ ଏସଡିଆରଏଫ ▶▶ପୃଷ୍ଠା ୭

## ବିଜେଡି ନେତାଙ୍କ ଝୁଲନ୍ତା ମୃତଦେହ ମିଳିଲା



ଭୁବନେଶ୍ୱର,୨୪/୦୯ (ନି.ପ୍ର): ପୁରୀ ଜିଲ୍ଲା ନିମାପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୧ ନମ୍ବର ଜୋନର ବିଜେଡି ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ବିଜେଡି ନେତାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି । ଆଜି ସକାଳୁ ଭୁବନେଶ୍ୱର ଶିଶୁପାଳଗଡ ସ୍ଥିତ ବାସଭବନର ବାଲକୋନୀରୁ ଝୁଲନ୍ତା ଅବସ୍ଥାରେ ଧର୍ମେନ୍ଦ୍ରଙ୍କର ମୃତଦେହ ଉଦ୍ଧାର କରାଯାଇଛି । କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଲା ତାହା ଜଣାପଡ଼ି ନାହିଁ । ସେହିପରି ଏହା ହତ୍ୟା ନା ଆତ୍ମହତ୍ୟା ସେନେଇ ମଧ୍ୟ କିଛି ସ୍ପଷ୍ଟ ହୋଇନାହିଁ । ପାରିବାରିକ କଳହକୁ କେନ୍ଦ୍ରକରି ସେ ଆତ୍ମହତ୍ୟା କରିଥିବା କୁହାଯାଉଥିବା ବେଳେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନାହିଁ । ଖବରପାଇ ପୋଲିସ୍ ଘଟଣାସ୍ଥଳରେ ପହଂଚି ମୃତଦେହ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଛି । ତେବେ ମୋ ଫୋନ୍ ଦୁଇଟିରେ ସବୁ ଭିଡିଓ ରହିଛି, ତାକୁ ଲୋକଲୋଚନକୁ ଆଣିବି' ବୋଲି କହି ମୃତ୍ୟୁର କିଛି ଘଂଟା ପୂର୍ବରୁ ଧର୍ମେନ୍ଦ୍ର ଫେସ୍‌ବୁକ୍‌ରେ ଏକ ପୋଷ୍ଟ କରିଥିଲେ । ଘଟଣା ପରେ ତାଙ୍କ ମୋବାଇଲ ଦୁଇଟି ଗାୟବ ଥିଲା । କିନ୍ତୁ ଅପରାହ୍ନରେ ସନ୍ଧାନୀ କୁକୁର ଜରିଆରେ ତାଙ୍କ ମୋବାଇଲ୍ ୨ ଟିକୁ ପାଖରେ ଥିବା ଅନ୍ୟ ଏକ ପ୍ଲଟ୍‌ରୁ ଠାବ କରାଯାଇଛି । କିନ୍ତୁ ମୋବାଇଲ ଦୁଇଟି ସେଠାରେ କେମିତି ପହଂଚିଲା ସେନେଇ ସସପେନ୍ସ ଜାରି ରହିଛି । ଅପରପକ୍ଷରେ ଏହି ଘଟଣାରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ସମ୍ପୃକ୍ତ ଥିବା ଅଭିଯୋଗ କରିଛନ୍ତି ▶▶ପୃଷ୍ଠା ୭

## ସୁସ୍ଥ ହୋଇ ଘରକୁ ଫେରିଲେ ବାବୁଶାନ୍



ଭୁବନେଶ୍ୱର,୨୪/୦୯ (ନି.ପ୍ର): ଚିକିତ୍ସା ପରେ ସୁସ୍ଥ ହେବାରୁ ଶନିବାର ଘରକୁ ଫେରିଛନ୍ତି ଓଲିଉଡ୍ ଅଭିନେତା ବାବୁଶାନ ମହାନ୍ତି । ମେଡିକାଲରୁ ଡିସଚାର୍ଜ ସମୟରେ ସାଙ୍ଗରେ ପତ୍ନୀ ତୃପ୍ତି ଶତପଥୀ ଥିବାର ଦେଖିବାକୁ ମିଳିଥିଲା । ବାବୁଶାନଙ୍କ ସମ୍ପର୍କୀୟ ରବି ଶତପଥୀଙ୍କ କହିବା ଅନୁସାରେ ବାବୁଶାନ୍‌ଙ୍କୁ ତୃପ୍ତିମେଡ଼ିକାଲ୍‌ରେ ଭର୍ତ୍ତି କରିଥିଲେ । ତୃପ୍ତି ମେଡ଼ିକାଲ୍‌ରେ ରହୁଥିଲେ । ପରୀକ୍ଷା ଚାଲିଥିବାରୁ ଛୁଟି ମିଳୁନାହିଁ ବୋଲି ସେ ସ୍କୁଲ ଯାଇ ପୁଣି ମେଡ଼ିକାଲ୍ ଆସୁଥିଲେ । ଆଜି ଡିସ୍‌ଚାର୍ଜ ହେବା ପରେ ଉଭୟ ବାବୁଶାନ ଓ ତୃପ୍ତି ଉତମ ମହାନ୍ତିଙ୍କୁ ଦେଖା କରିବା ପାଇଁ ଯାଇଛନ୍ତି । ତା'ପରେ ସେମାନେ କେଉଁଠି ରହିବେ ନିଷ୍ପତି ନେବେ ବୋଲି ରବି ଶତପଥୀ କହିଛନ୍ତି । ସୂଚନା ଅନୁଯାୟୀ ବାବୁଶାନ୍‌ଙ୍କ ଆଗାମୀ ଓଡ଼ିଆ ଫିଲ୍ମ 'ଦମନ' ରପ୍ରମୋଶନ୍ ପାଇଁ ବାବୁଶାନ୍ ଓ ତାଙ୍କ ସାଥୀ କଳାକାରମାନେ ଲଦାଖ ଯାଇଥିଲେ । ସେଠାରୁ ସେମାନେ ବାଇକ୍‌ରେ ପେଙ୍ଗନ୍ ଯାଇଥିଲେ । ସେଠାରେ ବାବୁଶାନ ଅସୁସ୍ଥ ହୋଇପଡ଼ିଲେ । ତାଙ୍କର ଅକ୍ସିଜେନ୍ ଲେଭୁଲ୍ କମି ଯାଇଥିଲା । ତାଙ୍କୁ ସଙ୍ଗେ ସଙ୍ଗେ ସେନା ହସ୍ପିଟାଲ୍ ରେ ଭର୍ତି କରାଯାଇଥିଲା । ସେଠାରେ ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ସାମାନ୍ୟ ଉନ୍ନତି ଘଟିଥିଲା । ଏହା ପରେ ତାଙ୍କୁ ଅକ୍ସିଜେନ ସପୋର୍ଟରେ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲ୍‌କୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ତାଙ୍କର ୮ ଦିନ ଧରି ଚିକିତ୍ସା ଚାଲିଥିଲା । ମେଡ଼ିକାଲ୍‌ରେ ପତ୍ନୀ ତୃପ୍ତି ତାଙ୍କ ପାଖେପାଖେ ରହିଥିଲେ ।

## ଖଣ୍ଡଗିରିରୁ ୧୩ ଗ୍ରାମ୍ ବ୍ରାଉନ ସୁଗାର ଜବତ, ଯୁବକ ଗିରଫ

ଭୁବନେଶ୍ୱର, ୨୪/୦୯ (ନି.ପ୍ର): ଖଣ୍ଡଗିରି ପାହାଡ ନିକଟରେ ବ୍ରାଉନ ସୁଗାର ବିକ୍ରୀ କରୁଥିବା ବେଳେ ଜଣେ ଯୁବକକୁ ଗିରଫ କରିଛି କମିଶନରେଟ୍ ପୋଲିସ୍ । ଗିରଫ ଅଭିଯୁକ୍ତ ହେଲା କେଶବ ସିଂହ (୨୧) । ଘର ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ଗୁରୁଜଙ୍ଗ ଗାଁରେ । ପୋଲିସ୍ ଅଭିଯୁକ୍ତ ପାଖରୁ ୧୩ ଗ୍ରାମର ବ୍ରାଉନ୍ ସୁଗାର ଜବତ କରିଛି । ଶନିବାର ଦିନ ଖଣ୍ଡଗିରି ପାହାଡ଼ ନିକଟରେ ଥିବା ସୁଲଭ ଶୌଚଳୟ ପଛପଟେ ବେଆଇନ ବ୍ରାଉନସୁଗାର ବିକ୍ରୀ ଚାଲୁଥିବା ବିଶେଷ ସୂତ୍ରରୁ ସୂଚନା ପାଇ ଖଣ୍ଡଗିରି ଥାନା ପୋଲିସ ସେଠାରେ ଚଢାଉ କରିଥିଲା । ପୋଲିସ୍ ଘଟଣାସ୍ଥଳରୁ କେଶବକୁ କାବୁ କରିବା ସହ ତା ନିକଟରୁ ୧୩ ଗ୍ରାମ ବ୍ରାଉନସୁଗାର ଜବତ ମଧ୍ୟ କରିଥିଲେ । ଅଭିଯୁକ୍ତ ଜଣକ ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ଗୁରୁଜଙ୍ଗ ଗାଁର ଦିଲ୍ଲୀପ ସିଂହଙ୍କ ପୁଅ କେଶବ ସିଂହ ବୋଲି ଜଣାପଡ଼ିଥିଲା । ପଚରାଉଚରା ବେଳେ ଅଭିଯୁକ୍ତ ଜଣକ ବ୍ରାଉନସୁଗାର ବିକ୍ରୟ ନେଇ କୌଣସି ସନ୍ତୋଷଜନକ ଉତର ଦେଇପାରିନଥିବାରୁ ଅଧିକ ତଦନ୍ତ ପାଇଁ ଅଭିଯୁକ୍ତକୁ ଥାନାକୁ ଆଣିଥିଲେ । ତେବେ କେଶବ ଉକ୍ତ ବ୍ରାଉନସୁଗାରକୁ ବାଲେଶ୍ୱର ଅଂଚଳରୁ ଆଣି ଭୁବନେଶ୍ୱରର ଯୁବ ପିଢୀକୁ ବିକ୍ରି କରୁଥିବା ଜଣାପଡିଛି ।

## ଜାତୀୟ ସେବା ଯୋଜନା ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ /ଭୁବନେଶ୍ୱର,୨୪/୦୯ (ନି.ପ୍ର): ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ୨୦୨୦-୨୦୨୧ ବର୍ଷ ପାଇଁ ଜାତୀୟ ସେବା ଯୋଜନା (ଏନଏସଏସ) ପୁରସ୍କାର ପ୍ରଦାନ କରିଛନ୍ତି । ଶନିବାର ରାଷ୍ଟ୍ରପତି ଭବନରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ତିନୋଟି ବର୍ଗରେ ଏନଏସଏସ ପୁରସ୍କାର ପ୍ରଦାନ କରାଯାଇଛି । ବିଶ୍ୱବିଦ୍ୟାଳୟ/ ଯୁକ୍ତ ଦୁଇ ପରିଷଦ, କାର୍ଯ୍ୟକ୍ରମ ଅଧିକାରୀ/ଏନଏସଏସ ୟୁନିଟ ଏବଂ ସ୍ୱେଚ୍ଛାସେବୀ ବର୍ଗରେ ପୁରସ୍କାର ଦିଆଯାଇଥିଲା । ଚଳିତ ଥର ଓଡ଼ିଶାର ତିନି ଜଣ ବ୍ୟକ୍ତିବିଶେଷ ରାଷ୍ଟ୍ରପତିଙ୍କ ଠାରୁ ଏନଏସଏସ ପୁରସ୍କାର ଗ୍ରହଣ କରିଛନ୍ତି । କାର୍ଯ୍ୟକ୍ରମ ଅଧିକାରୀ/ ଏନଏସଏସ ୟୁନିଟ ବର୍ଗରେ ମୟୂରଭଞ୍ଜ ଜିଲ୍ଲା ଆରଡିଏସ ଡିଗ୍ରୀ ମହାବିଦ୍ୟାଳୟର ଡକ୍ଟର ଦିଲିପ କୁମାର ପରମାଣିକ ଏହି ପୁରସ୍କାର ପାଇଛନ୍ତି । ସେହିପରି ଏନଏସଏସ ସ୍ୱେଚ୍ଛାସେବୀ ବର୍ଗରେ ଭୁବନେଶ୍ୱର ସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଏଜୁକେସନ ଏଣ୍ଡ ରିସର୍ଚ୍ଚର ପ୍ରତୀକ ଦାଶ ଏବଂ ଭୁବନେଶ୍ୱର ସ୍ଥିତ ସ୍କୁଲ୍ ଅଫ୍ ଲ'ର ଆକାଂକ୍ଷା କବି ପୁରସ୍କୃତ ହୋଇଛନ୍ତି ।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବିଜ୍ଞାନ ମେଳା

ଧର୍ମଶାଳା,୨୪/୦୯ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ବିଜ୍ଞାନ ମେଳକୁ ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟା ସରୋଜିନୀ ବେହେରା ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ଶିବରରେ ୩୬ ନଂ ଜୋନ ଜିଲା ପରିଷଦ ସଭ୍ୟା ଭାରତୀ ବିଶ୍ୱାଳ, ବ୍ରହ୍ମବରଦା ସରପଂଚ ମମତା ଶୁଭଦର୍ଶନୀ ଦେଓ, ଶିକ୍ଷାକେନ୍ଦ୍ରର ସମ୍ପାଦକ ବିବେକାନନ୍ଦ ବେହେରା, ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ବ୍ରହ୍ମବରଦା ପଂଚାୟତର ପୂର୍ବତନ ସରପଂଚ ବିପିନ ବିହାରୀ ଦେଓ, ଶିକ୍ଷାବିତ୍ ଆଲାଉଦ୍ଦିନ ଖାଁ, ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁଦର୍ଶନ ପୃଷ୍ଟି ଓ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ବିଜ୍ଞାନ ମେଳରେ ଅଂଶ ଗ୍ରହଣ କରି ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ ।

# ବଲାଙ୍ଗିର ଜିଲ୍ଲାର ଉନ୍ନତି ପାଇଁ ବିଭିନ୍ନ ପ୍ରକଳ୍ପକୁ କ୍ୟାବିନେଟ ମଂଜୁରୀ

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ମନ୍ତ୍ରୀ ଟୁକୁନୀ ସାହୁ

ବଲାଙ୍ଗିର,୨୪/୦୯ (ନି.ପ୍ର): ମୁଖ୍ୟମନ୍ତ୍ରୀ ବଲାଙ୍ଗିର ଜିଲ୍ଲାର ଉନ୍ନତି ପାଇଁ ସଦା ସର୍ବଦା ପ୍ରୟାସ କରି ଆସିଛନ୍ତି । ସେହି କ୍ରମରେ ଗୁରବାର ଦିନ ଜିଲ୍ଲାର ବିଭିନ୍ନ ପ୍ରକଳ୍ପକୁ କ୍ୟାବିନେଟରେ ମଞ୍ଜୁରି ମିଳିଛି । ଯାହା ଅଗାମୀ ଦିନରେ ଜିଲ୍ଲାର ବିକାଶରେ ଗୁରୁତ୍ୱ ପୁର୍ଣ୍ଣ ଭୂମୀକା ନିର୍ବାହ କରିବ ବୋଲି ଆଜି ସ୍ଥାନୀୟ ସାମ୍ବାଦିକ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବାଣିଜ୍ୟ,ପରିବହନ ଓ ଜଳସେଚନ ମନ୍ତ୍ରୀ ଟୁକୁନୀ ସାହୁ ସାମ୍ବାଦିକମାନଙ୍କୁ କହିଛନ୍ତି । ସେ ତାଙ୍କ ପ୍ରତିକ୍ରିୟାରେ ଆହୁରି କହିଛନ୍ତି ଯେ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଭିତ୍ତିଭୂମୀର ବିକାଶ ପାଇଁ ରାଜ୍ୟ ସରକାର ୫୦ ଏକର ୪୩୭ ଡିସମିଲ ଜମି ବିନା ମୁଲ୍ୟରେ ଲିଜ ସୁତ୍ରରେ ଯୋଗଇଦେବା ନିଷ୍ପତ୍ତି ନେଇଛନ୍ତି । ବଲାଙ୍ଗିରର ଜୀବନ ରେଖା କୁହାଯାଉଥିବା ଲୋୟର ସୁକତେଲ ପ୍ରକଳ୍ପ ରେ ଭୁତଳ ପାଇପ ଦ୍ୱାରା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ୬୩୪ କୋଟି ୧୪ଲକ୍ଷ ଟଙ୍କା ତଥା ପ୍ରକଳ୍ପର ପାଞ୍ଚ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ପାଇଁ ଆହୁରି ୩ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ପ୍ରକଳ୍ପକୁ ଶିଘ୍ର ସମାପ୍ତ କରିବା ପାଇଁ ୩୦ ମାସ ସମୟ ଦିଆଯାଇଛି । ସେହିପରି ପାର୍ବତିଗିରି ବୃହତ ଉଠା ଜଳ ସେଚନ ପ୍ରକଳ୍ପ ପାଇଁ ୪୬୪କୋଟି ୪୦ ଲକ୍ଷ ଟଙ୍କା ଅନୁମୋଦନ କରିଛନ୍ତି । ଯାହା ୩୬ ମାସ ମଧ୍ୟରେ ସଂପୁର୍ଣ୍ଣ କରିବାର ଲକ୍ଷ ରଖାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଏହି ଗୁରୁତ୍ୱପୁର୍ଣ୍ଣ ନିଷ୍ପତି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଭିତ୍ତିଭୂମୀର ବିକାଶ କରିବା ସହ ଜିଲ୍ଲାରେ ଶିକ୍ଷାବ୍ୟବସ୍ଥାକୁ ଆହୁରି ସୁଦୃଢ କରିବ । ଲୋୟର ସୁକତେଲ ପ୍ରକଳ୍ପ ବଲାଙ୍ଗିର ଓ ଲୋଇସିଂହା ନିର୍ବାଚନ ମଣ୍ଡଳିର ସମେତ ସୋନପୁର ଜିଲ୍ଲାର ତରଭା ଅଂଚଳର ପ୍ରାୟ ୧୩ହଜାର ହେକ୍ଟର ଚାଷଜମି ଜଳସେଚିତ ହୋଇ ପାରିବ । ସେହିପରି ପାର୍ବତିଗିରି ଉଠା ଜଳସେଚନ ଯୋଜନା ଦ୍ୱାରା କଳାହାଣ୍ଡି, ବଲାଙ୍ଗିର, ବରଗଡ ଏବଂ ସୋନପୁର ଜିଲ୍ଲାର ଲକ୍ଷ ଲକ୍ଷ ଚାଷୀ ଲାଭାନ୍ୱିତ ହେବେ । ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ଅଂଚଳର ବିକାଶ ପାଇଁ ଐତିହାସିକ ନିଷ୍ପତ୍ତି ସାବିତ ହେବ । ମୁଖ୍ୟମନ୍ତ୍ରୀଙ୍କ ଏହି ଲୋକାଭିମୁଖୀ ନିଷ୍ପତ୍ତି ପାଇଁ ମୁଁ ଅଂଚଳବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରୁଛି ବୋଲି ମନ୍ତ୍ରୀ ଟୁକୁନୀ କହିଛନ୍ତି । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ବିଜେଡି ଉପ ମୁଖ୍ୟ ସଚେତକ ତଥା ପାଟଣାଗଡ ବିଧାୟକ ସରୋଜ ମେହେର, ପୁର୍ବତନ୍ କଣ୍ଟାବାଞ୍ଜି ବିଧାୟକ ଆୟୁବ ଖାଁ, ରାଜ୍ୟ ପରିଷଦ ସଦସ୍ୟ ନିହାର ରଞ୍ଜନ ବେହେରା, ବରିଷ୍ଠ ସଭ୍ୟ ଲକ୍ଷ୍ମଣ ମେହେର, ଯୁବ ନେତା ଲୋଟସ ଷଡଙ୍ଗି ପ୍ରମୁଖ ମଞ୍ଚାସିନ ଥିଲେ ।

# କନ୍ଧମାଳ ଭାରତୀୟ ଜନତା ପାର୍ଟି ଯୁବମୋର୍ଚ୍ଚା ପକ୍ଷରୁ ସାଂଗଠନିକ ବୈଠକ ଅନୁଷ୍ଠିତ

କନ୍ଧମାଳ ,୨୪/୦୯ (ନି.ପ୍ର): କନ୍ଧମାଳ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଫିରିଙ୍ଗିଆ ଠାରେ ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଗୋଲକ ବିହାରୀ କଅଁର ଙ୍କ ନେତୃତ୍ୱରେ ଗୁରୁବାର ଏକ ଜିଲ୍ଲା ସ୍ତରୀୟ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ତିନୋଟି ଯାକ ବିଧାନସଭା ର ପ୍ରତ୍ୟେକ ଟି ବୁଥ ରେ କିଭଳି ଭାବରେ ଯୁବ ମୋର୍ଚ୍ଚା ତା ସଙ୍ଗଠନକୁ ମଜଭୁତ କରିପାରିବ ସେ ଉପରେ ରାଜ୍ୟ ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ଓମ ପ୍ରକାଶ ମିଶ୍ର ବୈଠକରେ ଯୋଗଦେଇ ବିସ୍ତୃତ ଭାବରେ କହିଥିଲେ । ବିଗତ ୨୨ ବର୍ଷ ଭିତରେ ବିଜେଡି ଶାସନ ରେ କନ୍ଧମାଳ ଜିଲ୍ଲା ସମ୍ପୂର୍ଣ୍ଣ ଅବହେଳିତ ହୋଇଛି । ସେ ଶିକ୍ଷାର କଥା ହେଉ,ଯୁବକ ମାନଙ୍କ ରୋଜଗାର ର କଥା ହେଉ,ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ର କଥା ହେଉ କିମ୍ବା ଲଘୁ ବନଜାତ ଦ୍ରବ୍ୟ ର ଉଚିତ ମୂଲ୍ୟ ପାଇବାର କଥା ହେଉ ପ୍ରତ୍ୟେକଟି କ୍ଷେତ୍ରରେ କନ୍ଧମାଳ ଜିଲ୍ଲା ଅବହେଳିତ ହୋଇଛି । ଜିଲ୍ଲାରେ ଅନେକ ଗୁଡିଏ ପର୍ଯ୍ୟଟନ ସ୍ଥଳି ଥିବା ସତ୍ତ୍ୱେ ମଧ୍ୟ ତାର ରକ୍ଷଣାବେକ୍ଷଣ ଏବଂ ଉନ୍ନତି କରଣ ପ୍ରତି ରାଜ୍ୟସରକାର ତିଳେମାତ୍ର ଦୃଷ୍ଟି ଦେଉନଥିବା କାରଣରୁ ସମସ୍ତ ସାମର୍ଥ୍ୟ ଥାଇ ମଧ୍ୟ କନ୍ଧମାଳ ଦୁର୍ବଳ ହୋଇପଡୁଛି ବୋଲି କନ୍ଧମାଳ ଜିଲ୍ଲା ଯୁବମୋର୍ଚ୍ଚା ପ୍ରଭାରୀ ନାରାୟଣ କର୍ମୀ ରାଜ୍ୟସରକାର ଙ୍କ ଉପରେ ବର୍ଷିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେପି ନେତା ଦେବ ନାରାୟଣ ପ୍ରଧାନ, ରମେଶ ଚନ୍ଦ୍ର ମହାନ୍ତି, ରଘୁପତି କଅଁର ଯୋଗ ଦେଇଥିବା ବେଳେ ଯୁବମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଭୟ ପାତ୍ର,ଜିଲ୍ଲା ଉପସଭାପତି ସୁଧାଂଶୁ ଗୁରୁ,ସମ୍ପାଦକ ଗୌତମ ମଲ୍ଲିକ,ରିଙ୍କୁ ପ୍ରଧାନ ଏବଂ ସୁବାଶିଷ ମିଶ୍ର, ଆନନ୍ଦ କଅଁର, ରାଜକିଶୋର ପ୍ରଧାନ, ଗୋଲକ ମଲ୍ଲିକ,ଗୋଲକ ପ୍ରଧାନ, କାହ୍ନୁ ପୃଷ୍ଟି, ସନ୍ତୋଷ ପାତ୍ର, ସଂଜୟ ଦିଗାଲ, ବିରେନ୍ଦ୍ର କହଁର, ଅରବିନ୍ଦ ପଟନାୟକ ଙ୍କ ସହ ସତାଧିକ କାର୍ଯ୍ୟ କର୍ତ୍ତା ଯୋଗଦେଇଥିଲେ । ବୈଠକ କୁ ଜିଲ୍ଲା ସାଧାରଣ ସମ୍ପାଦକ ଜଗନ୍ନାଥ ସାହୁ ( ଟିଙ୍କୁ ) ପରିଚାଳନା କରିଥିବାବେଳେ ଅନ୍ୟତମ ସାଧାରଣ ସମ୍ପାଦକ ମୋତିଲାଲ୍ ଦିଗଲ ଧନ୍ୟବାଦ ଦେଇଥିଲେ ।

## ଗଞ୍ଜେଇ ଚାଲାଣ ବେଳେ ଚଢ଼ଉ

ଜୟପୁର,୨୪/୦୯ (ନି.ପ୍ର): ଗଞ୍ଜେଇ ଚାଲାଣ ବେଳେ ଜୟପୁର ସଦର ପୋଲିସ ପାତ୍ରପୁଟ ନିକଟରେ ଚଢଉ କରିଛି । ପୋଲିସକୁ ଦେଖି ଗାଡିକୁ ଛାଡି ଚାଲାଣକାରୀ ମାନେ ଚମ୍ପଟ ମାରିଛନ୍ତି ।ପୋଲିସ ସୂଚନା ଅନୁଯାୟୀ, ଗଞ୍ଜେଇ ଚାଲାଣ ହେଉଥିବା ବିଷୟ ସଦର ପୋଲିସ ସୂଚନା ପାଇଥିଲା । ଏନେଇ ପୋଲିସ ଟିମ ପାତ୍ରପୁଟ ନିକଟରେ ଚଢଉ କରିଥିଲା । ପୋଲିସକୁ ଦେଖି ସବାରି ଗାଡି ଓ ଟାଟା ପିକଅପ ଗାଡି ଛାଡି ଚାଲାଣକାରୀ ମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ ।

# ଟିଟିଲାଗଡ ବିଧାନ ସଭା ନିର୍ବାଚନ ମଣ୍ଡଳୀ ବିକାଶ କମିଟି ବୈଠକ

ବଲାଙ୍ଗିର ,୨୪/୦୯ (ନି.ପ୍ର): ତୁଷୁରା ଉଡାଜାହାଜ ପଡିଆ ସ୍ଥିତ ଅତିଥି ଭବନ ହଲ ଠାରେ ଟିଟିଲାଗଡ ବିଧାନ ସଭା ନିର୍ବାଚନ ମଣ୍ଡଳୀ ବିକାଶ କମିଟି ବୈଠକ ଜଳ ସମ୍ପଦ , ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ତଥା ଟିଟିଲାଗଡ ବିଧାୟିକା ଶ୍ରୀମତୀ ଟୁକୁନି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଲମ୍ବୋଦର ଧରୁଆ , ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ସିଂ, ତୁଷୁରା ଏନଏସିର ଅଧ୍ୟକ୍ଷ ଅଜୟ ଜୟସ୍ୱାଲ , ଗୁଡଭେଲା ଜିଲା ପରିଷଦ ସଦସ୍ୟ ନିଶ୍ୱାସ ଅଗ୍ରୱାଲ , ବିଭିନ୍ନ ବିଭାଗ ର ଜିଲ୍ଲା ସ୍ତରୀୟ ଅଧିକାରୀ, ଗୁଡଭେଲ ବିଡିଓ ବିନୋଦ କୁମାର ନାଏକ ,ଟିଟିଲାଗଡ ବିଡିଓ ନବୀନ କୁମାର ନାୟକ , ସଇଁତଳା ବିଡିଓ ଚନ୍ଦ୍ରମଣି ନାଗ ଙ୍କ ସମେତ ବ୍ଲକ ସ୍ତରୀୟ ଅଧିକାରୀ ଓ କମିଟି ର ସଦସ୍ୟ / ସଦସ୍ୟା ମାନେ ଉପସ୍ଥିତ ଥିଲେ । ଟିଟିଲାଗଡ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତିନିଗୋଟି ବ୍ଲକ ରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନ ଓ ଲୋକାଭିମୁଖୀ ଯୋଜନା ଗୁଡିକର କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ପର୍କରେ ମନ୍ତ୍ରୀ ଶ୍ରୀମତୀ ସାହୁ ସବିଶେଷ ସମୀକ୍ଷା କରିଥିଲେ ।

୨୦୨୨ -୨୩ ଆର୍ଥିକ ବର୍ଷ ରେ ବିଭିନ୍ନ ପ୍ରସ୍ତାବିତ ପ୍ରକଳ୍ପ ଗୁଡିକର ଖର୍ଚ୍ଚ ଅଟକଳ ସମ୍ପର୍କରେ ସମୀକ୍ଷା କରିବା ସହ ନୂତନ ପ୍ରକଳ୍ପ ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରିଥିଲେ । କାର୍ଯ୍ୟ ଚାଲୁଥିବା ୫ ‘ ଟି ରୂପାନ୍ତରଣ ବିଦ୍ୟାଳୟ ଗୁଡିକର କାର୍ଯ୍ୟ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେବାସହ ଯେଉଁ ସବୁ ପ୍ରକଳ୍ପ ଗୁଡିକର କାର୍ଯ୍ୟ ଅସମ୍ପୂର୍ଣ୍ଣ ଅଛି ସେ ସବୁ ର କାର୍ଯ୍ୟ କୁ ତ୍ୱରାନ୍ୱିତ କରି ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଅସମ୍ପୂର୍ଣ୍ଣ ଅଙ୍ଗନବାଡି ଗୃହ ଗୁଡିକର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ସହ ଅଙ୍ଗନବାଡି କେନ୍ଦ୍ର ଗୁଡିକରେ ବିଦ୍ୟୁତ ଓ ପାଣି ର ଉପଲବ୍ଧ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ବିଭିନ୍ନ ଯୋଜନା ତଥା ପ୍ରକଳ୍ପ ଗୁଡିକର କାର୍ଯ୍ୟକାରିତା ଦିଗରେ ବିଭାଗୀୟ ସମନ୍ୱୟ ଉପରେ ସେ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଗୁଡଭେଲା , ଟିଟିଲାଗଡ ଓ ସଇଁତଳା ବ୍ଲକ ରେ ଗୋଟିଏ ଆଦର୍ଶ ଅଙ୍ଗନବାଡି କେନ୍ଦ୍ର ଓ ମିଶନ ଶକ୍ତି କାଫେ କରିବାକୁ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ବିଡିଓ ମାନଙ୍କୁ ମନ୍ତ୍ରୀ ଶ୍ରୀମତୀ ସାହୁ ନିର୍ଦ୍ଦେଶ ଦେଇଥିଲେ ।

ଏତଦବ୍ୟତୀତ ଜାମୁଟ ରୁ ଧାନପୁର ରାସ୍ତା , ଘୁନା ରୁ ବଗବାହାଲ ରାସ୍ତା ର ଉନ୍ନତିକରଣ ,ତୁଷୁରା ରୁ ଗୁଡଭେଲା ,ତୁଷୁରା ଛକ ରୁ ତୁଷୁରା ପର୍ଯ୍ୟନ୍ତ ରାସ୍ତା ର ଉନ୍ନତିକାରଣ ତଥା ରକ୍ଷଣାବେକ୍ଷଣ , ଗୁଡଭେଲା ଏବଂ ବେଲଗାଁ ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ ,ଗ୍ରାମ୍ୟ ଯୋଗାଣ ବିଭାଗ ଦ୍ୱାରା ନିର୍ମାଣଧୀନ ଓଭରହେଡ ଟ୍ୟାଙ୍କ ନିର୍ମାଣ କାର୍ଯ୍ୟ ର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ଏତଦବ୍ୟତୀତ ପ୍ରାଣୀ ସମ୍ପଦ ବିଭାଗ ଜରିଆରେ କାର୍ଯ୍ୟକାରୀ ହେଉଥିବା ଯୋଜନା , ଫସଲ ବୀମା , ସାର ଯୋଗାଣ ର ସ୍ଥିତି , ଇନପୁଟ ସବସିଡି , ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟ ଓ ହଷ୍ଟେଲ, ମୁକ୍ତା ଯୋଜଜନା ଜରିଆରେ ନିର୍ମାଣଧୀନ ବିଭିନ୍ନ ପ୍ରକଳ୍ପ ଗୁଡିକର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ବିଭିନ୍ନ ଆୟସୃଷ୍ଟୀକାରୀ ଓ ଲୋକାଭିମୁଖୀ ଯୋଜନା ମାଧ୍ୟମରେ ଉପଲବ୍ଧ ହେଉଥିବା କାର୍ଯ୍ୟକ୍ରମ ଗୁଡିକ ସମ୍ପର୍କରେ ବ୍ୟାପକ ଜନସଚେତନତା କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ମନ୍ତ୍ରୀ ଶ୍ରୀମତୀ ସାହୁ ନିର୍ଦ୍ଦେଶ ଦେଇଥିଲେ ।

## ଭାରତୀୟ ଶିକ୍ଷଣ ମଣ୍ଡଳ ତରଫରୁ ବୃକ୍ଷରୋପଣ

ବଲାଙ୍ଗୀର ,୨୪/୦୯ (ନି.ପ୍ର): ଭାରତୀୟ ଶିକ୍ଷଣ ମଣ୍ଡଳ ତରଫରୁ ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ସ୍ଥାନୀୟ ଭାଲେର ତଥା ଅନ୍ୟାନ୍ୟ ଗ୍ରାମାଂଚଳରେ ଅନୁଷ୍ଠିତ ହୋଇଥିଲା । ପରିବେଶକୁ ସନ୍ତୁଳିତ ରଖିବା ଏବଂ ଅଂଚଳକୁ ସବୁଜମୟ କରିବା ସହ ଯାଅ ଆସ କରୁଥିବା ପଥିକମାନଙ୍କୁ ଟିକିଏ ଛାଇ ପାଇ ପାରିବା ପାଇଁ ଏହା ଏକ ଛୋଟ ପ୍ରୟାସ ବୋଲି ସଭାପତି ଶ୍ରୀ ମିଶ୍ର କହିଥିଲେ । ମଣ୍ଡଳର ବରିଷ୍ଠ ସଦସ୍ୟ ଧର୍ମବ୍ରତ ରଥ ୭୨ ବର୍ଷ ବୟସରେ ପ୍ରଥମ ଚାରା ଲଗାଇ ସମାଜକୁ ଏକ ବାର୍ତ୍ତା ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମାଜସେବୀ ଆକୁଳ ବେହେରା, ପ୍ରକୃତିବନ୍ଧୁ ନିଳମଣି ବିଶ୍ୱାଲ, ଦିବାକର ହୋତା ପ୍ରମୁଖ କୃଷ୍ଣଚୁଡା, ଦେବଦାରୁ, ଜାମୁ ଓ ଅନ୍ୟାନ୍ୟ ବୃକ୍ଷ ରୋପଣ କରିଥିଲେ । ହଲଦର ସା, ଦିଗାମ୍ବର ବରିହା ପ୍ରମୁଖ ସହଯୋଗ କରିଥିଲେ ।

# ଏସିଡ୍ ଆକ୍ରମଣ ଉପରେ ସଚେତନତା ଶିବିର

ଜୟପୁର,୨୪/୦୯ (ନି.ପ୍ର): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଜୟପୁର ଆନୁକୂଲ୍ୟରେ ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁର ଠାରେ ଆଜି ଏସିଡ୍ ଆକ୍ରମଣ ଉପରେ ସଚେତନତା ଶିବିର ଆୟୋଜନ କରାଯାଇଥିଲା । ଏଥିରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ତଥା ଲୋକ ଅଦାଲତ ବିଚାରପତି ସୁମନ ଜେନା, ଏବଂ ଆଦର୍ଶ କୁମାର ବେହେରା ଦ୍ୱିତୀୟ ଶ୍ରେଣୀ ବିଚାରପତି, ଅରୁପ୍ ଅଭିଶେଖ ବେହେରା, ଏସ୍.ଡ଼ି.ପିଓ ଜୟପୁର, ରାଜଶ୍ରୀ ଦାସ୍, ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀ କୋରାପୁଟ, ଡଃ.ରାମ ମହାନ୍ତି ସୁପରିନ୍ ଟେଣ୍ଡେଣ୍ଟ ସବ୍ ଡିଭିଜ୍ ନାଲ୍ ମେଡ଼ିକାଲ ଜୟପୁର, ପ୍ରକାଶ କୁମାର ପାଲାତ ଅଧିକାରୀ ସନ୍ୟାଗ ଏନ୍ଜିଓ କୋରାପୁଟ, ସିମାଞ୍ଚଳ ମିଶ୍ର ପ୍ରଧାନ ଶିକ୍ଷକ ସରକାରୀ ଉଚ୍ଚବିଦ୍ୟାଳୟ ଜୟପୁର, ଏବଂ ସହଶିକ୍ଷକ ବିଶ୍ୱରଂଜନ ଗୌଡ଼ ଏହି ସଚେତନତା ଶିବିରରେ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଏସି.ଡି ପୀଡ଼ିତାଙ୍କ ପାଇଁ ରହିଥିବା ଆଇନ୍ ଓ ଦଣ୍ଡବିଧାନ ଉପରେ କହିଥିଲେ ଏସିଡି ଆକ୍ରମଣ ହେଉଛି ଗୋଟିଏ ଜଘନ୍ୟ ଅପରାଧ ବୋଲି ଉଚ୍ଚତମ ନ୍ୟାଳୟ ବିବେଚନା କରାଯାଇଛି । ଏହି ଅପରାଧରେ ଜଡ଼ିତ ଥିବା ଅପରାଧି ମାନଙ୍କୁ ଅତିକମରେ ୧୦ ବର୍ଷରୁ ଆଜୀବନ କାରାଦଣ୍ଡ ପର୍ଯ୍ୟନ୍ତ ତାହା ସହିତ ଆର୍ଥୀକ ଦଣ୍ଡରେ ଦଣ୍ଡିତ କରାଯାଇ ଥାଏ । ଏସିଡ଼ି ଆକ୍ରମଣର ଶିକାର ହୋଇଥିବା ପିଡ଼ିତ ପିଡ଼ିତା ମାନଙ୍କୁ ରାଜ୍ୟ ସରକାର ଓ କେନ୍ଦ୍ରସରକାର ତରଫରୁ ଆର୍ଥୀକ ସହାୟତା ଯୋଗାଇ ଦିଆଯାଇଥାଏ । ଏହା ଦ୍ୱରା ଏସିଡ଼୍ ଆକ୍ରମଣର ଶିକାର ହୋଇଥିବା ପିଡ଼ିତା ମାନଙ୍କ ଭବିଷ୍ୟତ ଅନ୍ଧକାର ହୋଇଥାଏ ଏବଂ ତାଙ୍କ ପୂର୍ବ ଜୀବନକୁ ଫେରିପାଇବା ତାଙ୍କ ପକ୍ଷରେ ଅସମ୍ଭବ ହୋଇଥାଏ, ତେଣୁକରି ସରକାରଙ୍କ ତରଫରୁ ଜୀବିକା ଉପାର୍ଜନ ପାଇଁ ତଇଥାନ ଓ ଆର୍ଥିକ ସହାୟତା ଦିଆଯାଇଥାଏ । ଏହିପରି ଅପରାଧ ଅଧିକାଶଂ ଯୁବପୀଢ଼ି ମାନଙ୍କ ମଧ୍ୟରେ ବା ପ୍ରେମବେପାର, ଏକ ତରଫା ପ୍ରେମ, ବିବାହ, ଇତ୍ୟାଦିରେ ଘଟିଥାଏ । ତେଣୁକରି ଛାତ୍ରଛାତ୍ରୀ ଉପଦେଶ ସହକାରେ କହିଥିଲେ ଯେ ଏହିପରି ଅପରାଧଠୁ ନିଜକୁ ଦୁରରେ ରଖିବା ପାଇଁ ଚେଷ୍ଟା କରନ୍ତୁ ଏବଂ ପାଠପଢ଼ାରା ଧ୍ୟାନ ଦିଅନ୍ତୁ ।

# ଆନ୍ଧ୍ର ପଥରେ ଛତିଶଗଡ : ଓଡିଶାରେ ଜମି ଜବରଦଖଲ ପାଇଁ ଚାଲିଛି ପ୍ରୟାସ

ମାଲକାନଗିରି,୨୪/୦୯ (ନି.ପ୍ର): ଓଡ଼ିଶା ସୀମାରେ ବଢ଼ିଚାଲିଛି ଅନୁପ୍ରବେଶ । କୋଟିଆ ଦଖଲ କରିବାକୁ ଆନ୍ଧ୍ରପ୍ରଦେଶ ଦୀର୍ଘ ଦିନ ହେଲା ଜାଲ ବିଛାଇ ଚାଲିଥିବା ବେଳେ ଏବେ ତା’’ ରଣନୀତି ଆପଣାଇଛି ଛତିଶଗଡ଼ । ଛତିଶଗଡ଼ ମଧ୍ୟ ଓଡ଼ିଶା ସୀମାରେ ପ୍ରବେଶ କରିବାକୁ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରି କାମ ଆରମ୍ଭ କରିଦେଲାଣି । କୋରାପୁଟ ଜିଲ୍ଲା କୋଟିଆ ଦଖଲ କରି ଓଡ଼ିଶା ଉପରେ ନିଜ ହକ୍ ଜମାଇବାକୁ ଆନ୍ଧ୍ର ଚେଷ୍ଟାରତ ଥିବା ବେଳେ ଏବେ ଛତିଶଗଡ଼ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଦେଇ ପ୍ରବେଶ ପାଇଁ ଆରମ୍ଭ କରିଛି ପ୍ରୟାସ । ଛତିଶଗଡ଼ର ସୀମାନ୍ତ ଚିନ୍ତାଲ ନାଡ଼ ଗ୍ରାମବାସୀ ମାଥିଲି ବ୍ଲକର ଟେମେରୁପଲ୍ଲୀରେ ଶହ ଶହ ଏକର ଜଙ୍ଗଲ କାଟି ସଫା କରିଦେଇଛନ୍ତି । ପ୍ରାୟ ୭ ଦିନ ଧରି ଏପରି ଘଟଣା ଘଟିଚାଲିଥିବା ବେଳେ ଏବେ ପ୍ରଶାସନର ନିଦ ଭାଙ୍ଗିଛି ।

ସୂଚନା ଅନୁଯାୟୀ, ପ୍ରାୟ ସପ୍ତାହେ ପୂର୍ବେ ଚିନ୍ତାଲ ନାଡ଼ ଗ୍ରାମର ବହୁ ଲୋକ ମାଥିଲି ବ୍ଲକର ଟେମେରୁପଲ୍ଲୀରେ ପ୍ରବେଶ କରିଥିଲେ । ଏହାପରେ ଉକ୍ତ ଅଂଚଳକୁ ନିଜର କହି ସେମାନେ ଶହ ଶହ ଏକର ଜଙ୍ଗଲ କାଟି ସଫା କରିଦେଇଛନ୍ତି । ପ୍ରାୟ ୩ କି.ମି.ରୁ ଉର୍ଦ୍ଧ୍ୱ ଅଂଚଳ ପର୍ଯ୍ୟନ୍ତ ବହୁ ମୂଲ୍ୟବାନ ଗଛ ଧରାଶାୟୀ ହୋଇ ପଡ଼ି ରହିଛି । ସ୍ଥାନୀୟ ଲୋକେ ଛତିଶଗଡ଼ ଅଂଚଳବାସୀଙ୍କୁ ଏପରି ନ କରିବାକୁ ବାରଣ କରିଥିଲେ । ଏପରିକି ସେମାନେ ବର୍ଷ ବର୍ଷ ଧରି ଏହି ଜଙ୍ଗଲ ଜମି ଉପରେ ନିର୍ଭର କରି ଆସୁଥିବା କଥା କହିଥିଲେ । ମାତ୍ର ଛତିଶଗଡ଼ବାସୀ ଏହାକୁ ଖାତିର କରି ନ ଥିଲେ । ଜଙ୍ଗଲ କାଟି ସେମାନେ ଜମି ପ୍ରସ୍ତୁତ କରିବା ପରେ ଏଠାରେ ଜନବସତି କରିବେ ବୋଲି ଜଣାଯାଇଛି । ଏପରିକି ଏହି ଅଂଚଳ ଛତିଶଗଡ଼ର ତେଣୁ ଆମେ ଜଙ୍ଗଲ କାଟିଲୁ ବୋଲି ବି ମୁହଁତୋଡ଼ ଦେଖାଇବାକୁ ପଛାଇ ନାହାନ୍ତି । ଖବର ପାଇ ମାଥିଲି ତହସିଲଦାର ଓ ବନ ବିଭାଗ ଅଧିକାରୀ ଗତକାଲି ଘଟଣାସ୍ଥଳରେ ପହଂଚି ତଦନ୍ତ କରିଥିଲେ । ତେବେ ଏହି ଅଂଚଳ କାହାର ତାହାର ତଦନ୍ତ ଆଜି ଦୁଇ ରାଜ୍ୟର ଅଧିକାରୀମାନେ ଉପସ୍ଥିତ ରହି ସୀମା ନିର୍ଦ୍ଧାରଣ କରିବେ ବୋଲି ସୂଚନା ମିଳିଛି ।

## ପୋଷାକ ବିତରଣ ଉତ୍ସବ

ବଲାଙ୍ଗିର,୨୪/୦୯ (ନି.ପ୍ର): ରାମଗୋପାଳ ହିନ୍ଦୀ ନୋଡାଲ ବିଦ୍ୟାଳୟରେ ଶୁକ୍ରବାର ପୂର୍ବାହ୍ନରେ ସମସ୍ତ ପରିଚାଳନା ସଦସ୍ୟ ସମେତ ସଭାପତି ମନୋଜ ଚୌଧୁରୀ, ପୂର୍ବତନ ଛାତ୍ର ସଭାପତି ସନ୍ତୋଷ ମୋଦୀ, ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ନାୟକ ତଥା ସମସ୍ତ ଶିକ୍ଷକଙ୍କ ଉପସ୍ଥିତିରେ ପୋଷାକ ବଂଟନ କରାଯାଇଥିଲା । ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀ ମାନଙ୍କୁ ନେଇ ସରକାରୀ ଯୋଜନା ଅନୁସାରେ ସିଆରସିସି ଗିରୀଶ ବେହେରା ଏହି କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ।

# ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ପୁରୀ ,୨୪/୦୯ (ନି.ପ୍ର): ଦୁର୍ଗାପୂଜା ଓ ଭସାଣୀ ଉତ୍ସବ କୁ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ କରିବା ଉଦ୍ଦେଶ୍ୟରେ ଏକ ପ୍ରସ୍ତୁତି ବୈଠକ ସଦଭାବନା ସଭାଗୃହ ଠାରେ ଶୁକ୍ରବାର ଅପରାହ୍ନରେ ଅନୁଷ୍ଠିତ ହୋଇଥିଲା ।ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ସମର୍ଥ ବର୍ମା ଦୁର୍ଗାପୂଜା ଶାନ୍ତି ଓ ସଦଭାବନା ର ପ୍ରତୀକ ହୋଇଥିବାରୁ ପ୍ରତ୍ୟେକ ଶୃଙ୍ଖଳାର ସହ ପରିଚାଳନା କରିବାକୁ ଅନୁରୋଧ କରିଥିଲେ । ବୈଠକ ର ନିଷ୍ପତ୍ତି ଅନୁସାରେ ଦଶହରା ଅକ୍ଟୋବର ୫ ତାରିଖରେ ଓ ଭସାଣୀ ଉତ୍ସବ ୬ ତାରିଖରେ ଅନୁଷ୍ଠିତ ହେବ । ଅକ୍ଟୋବର ୧ ତାରିଖରେ ଷଷ୍ଠୀ,୨ ତାରିଖରେ ମହାସପ୍ତମୀ, ୩ ତାରିଖରେ ମହାଷ୍ଟମୀ, ୪ ତାରିଖରେ ନବମୀ ଅନୁଷ୍ଠିତ ହେବ । ପୂଜା ସମୟରେ ପ୍ରତ୍ୟେକ ପୁଜା କମିଟି ଉପଯୁକ୍ତ କର୍ତ୍ତୃପକ୍ଷ ଙ୍କ ଠାରୁ ଅନୁମତି ନେବା ସହ ଅଗ୍ନି ନିର୍ବାପକ ବ୍ୟବସ୍ଥା କରିବା, ରାସ୍ତା ଅବରୋଧ ନ କରିବା, ସ୍ୱଚ୍ଛତା ବ୍ୟବସ୍ଥା କରିବେ । ଭସାଣୀ ଦିନ ସିଂହଦ୍ୱାର ଠାରେ ସମସ୍ତ ମେଢ଼ ଗୁଡିକ ଏକତ୍ରିତ ହେବେ । ସେଠାରେ ମେଢ ପ୍ରଦର୍ଶନ କରାଯିବା ପରେ ଭସାଣୀ ଉତ୍ସବ ଅନୁଷ୍ଠିତ ହେବ । ମେଢ ଗୁଡିକ ମଙ୍ଗଳାହାଟ ସ୍ଥିତ ଅସ୍ଥାୟୀ ପୋଖରୀରେ ବିସର୍ଜିତ ହେବେ । ବିସର୍ଜନ ସ୍ଥଳରେ ମୁନିସିପାଲ୍ଟି ପକ୍ଷରୁ ଆଲୋକ ବ୍ୟବସ୍ଥା, କ୍ରେନ ବ୍ୟବସ୍ଥା, ଆରକ୍ଷୀ ବିଭାଗ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା,ଟ୍ରାଫିକ ନିୟନ୍ତ୍ରଣ, ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିର୍ବାପକ ଓ କୌଣସି ଦୁର୍ଘଟଣା ପାଇଁ ପଦକ୍ଷେପ ନେବା,ପୂଜା ଓ ଭସାଣୀ ସମୟରେ ପାନୀୟ ଜଳ ବ୍ୟବସ୍ଥା, ଆଲୋକ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ଇତ୍ୟାଦି ବ୍ୟବସ୍ଥା ସମ୍ପୃକ୍ତ ବିଭାଗ ମାନେ କରିବାକୁ ଅନୁରୋଧ କରାଗଲା ।ପୂଜା କମିଟି ମାନେ ଶୃଙ୍ଖଳାରକ୍ଷା ଓ ସୁରକ୍ଷା ପାଇଁ ସ୍ୱଛାସେବୀ ନିୟୋଜନ କରିବା,ସି ସି ଟିଭି ଲଗାଇବା, ପୂଜା କମିଟି ର ସ୍ୱଚ୍ଛାସେବୀ ଙ୍କୁ ଚିହ୍ନଟ ପାଇଁ ପରିଚୟ ପତ୍ର ବ୍ୟବସ୍ଥା କରିବା କୁ ଅନୁରୋଧ କରାଯାଇଥିଲା । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ଦିଲ୍ଲୀପ କୁମାର ମହାପାତ୍ର, ଉପଜିଲ୍ଲାପାଳ ଭବତାରଣ ସାହୁ, ଅତିରିକ୍ତ ଏସ ପି ମିହିର ପ୍ରସାଦ ମହାନ୍ତି, ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ,ସିଟି ଡିଏସପି କେ କେ ହରିପ୍ରସାଦ, ବିଭିନ୍ନ ବିଭାଗର ଅଧିକାରୀ, ପୂଜା କମିଟିର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଜୟପୁର ବେଲ ରୋଡର ୨ଟି ଦୋକାନ ସିଲ କଲା ପ୍ରଶାସନ

ଜୟପୁର,୨୪/୦୯ (ନି.ପ୍ର): ଜୟପୁର ସହରର ବେଲ ରୋଡରେ ଥିବା ୨ଟି ଦୋକାନକୁ ସିଲ କରିଛଇ ପୌର ପ୍ରଶାସନ । ସହର ବେଲ ରୋଡ ଏକ ଜନଗହଳି ଅଞ୍ଚଳ ହୋଇଥିବା ବେଳେ ଏଠାରେ ବ୍ୟବସାୟ କରୁଥିବା ବ୍ୟବସାୟୀ ମାନେ ରାସ୍ତା ଉପରେ ଅବରୋଧ କରି ବ୍ୟବସାୟ କରୁଛନ୍ତି । ଏନେଇ ପୌର ପାଳିକା ତରଫରୁ ବାର ବାର ସଚେତନ କଲେ ମଧ୍ୟ ସେ ମାନେ ରାସ୍ତା ଉପରେ ଅବରୋଧ କରି ବ୍ୟବସାୟ କରୁଥିଲେ । ଫଳରେ ଟ୍ରାଫିକ ସମସ୍ୟା ଉପୁଜୁଥିଲା । ଏନେଇ ପୌର ପ୍ରଶାସନ ସିଲ କରିଥିବା ଜଣାଯାଇଛି ।

## ବିଜେଡି ବୋରଡ଼ା ତରଫରୁ ଫାଣ୍ଡି ଅଧିକାରୀ ଶ୍ରୀ ଚନ୍ଦ୍ରହସ୍ୟ ସାହୁଙ୍କୁ ସୌଜନ୍ୟ ମୂଳକ ସ୍ୱାଗତ ସମର୍ଦ୍ଧନା

ଭବାନୀପାଟଣା,୨୪/୦୯ (ନି.ପ୍ର) : ଆଜି ଭବାନୀପାଟଣା ବ୍ଲକ ବିଜେଡି ଦଳ ତରଫରୁ ନୂଆଁ ଫାଣ୍ଡି ଅଧିକାରୀ ଶ୍ରୀ ଚନ୍ଦ୍ରହାସ୍ୟ ସାହୁଙ୍କୁ ସୌଜନ୍ୟ ମୂଳକ ସ୍ୱାଗତ ସମର୍ଦ୍ଧନା କରିଥିଲେ । ଏହି ସୌଜନ୍ୟ ମୂଳକ ସାକ୍ଷାତରେ ବିଜେଡି ଦଳ ବ୍ଲକ ଯୁବ ସଭାପତି ଶ୍ରୀ ସୁଶୀଲ କୁମାର ସାହୁ, ଅଶ୍ୱିନ କୁମାର ଭୋଇ, ରାମଚନ୍ଦ୍ର ରଣା, ଘନଶ୍ୟାମ ଛୁରା, ସୁଲ ବାଗ, ନରେଶ ହରପାଲ, ନଳିନୀ ବେମାର, ଅମିତ ଭୋଇ, ଅଶ୍ୱୀନ କୁମାର ସାହୁ, ଜୟକୃଷ୍ଣ ବେହେରା ପ୍ରମୁଖ ଅନେକ ବିଜେଡି କର୍ମକର୍ତ୍ତା ଉପସ୍ଥିନ ରହି ଅଂଚଳର ଆଇନ ଶୃଙ୍ଖଳା, ଚୋରି, ଡକାୟତି ରାହାଦାନୀ ତଥା ଉଚିତ ନ୍ୟାୟ ପ୍ରଦାନ କରିବା ଭଳି, ଠିକ ଭାବରେ ପରିଚାଳନା କରିବାକୁ ଆଲୋଚନା କରିବା ପରେ, ଫାଣ୍ଡି ଅଧିକାରୀ ଦୃଢ଼ୋକ୍ତି ପ୍ରଦାନ କରିବା ସହ ସମସ୍ତଙ୍କ ସହଯୋଗ କରିବାକୁ ପ୍ରକାଶ କରିଥିଲେ ।

## କଳାହାଣ୍ଡି ଜିଲ୍ଲା ବିଜେପି ଦଳର ସେବା ସପ୍ତାହ

ଭବାନୀପାଟଣା,,୨୪/୦୯ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଉପଲକ୍ଷେ ସାରାଦେଶରେ ସେବା ସପ୍ତାହ ଚାଲୁଥିଲାବେଳେ କଳାହାଣ୍ଡି ଜିଲ୍ଲାରେ ମଧ୍ୟ ସ୍ୱଛ ଭାରତ ଅଭିଯାନ ଜିଲ୍ଲା ସଂଯୋଜକ ଶ୍ରୀ ଲୋକନାଥ ଦୁର୍ଗାଙ୍କ ନେତୃତ୍ୱରେ ଜିଲ୍ଲାର ୪୦ ଗୋଟି ମଣ୍ଡଳରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହିସବୁ କାର୍ଯ୍ୟକ୍ରମରେ ସମସ୍ତ ମଣ୍ଡଳ ସଭାପତି, ଜିଲ୍ଲାର ବରିଷ୍ଠ ନେତୃତ୍ୱ ଉପସ୍ଥିତ ରହିଥିଲେ । ଭବାନୀପାଟଣା ନିର୍ବାଚନ ମଣ୍ଡଳୀରେ ବୋର୍ଡ ମଣ୍ଡଳ ସଭାପତି ବିଭୀଷଣ ସାହୁ, ହୃଦା ସାହୁ, ଦେପୁର ମଣ୍ଡଳରେ ଭାରତ ଭୁଧିଆ, କରଲାପଡା ମଣ୍ଡଳରେ ବାନୀଭୂଷଣ ପ୍ରଧାନ, ଚୂଡ଼ାମଣି ନାଏକ, ଭବାନୀପାଟଣା ନଗର ମଣ୍ଡଳରେ ସଭାପତି ସନ୍ତୋଷ ବିଶି, ନରହରି ପଟ୍ଟନାୟକ, ଜିଲ୍ଲା ସଭାପତି ଦେବେନ୍ଦ୍ର ମହାନ୍ତି, ଦୀପ ଜ୍ୟୋତି ମୁଣ୍ଡ, ପ୍ରଶାନ୍ତ ସାହୁ, ଯୁଗଳ ପୋଡ଼, ମନୋଜ ସାହୁ, ରାଜୁ ବାରିକ, ଭଳି ଅନେକ କାର୍ଯ୍ୟ କର୍ତ୍ତା ନିଜର ନିଜର ମଣ୍ଡଳ ରେ ରହି ସ୍ୱଛତା କାର୍ଯ୍ୟକ୍ରମ କରି ପ୍ରଧାନମନ୍ତ୍ରୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ ଥିଲେ ।

## ଦୁର୍ଗାପୂଜା ଶାନ୍ତି କମିଟି ଓ ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା ,୨୪/୦୯ (ନି.ପ୍ର): ଆଗାମୀ ଦୁର୍ଗାପୂଜା ଉପଲକ୍ଷେ ଶାନ୍ତି କମିଟି ଓ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ପ୍ରେକ୍ଷାଗୃହରେ ଜିଲ୍ଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ, ଅତିରିକ୍ତ ଜିଲ୍ଲାପାଳ ( ସାଧାରଣ ) ପ୍ରବୀର କୁମାର ନାୟକ ଓ ଉପ ଜିଲ୍ଲାପାଳ ଦୟାମୟ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାପାଳ ଶ୍ରୀ ସାମଲ ଆଗାମୀ ଦୁର୍ଗାପୂଜା ଶାନ୍ତି ଶୃଙ୍ଖଳା, ସାମ୍ପ୍ରଦାୟିକ ସଦଭାବ ଓ ଭାଇଚାରା ମଧ୍ୟରେ ପାଳନ ପାଇଁ ସମସ୍ତଙ୍କର ସହଯୋଗ କାମନା କରି ପୂଜା ପାଇଁ ଆବଶ୍ୟକୀୟ ଅନୁମତି ହାସଲ କରିବା ଓ ନୀତି ନିୟମ ଅନୁପାଳନ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି । ଆଇନ ଶୃଙ୍ଖଳା ରକ୍ଷା ପୂର୍ବକ ଶାରଦୀୟ ପୂଜା ପାଳନ କରିବା ଓ ପୁଲିସ ପ୍ରଶାସନ ସହିତ ସହଯୋଗ ପାଇଁ ଆରକ୍ଷୀ ଅଧିକ୍ଷକ କହିଥିଲେ । ପୂଜା ମଣ୍ଡପରେ ଅଗ୍ନି ନିର୍ବାପକ ବ୍ୟବସ୍ଥା, ଡ଼ାକବାଜି ଯନ୍ତ୍ର ବ୍ୟବହାର, ବିସର୍ଜନ ଶୋଭାଯାତ୍ରା ଆଦି ସକାଶେ ନିୟମର ଅନୁପାଳନ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । ଆଗାମୀ ଅକ୍ଟୋବର ୭ତାରିଖରେ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହେବାକୁ ବୈଠକରେ ସ୍ଥିର କରାଯାଇଥିଲା । ସର୍ବସାଧାରଣ ସ୍ଥାନମାନଙ୍କରେ ମଦ୍ୟପାନ ନ କରିବା , ଅତ୍ୟୁଚ୍ଚ ଶବ୍ଦଯୁକ୍ତ ବାଇକ ନ ଚଳାଇବାକୁ ସତର୍କ କରାଇ ଦିଆଯାଇଛି । ଏପରି ସ୍ଥଳେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ପୂଜା ପୂର୍ବରୁ ଆବଶ୍ୟକୀୟ ରାସ୍ତାଘାଟ ମରାମତି ଓ ଆଲୋକ ବ୍ୟବସ୍ଥା ବ୍ୟବସ୍ଥିତ କରିବା ସକାଶେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଗୃହ ପାଳିତ ଗୋରୁଗାଇ ଆଦି ରାସ୍ତାକୁ ନ ଛାଡିବାକୁ ମଧ୍ୟ ସତର୍କ କରାଇ ଦିଆଯାଇଛି । ବୈଠକରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ ଜିଲ୍ଲାର ସମସ୍ତ ପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ବରୁହାଁ-ବ୍ରହ୍ମବରଦା ରାସ୍ତା ଅବସ୍ଥା ଶୋଚନୀୟ

ଧର୍ମଶାଳା,୨୪/୦୯ (ନି.ପ୍ର): ଲଗାଣ ବର୍ଷାରେ ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି । ଫଳରେ ଯାତାୟତରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ଜିଲା ବରୁହାଁ-ବ୍ରହ୍ମବରଦା ମୁଖ୍ୟ ରାସ୍ତାର ବିଭିନ୍ନ ସ୍ଥାନରେ ବଡବଡ ଖାଲଖମା ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ଏହି ରାସ୍ତାର ଶଙ୍ଖମଠସ୍ଥିତ ପୁରୁଣା ସେତୁ ଉପରେ ବଡବଡ ଖାଲ ସୃଷ୍ଟି ହୋଇଛି । ଖାଲରେ ପାଣି ଜମି ରହିବା ପରେ ଏହି ରାସ୍ତାରେ ଯାତାୟତ କରୁଥିବା ଲୋକେ ଜାଣି ନ ପାରି ଖାଲରେ ପଡି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ବିଶେଷ କରି ବୟସ୍କ ଲୋକେ ବହୁତ ହଇରାଣ ହରକତ ହେଉଥିବା ଦେଖିବାକୁ ମିଳିଛି । ସେହିପରି ଝାଲପଡା ଓ ଖଣ୍ଡାସ ଠାରେ ବହୁ ସ୍ଥାନରେ ପିଚୁ ଉଠିଗଲାଣି । ଏହି ରାସ୍ତା ଦେଇ ବହୁ ଭାରିଯାନ ଚଳାଚଳ କରିବାରୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି । କୃଷ୍ଣଦାସପୁରରୁ ବରୁହାଁ ପର୍ଯ୍ୟନ୍ତ ଦୈନନ୍ଦିନ ଶହଶହ ଗାଡି ମୋଟର ଚଳାଚଳ କରୁଛି । ଏହା ଜିଲାର ମୁଖ୍ୟ ରାସ୍ତା ହୋଇଥିବାରୁ ସ୍ଥାନୀୟ ଅଂଚଳର ୨୦ରୁ ଉର୍ଦ୍ଧ ଜନସାଧାରଣ ଏହି ରାସ୍ତା ଦେଇ ବିଭିନ୍ନ ଅଂଚଳକୁ ଯାତାୟତ କରିଥାନ୍ତି । ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିବାରୁ ବିଦ୍ୟାଳୟ, କଲେଜର ଛାତ୍ରଛାତ୍ରୀ ଓ ବୟସ୍କ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ରାସ୍ତାର ତୁରନ୍ତ ମରାମତିର ଆବଶ୍ୟକତା ରହିଛି । ଜିଲା ପ୍ରଶାସନ ଏହି ରାସ୍ତା ପ୍ରତି ଦୃଷ୍ଟି ଦେଇ ସ୍ଥାୟୀ ପ୍ରତିକାର କରିବାକୁ ଅଂଚଳବାସୀ ଦାବି କରିଛନ୍ତି ।

## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୯୨

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଏଥିରେ ସେ ଅଗ୍ନିଶର୍ମା ହୋଇଗଲେ । ତାଙ୍କ ଗଳା ଯେତିକି ଉପରକୁ ଚଢ଼ିଲା ମୁଁ ସେତିକି ହସିଲି । ପରେ ସେ ପ୍ରକୃତିସ୍ଥ ହେଲାରୁ ତାଙ୍କ ଏହି ମର୍ମରେ ଉପଦେଶ ଦେଇ କହିଲି, 'ଦେଖ ସନାତନ ବାବୁ! କଥାଟାକୁ ବଡ଼ ଭୁଲ ବୁଝୁଛ । ତୁମ ଝିଅ ସ୍ୱାମୀ ସହିତ ତାହାର ଜୀବନ କଟାଇବ । ସୁତରାଂ ତାହାର ରୁଚି ଓ ଅଭିଳାଷାନୁସାରେ ତାକୁ ତୁମ୍ଭଙ୍କୁ ତୟାର କରିବାକୁ ହେବ । ସେ ତ ତୁମ୍ଭ ଝିଅକୁ କୌଣସି ପ୍ରକାର ମନ୍ଦ ଶିକ୍ଷା ଦେବାକୁ କହୁନାହିଁ । ତୁମ୍ଭ ପାଟଣାରେ ଅଛ, ସେଠାରେ ବାଳିକା ସ୍କୁଲରେ ତୁମ୍ଭ ଝିଅକୁ ପଢ଼ାଇବା କେଡ଼େ ସୁବିଧା ଅଛି । ଝିଅମାନଙ୍କୁ ପାଠ ପଢ଼ାଇବା ସପକ୍ଷରେ ମୋ ମନରେ ଆଉ ଗୋଟିଏ ଧାରଣା ଦୃଢ଼ବଦ୍ଧ ହୋଇ ରହିଅଛି । ପାଠ ଅଛି ମନ୍ଦ ଜିନିଷ ନୁହେଁ । ଅନ୍ୟ କଥା ଛାଡ଼, ଧର କାହାଣି ଦୁର୍ଭାଗ୍ୟ ଯଦି ହଠାତ୍ ଆସି ଉପସ୍ଥିତ ହୁଏ, ତାହାହେଲେ ଏହି ପାଠ ବଳରେ ହିଁ ସେ ସ୍ୱାବଲମ୍ବୀ ଜୀବନଯାପନ କରିପାରିବ ।' ତଥାପି ସନାତନ ବାବୁ କହିଲେ ଯେ, ସେ ମୋ ସହିତ ଏକମତ ନୁହଁନ୍ତି । ଯାହାହେଉ ପଛକେ ତାଙ୍କ ଝିଅକୁ ସେ ଇଂରେଜୀ ପାଠ ପଢ଼ାଇବେ ନାହିଁ । ଦୈବଦୁର୍ବିପାକ ଦେଖନ୍ତୁ । ଭାଗ୍ୟ କାହାରି ହାତର ମୁଠାରେ ନାହିଁ । ବ୍ରଜମୋହନ ବାବୁଙ୍କ ପୁଅ ସହିତ ସନାତନ ବାବୁଙ୍କ ଝିଅର ବିବାହ ହୋଇଗଲା ଓ ଦୁର୍ଭାଗ୍ୟକ୍ରମେ ବିବାହର ବର୍ଷକ ମଧ୍ୟରେ ଝିଅ ବିଧବା ହେଲା । ଜାମାତାର ମୃତ୍ୟୁର ଅବ୍ୟବହିତ ପରେ ସନାତନବାବୁ ବିଧବା ଝିଅକୁ ସ୍ୱଗୃହକୁ ଘେନି ଆସିଲେ ଓ ଗୃହ ଶିକ୍ଷକ ରଖି ତାକୁ ପାଠ ପଢ଼ାଇଲେ । ଯଥା ସମୟରେ ସେ ମେଟ୍ରିକୁଲେସନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା ଓ ସମ୍ବଲପୁର ବାଳିକା ସ୍କୁଲରେ ଅଳ୍ପଦିନ ସକାଶେ ଶିକ୍ଷୟିତ୍ରୀ କାର୍ଯ୍ୟକଲା । ତତ୍ପରେ ଓଡ଼ିଶା ସରକାରଙ୍କ ବୃତ୍ତି ପାଇ ବୋଲପୁର ଶାନ୍ତିନିକେତନକୁ ଚାରୁକଳା ଶିକ୍ଷା ସକାଶେ ଯାଇ ସେଠାରୁ ଫେରି ଓଡ଼ିଶା ଶିକ୍ଷା ବିଭାଗରେ କିଛିଦିନ ଚାକିରି କଲା । ପରେ ଅସବର୍ଣ୍ଣ ବିବାହ କରି ବାଲେଶ୍ୱର ଜିଲ୍ଲାରେ ଦ୍ୱିତୀୟ ସ୍ୱାମୀ ସହିତ ରହିଅଛି ।

କ୍ରମେ କ୍ରମେ ସମୁଦି ଓ ତାଙ୍କ ପ୍ରରୋଚନାରେ ତାଙ୍କ ମନୋଭାବାପନ୍ନ କେତେକ ବ୍ୟକ୍ତିଙ୍କ ମୋ ପ୍ରତି ନିର୍ଯ୍ୟାତନା ଆରମ୍ଭ ହେବା ଅନୁଭବ କଲି । ସମ୍ବଲପୁର ଝାଡୁଆପଡ଼ାରେ ଅଧିକାଂଶ ଝାଡୁଆ ବ୍ରାହ୍ମଣମାନଙ୍କ ନିବାସ । ମୋର ବନ୍ଧୁବାନ୍ଧବ ସମସ୍ତେ ଏହି ଝାଡୁଆପଡ଼ାରେ । ଏହି ସମୟରେ ମୋର ଚାରୋଟି ଝିଅଙ୍କ ଶାଶୁଘର ଏହି ଝାଡୁଆପଡ଼ାରେ । ଏହି ସମୟରେ ମୋର ଚାରୋଟି ଝିଅଙ୍କ ଶାଶୁଘର ଏହି ଝାଡୁଆପଡ଼ାରେ । ଏ ସମସ୍ତଙ୍କଠାରୁ ସଦ୍‌ବ୍ୟବହାର ପ୍ରାପ୍ତି ଆଶା କରାଯାଏ, କିନ୍ତୁ ଦେଖିଲି ଏହି ଝାଡୁଆପଡ଼ା ଭିତରେ ଚାଲିବା ସୁଦ୍ଧା ମୋ ଝିଅମାନଙ୍କ ପକ୍ଷରେ କ୍ରମେ ଦୁଷ୍କର ହେବାକୁ ଲାଗିଲା । ସମ୍ବଲପୁରରେ ଆଜି ସୁଦ୍ଧା ଯଦି କୌଣସି ବିଷୟରେ ସଂସ୍କାର ଆବଶ୍ୟକ ତାହାହେଲେ ସ୍ତ୍ରୀମାନଙ୍କ ପରିଧାନ ପ୍ରଣାଳୀରେ ଏହି ସଂସ୍କାର ଶୀର୍ଷସ୍ଥାନ ଅଧିକାର କରିବା ଉଚିତ । ପ୍ରଥମରେ ଯେତେବେଳେ ମୋ ଝିଅମାନେ ଶାଢ଼ୀକୁ ଘେରାଇ ପିନ୍ଧିବା ଆରମ୍ଭ କଲେ, ସେମାନେ ସଡ଼କରେ ବିଶେଷ ଦର୍ଶନୀୟ ଓ ବିଦ୍ରୂପର ବିଷୟ ହୋଇଥିଲେ । ବାଳିକାମାନଙ୍କୁ ଏହି ପ୍ରକାରେ ଲୁଗା ପିନ୍ଧିବାକୁ ମୁଁ ଉପଦେଶ ଦିଏଁ । ଘେରା ଲୁଗା ପିନ୍ଧି ଯାଉଥିବା ସମୟରେ କୌଣସି କୌଣସି ଭଦ୍ର ମହିଳାଙ୍କ ମୁଖରୁ ସୁଦ୍ଧା ମନ୍ତବ୍ୟ ବାହାରେ, 'ଦେଖ ତ ରାଣ୍ଡେ ନାଚନୀବାଗିର ଦିଶି ମରୁଛନ୍' (ଦେଖ ତ ରାଣ୍ଡେ ନାଚୁଣୀ ପରି ଦିଶୁଛନ୍ତି) ସେମିଜ୍, ବ୍ଲାଉଜ୍ କେହି ପିନ୍ଧୁନଥିଲେ । ବାଳିକା ସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କହି ଏହା ପିଲାଦିନରୁ ପିନ୍ଧିବାକୁ ଶିକ୍ଷା କରିବା ସକାଶେ ବାଳିକାମାନଙ୍କୁ ବାଧ କରାଇଲି । ସମୁଦିଙ୍କ ଏହା ବିରୁଦ୍ଧରେ ଯୁକ୍ତିହେଲା- ଘେରା ପିନ୍ଧାରେ ଅଳ୍ପ ମୂଲ୍ୟରେ ସାତ ଆଠ ହାତର ଲୁଗା ନହୋଇ ୧୦/୧୧ ହାତ ହେବ । ପୁଣି ସେମିଜ୍, ବ୍ଲାଉଜ୍ ସୁଦ୍ଧା ବ୍ୟୟସାପେକ୍ଷ । ଏପରି ଲୋକଙ୍କୁ ବୁଝାଇବ କଣ? କିନ୍ତୁ ହେଲା କଣ? କାଳର ପ୍ରଭାବରେ ମନୁଷ୍ୟଙ୍କ ମଧ୍ୟରେ ଯେଉଁ ମାନସିକ ପରିବର୍ତ୍ତନର ସ୍ରୋତ ପ୍ରବାହିତ ହେବାକୁ ବସେ ତାହା କେହି ରୋଧ କରିପାରେ ନାହିଁ । ଏହି ରକ୍ଷଣଶୀଳ ଦଳ ଗଲେ କାହିଁ? ଏମାନଙ୍କ ମଧ୍ୟରୁ ଅନେକେ ଜୀବିତ ରହି ଆଜିସୁଦ୍ଧା ସ୍ୱଚକ୍ଷୁରେ କାଳର ବିଶୁଦ୍ଧ ପରିବର୍ତ୍ତନ ଦର୍ଶନ କରୁଛନ୍ତି । ଆଜି ସୁଦୂର ମଫସଲକୁ ସୁଦ୍ଧା ଗଲେ ସ୍ତ୍ରୀମାନଙ୍କ ଘେରା ପିନ୍ଧା ଦେଖିବାକୁ ମିଳେ । ମଫସଲ ସ୍କୁଲମାନଙ୍କରେ ସୁଦ୍ଧା ବାଳିକାମାନଙ୍କ ପୂର୍ବକାଳର ଅର୍ଦ୍ଧୋଲ୍ଲଙ୍ଗ ପରିଧେୟ ପରିବର୍ତ୍ତରେ ସୁରୁଚିସମ୍ପନ୍ନ ପ୍ରଣାଳୀରେ ପରିଧେୟ ବ୍ୟବହୃତ ହେଉଅଛି । କ୍ରମେ ଘର ଭିତରକୁ ଏହା ପ୍ରବେଶ କଲାଣି । ପ୍ରୌଢ଼ ବୟସ୍କା ମହିଳାମାନଙ୍କୁ ସୁଦ୍ଧା ପୂର୍ବଧରଣର ପିନ୍ଧା ଭଲ ଲାଗୁନାହିଁ । ଦୋକାନରେ ଆଠହାତ ଲମ୍ବ ଶାଢ଼ୀ ଆଉ ମିଳୁନାହିଁ । ସାଧାରଣ ବ୍ୟବହାର୍ଯ୍ୟ ଶାଢ଼ୀ ୧୧-୧୨ ହାତ ଲମ୍ବର । ଆମ୍ଭେମାନେ ତ ଯାହା ଦେଖୁ ହଠାତ୍ ତାହା ଶିଖି ପକାଉ । ହୀରାକୁଦ ବନ୍ଧ ନିର୍ମାଣ ସମ୍ପର୍କରେ ବହୁସଂଖ୍ୟକ ପଞ୍ଜାବୀ ଆସି ସମ୍ବଲପୁରରେ ରହିଲା ଦିନଠାରୁ ଅନେକ ଯୁବତୀଙ୍କୁ ସୁଦ୍ଧା ପଞ୍ଜାବୀ ପାଇଜାମା ଓ ସାଲୁଆର ପିନ୍ଧି ସଡ଼କରେ ଯାତାୟତ କରୁଥିବା ଦେଖିବାକୁ ମିଳୁଅଛି ।

କାଳର ପ୍ରଭାବରେ ଯେ କେତେ ପ୍ରକାର ଲୋକଙ୍କ ମନୋଭାବ ପରିବର୍ତ୍ତିତ ଓ ପରିମାର୍ଜିତ ହେଉଅଛି ନିମ୍ନଲିଖିତ କେତେକ ଘଟଣାରୁ ଦେଖିବାକୁ ମିଳିବ । ସମ୍ବଲପୁରରେ ବାଳିକାସ୍କୁଲ ବହୁଦିନ ପୂର୍ବରୁ ମଧ ଓଡ଼ିଆ ଥିଲା । ମୋର ଯେତେଦୂର ସ୍ମରଣ ହୁଏ ୧୯୩୬ ବା ୧୯୩୭ ସାଲରେ ଏହା ମଧ ଇଂରେଜୀକୁ ଉନ୍ନୀତ ହେଲା । ଏ ସମ୍ବନ୍ଧରେ ଘଟଣା ଅବିସ୍ମରଣୀୟ । ସେତେବେଳେ ମୁଁ କଟକରେ ଚାକିରିରେ । ମୋ ଝିଅମାନେ ରେଭେନ୍ସା ବାଳିକାସ୍କୁଲରେ ପଢ଼ୁଥାନ୍ତି । ଏହି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ନିର୍ମଳବାଳା ନାୟକ ବିହାର ଓ ଓଡ଼ିଶା ପ୍ରଦେଶର ସ୍କୁଲ ଇନ୍‌ସପେକ୍‌ଟ୍ରେସ୍ ପଦ ପ୍ରାପ୍ତ ହୋଇ ଚାଲିଗଲେ । ଏହି ପଦକୁ ତାଙ୍କ ଉନ୍ନତି ହୋଇଥିବା ଶୁଣି ତାଙ୍କୁ ଅଭିନନ୍ଦନ ଜଣାଇବା ସକାଶେ ଦିନେ ଯାଇ ତାଙ୍କୁ ସାକ୍ଷାତ କଲି । ସେହି ସମୟରେ କଥା ପ୍ରସଙ୍ଗରେ ସମ୍ବଲପୁର ମଧଓଡ଼ିଆ ବାଳିକାସ୍କୁଲକୁ ମଧଇଂରେଜୀରେ ପରିଣତ କରିଦେବା ସକାଶେ ଅନୁରୋଧ କଲି । କଟକ ତ୍ୟାଗକରି ଚାଲିଯିବା କେତେକ ଦିନ ପରେ ସେ ମୋତେ ଲେଖିଲେ ଯେ ସେ ସମ୍ବଲପୁର ଗସ୍ତରେ ଯାଉଅଛନ୍ତି ଓ ସମ୍ବଲପୁର ମଧଓଡ଼ିଆ ସ୍କୁଲକୁ ମଧଇଂରେଜୀରେ ପରିଣତ କରିବା ସମ୍ବନ୍ଧରେ ତଦନ୍ତ କରିବେ । ଗସ୍ତ ପ୍ରୋଗ୍ରାମ ସୁଦ୍ଧା ମୋଠାକୁ ପଠାଇ ଦେଇଥିଲେ । ସେହି ସମୟକୁ ଛୁଟିନେଇ ମୁଁ ସମ୍ବଲପୁରକୁ ଆସିଲି ଓ ଏହି ବିଷୟ କେତେକ ବନ୍ଧୁଙ୍କୁ କହିଲି । ମିସ୍ ନାୟକ ନିର୍ଦ୍ଦିଷ୍ଟ ସମୟରେ ଆସିଲେ ଓ ମୋ ସହିତ ସାକ୍ଷାତ ସମୟରେ କହିଲେ ଯେ ମଧଇଂରେଜୀ ବାଳିକା ସ୍କୁଲ ସକାଶେ ସ୍ଥାନୀୟ ଲୋକେ ସେମାନଙ୍କ ଦାବି ଜଣାଇବା ଉଚିତ । ତାହା ହେଲେ ସେହି ଦିଗରେ କାର୍ଯ୍ୟାନୁଷ୍ଠାନ କରିବାକୁ ତାଙ୍କୁ ସହଜ ହେବ । ଗୋଟିଏ ସଭାର ଯୋଗାଡ଼ କରାହେଲା । କେହି ଆସିଲେ ନାହିଁ । ସମୟର ସ୍ୱଳ୍ପତା ଯୋଗୁଁ ବା କେହି ସଭାର ସମ୍ବାଦ ପାଇ ନଥିବେ- ଏହି ଭାବନାରେ ଦୁଇଦିନ ପରେ ପୁଣି ସଭାର ବିଜ୍ଞାପନ ଦିଆହେଲା । ଏଥର ଆସିଲେ ମାତ୍ର ଦୁଇଜଣ, କବିରାଜ ଯୋଗେନ୍ଦ୍ର ମହାରଣା ଓ ରାୟସାହେବ ଅନିରୁଦ୍ଧ ପଟେଲ, ଯାହାଙ୍କ ଘରର ଝିଅମାନେ ସ୍କୁଲରେ ପଢୁନଥିଲେ । ଲଜ୍ଜା ଓ ଦୁଃଖରେ ଅଭିଭୂତ ହୋଇ ମିସ୍ ନାୟକଙ୍କୁ ଜନମତ ସଂଗ୍ରହ ସକାଶେ ଆଉ କିଛି ସମୟ ଦେବାପାଇଁ ଅନୁରୋଧ କଲି । ସେ କହିଲେ ଯେ ବରପାଲି, ସାହେଲା ଆଡ଼କୁ ସେ ଗସ୍ତରେ ଯିବେ ଓ ତିନିଦିନ ପରେ ଫେରି ସେ ଲୋକଙ୍କ ମତ ପାଇବା ଆଶା କରନ୍ତି । (କ୍ରମଶଃ)

## ପର୍ଦ୍ଦା ପଛର କଥା



ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ । ପ୍ରାୟ ୯୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି । ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ । ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ ।

ଭାଗ- ୬୭

### ॥ ୨୦୧୭ର ସ୍ୱପ୍ନ ॥

୨୦୧୬ ପରି ୨୦୧୭ରେ ମଧ ଛଅଗୋଟି ଚଳଚ୍ଚିତ୍ର (ମୋ ଲିଖିତ) ମୁକ୍ତିଲାଭ କରିଥିଲା । ଏ ବର୍ଷ ମଧ ମୋ ପାଇଁ ସଫଳତା ଆଉ ବିଫଳତା ମିଶ୍ରିତ ଫଳ । ଏକ୍ସଲ ମୁଭିଜ୍ ପ୍ରଯୋଜିତ ରବୀନ୍ଦ୍ର ପଣ୍ଡାଙ୍କ 'ଦିଲ୍‌କା ରାଜା' ନିର୍ଦ୍ଦେଶକ ଦିଲ୍ଲୀପ ପଣ୍ଡାଙ୍କ ନିର୍ଦ୍ଦେଶନାରେ ନିର୍ମିତ ହୋଇଥିଲା । ଏହା ପୂର୍ବରୁ ଦିଲ୍ଲୀପ ପଣ୍ଡାଙ୍କୁ ନେଇ ରବୀନ୍ଦ୍ର ବାବୁ ଆଉ ଗୋଟାଏ ଚଳଚ୍ଚିତ୍ର ନିର୍ମାଣ କରିଥିଲେ । ଅବଶ୍ୟ ମୁଁ ସେଇଟି ସହ ସଂପୃକ୍ତ ନଥିଲି ।

'ଦିଲ୍‌କା ରାଜା' ମଧ ଏକ ସାଉଥ୍ ଚଳଚ୍ଚିତ୍ରର ରିମେକ୍ ଥିଲା । ମାତ୍ର ଆମେ ଆମ ହିସାବରେ କାହାଣୀରେ ପରିବର୍ତ୍ତନ କରିଥିଲୁ । ଜ୍ୟୋତି ଓ ପିଙ୍କି ନାୟକ ନାୟିକା ଭାବରେ ଥିଲେ, ମିହିର ଦାସ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଥିଲେ । ନାୟକ ବ୍ଲଡ୍ କ୍ୟାନ୍‌ସରରେ ଆକ୍ରାନ୍ତ ହୋଇ ପଡୁଛି । ଏକଥା ନିଜ ପ୍ରେମିକା ତଥା ବାପା ମା'ଙ୍କୁ ନକହି ଫେରାର୍ ହୋଇଯାଉଛି । ଶେଷ ପର୍ଯ୍ୟନ୍ତ କାହାଣୀରେ ଉତ୍କଣ୍ଠା ଭରି ରହିଥିଲା । ଗୀତ ଗୁଡ଼ିକ ମଧ ଭଲ ହୋଇଥିଲା । ମୋଟାମୋଟି ଭାବରେ ଚଳଚ୍ଚିତ୍ରଟି ବ୍ୟବସାୟିକ ଦୃଷ୍ଟିକୋଣରୁ ସଫଳ ଥିଲା । ଚଳଚ୍ଚିତ୍ରଟି ଫେବୃଆରୀ ଦଶ ତାରିଖ ୨୦୧୭ରେ ମୁକ୍ତିଲାଭ କରିଥିଲା ।

୨୦୧୭ର ମୋ ଲିଖିତ ଦ୍ୱିତୀୟ ଚଳଚ୍ଚିତ୍ରଟି ଥିଲା 'କଳିଯୁଗରେ ସୀତାରାମଙ୍କ ବାହାଘର' । ସାଉଥ୍ ନିର୍ଦ୍ଦେଶକ, ପ୍ରଯୋଜକ ତଥା ସଂଗୀତ ନିର୍ଦ୍ଦେଶକଙ୍କୁ ନେଇ ଚଳଚ୍ଚିତ୍ରଟି ନିର୍ମିତ ହୋଇଥିଲା । ନାୟକ ସବ୍ୟସାଚୀ ନିର୍ଦ୍ଦେଶକ ଜି.ଏନ୍.ଏସ୍ ପ୍ରସାଦଙ୍କ ସହ ପରିଚୟ କରାଇ ଦେଇଥିଲେ । ତେଲୁଗୁରେ ସ୍କ୍ରିପ୍ଟ ପ୍ରସ୍ତୁତ ହୋଇଥିଲା । ବଂଧୁ ନାଗେଶ୍ୱର ରାଓ ତାଙ୍କୁ ପଢ଼ି ଓଡ଼ିଆରେ ମତେ ଶୁଣାଉଥିଲେ ଓ ମୁଁ ତାକୁ ମୋ ଭାଷାରେ ଲେଖୁଥିଲି । କିନ୍ତୁ କେଜାଣି କାହିଁକି ମୁଁ ଏଥିରେ ଖୁସି ହୋଇ ପାରିନଥିଲି । ସବ୍ୟସାଚୀ ମତେ ଏଥିରେ ସାହାଯ୍ୟ କରୁଥିଲେ, କାହାଣୀର କାନ୍‌ଭାସ୍ ଥିଲା ବଡ଼ ରୋଚକ, ନାୟକ ନାୟିକା ପିଲାଦିନରୁ ବିରୋଧୀ, ଉଭୟ ପରିବାରର ନିଷ୍ପତ୍ତିକୁ ମାନିବାକୁ ନାରାଜ । ଶେଷରେ ସେମାନଙ୍କ ମଧ୍ୟରେ ପ୍ରେମ ହୋଇଯାଇଛି ଓ ଅନେକ ଘଟଣା ଦୁର୍ଘଟଣା ମଧ୍ୟରେ କାହାଣୀର ମିଳନାନ୍ତକ ପରିସମାପ୍ତି ଘଟୁଛି । ସବ୍ୟସାଚୀଙ୍କ ଅଭିନୟ ଚମତ୍କାର । ବିଜୟ ମହାନ୍ତିଙ୍କ ବିପକ୍ଷରେ ସାଉଥ୍‌ର ଜଣେ ବରିଷ୍ଠ ଅଭିନେତା ଅଭିନୟ କରୁଥିଲେ । ନାୟିକା ତଥା ଅନ୍ୟ କିଛି କଳାକାର ସାଉଥ୍‌ର ଥିଲେ । ଚଳଚ୍ଚିତ୍ରଟି ବ୍ୟୟ ବହୁଳ ଥିଲା । ଗୀତ ଗୁଡ଼ିକୁ ସଂଗୀତରେ ସଜାଇଥିଲେ ଜଣେ ସାଉଥ୍ ମ୍ୟୁଜିକ୍ ଡାଇରେକ୍ଟର । ଗୀତ ଗୁଡ଼ିକରେ ସାଉଥ୍ ଛାପ ସ୍ପଷ୍ଟ ବାରି ହୋଇ ପଡୁଥିଲେ ହେଁ ନାୟକ ନାୟିକାଙ୍କ ଦ୍ୱୈତ ସଂଗୀତଟି (ମୁଁ ତୋର ରାଜା ବାବୁ) ବେଶ୍ ଜନାଦୃତ ହୋଇ ପାରିଥିଲା । ତେବେ ଚଳଚ୍ଚିତ୍ରଟି ବକ୍ସ ଅଫିସରେ ଅସଫଳ ସାବ୍ୟସ୍ତ ହୋଇଥିଲା । ଚଳଚ୍ଚିତ୍ରଟି ତା. ୧.୩.୧୭ ରିଖରେ ମୁକ୍ତିଲାଭ କରିଥିଲା । ତେଲୁଗୁରେ ମଧ ଚଳଚ୍ଚିତ୍ରଟି ମୁକ୍ତିଲାଭ କରିଥିଲା । ଏହି ଚଳଚ୍ଚିତ୍ର ପରେ ପ୍ରଯୋଜକ କିମ୍ବା ନିର୍ଦ୍ଦେଶକ ଆଉ ଓଡ଼ିଆ ଚଳଚ୍ଚିତ୍ର ପ୍ରତି ମନ ବଳାଇ ନାହାନ୍ତି ।

ପ୍ରାୟ ଆଠମାସ ବ୍ୟବଧାନରେ ଅର୍ଥାତ୍ ସେପ୍ଟେମ୍ବର ୧୫ ତାରିଖ ୨୦୧୭ରେ ମୋର ଆଉ ଗୋଟିଏ ଚଳଚ୍ଚିତ୍ର 'ବଦମାସ୍ ଟୋକା' ମୁକ୍ତିଲାଭ କରିଥିଲା । ସୌଭାଗ୍ୟ ପରିଡ଼ାଙ୍କ ପ୍ରଯୋଜନାରେ ପ୍ରଶାନ୍ତ ପାଲ୍‌ଙ୍କ ନିର୍ଦ୍ଦେଶନାରେ ଏହି ଚଳଚ୍ଚିତ୍ରଟି ପ୍ରସ୍ତୁତ ହୋଇଥିଲା । ପ୍ରଥମରୁ ଏ ୟୁନିଟ୍‌ରେ କାମ କରିବାର ଆଗ୍ରହ ମୋର ନଥିଲା । ନିର୍ଦ୍ଦେଶକ ଓ ପ୍ରଯୋଜକଙ୍କ ଅନୁରୋଧରେ ମୁଁ ସ୍କ୍ରିପ୍ଟ ରଚନା କରିଥିଲି । କୌଣସି ପରିସ୍ଥିତିରେ ଚଳଚ୍ଚିତ୍ରର ମେକିଙ୍ଗ୍‌ରେ କମ୍ପ୍ରୋମାଇଜ୍ କରାଯିବ ନାହିଁ ବୋଲି ପ୍ରତିଶ୍ରୁତି ମିଳିଥିଲା । ଉଦୟନ ଅପରାଜିତ ଥିଲେ ନାୟକ । ଉଦୟନ କନ୍ନଡ଼ ଫିଲ୍ମ ଇଣ୍ଡଷ୍ଟ୍ରି ସହ ସଂପୃକ୍ତ ଥିଲେ । ଜଣେ ଭଲ ଏଡିଟର । ଭୁବନେଶ୍ୱରରେ ମଧ ଏକ ଏଡିଟିଂ ଷ୍ଟୁଡିଓ କରିଥିଲେ । ମୋର ଗାଳ୍ପିକ ବଂଧୁ ଭୀମ ପୃଷ୍ଟିଙ୍କର ସେ ଥିଲେ ପୁତୁରା । ଉଦୟନଙ୍କ ବିପକ୍ଷରେ ନାୟିକା ଭାବରେ ବଂଗୀୟ ଅଭିନେତ୍ରୀ ମାଳବିକାଙ୍କୁ ନିଆଗଲା ମୋ ସୁପାରିଶରେ । ମାଳବିକା ପୂର୍ବରୁ 'ମତେ ବୋହୂ କରି ନେଇଯା', ଓ 'ଦେଲେ ଧରା କଥା ସରେ'ରେ ଅଭିନୟ କରିଥିଲେ । ଅନ୍ୟାନ୍ୟଙ୍କ ମଧ୍ୟରେ ମୀନକେତନ, ବିଜୟ ମହାନ୍ତି, ହରି, ରବିମିଶ୍ର ପ୍ରମୁଖ ଅଭିନୟ କରିଥିଲେ ।

ମୌଳିକ କାହାଣୀ ଉପରେ ସିନେମାଟି ନିର୍ମିତ ହୋଇଥିଲା । ସରୋଗେଟ ମଦରର ସେଣ୍ଟିମେଣ୍ଟ ଓ ଫ୍ୟାମିଲି ଡ୍ରାମା, କମେଡ଼ିରେ ଭରପୁର ଥିଲା ସ୍କ୍ରିପ୍ଟ । ପ୍ରଶାନ୍ତ ପାଲ ନିଜେ ମଧ ଭଲ ସଂଗୀତ ସୃଷ୍ଟି କରିଥିଲେ । ଜଣେ ଅବାଧ ଯୁବକର ପ୍ରେମ, ପ୍ରଣୟ ଉପରେ କାହାଣୀ ଗତିଶୀଳ ଥିଲା । ସ୍କ୍ରିପ୍ଟିଂ ସମୟରେ ମୁଁ ବେଶ୍ ସତର୍କତା ଅବଲମ୍ବନ କରିଥିଲି । ସ୍କ୍ରିପ୍ଟିଂ ଅନୁସାରେ ସୁଟିଂ କରିବା ପାଇଁ ନିର୍ଦ୍ଦେଶକଙ୍କୁ ଅନୁରୋଧ କରିଥିଲି ।

କିନ୍ତୁ ପରେ ଶୁଣିଲି ମୋ ଆଗୋଚରରେ ନିର୍ଦ୍ଦେଶକ ସ୍କ୍ରିପ୍ଟରେ ବହୁ ପରିବର୍ତ୍ତନ କରିଛନ୍ତି । ଯାହାକି ଚଳଚ୍ଚିତ୍ରର ଗତିଶୀଳତାରେ ବାଧା ସୃଷ୍ଟି କରୁଛି । ସୁଟିଂରେ ବହୁ କମ୍ପ୍ରୋମାଇଜ୍ କରାଗଲା । ଏପରି ପରିସ୍ଥିତି ସୃଷ୍ଟି ହେଲା ନାୟିକା ମାଳବିକା କ୍ଲାଇମାକ୍ସ ସୁଟିଂ ପୂର୍ବରୁ ବିରକ୍ତ ହୋଇ କଲିକତା ଚାଲିଗଲେ । ଏସବୁ ନେଇ ମୁଁ ଭୀଷଣ ଅସନ୍ତୁଷ୍ଟ ଥିଲି । ଭଲ କାହାଣୀ ସୃଷ୍ଟି କରିବା ଓ ତା'ର ସଫଳ ରୂପାୟନ କରିବା ଅଲଗା କଥା । ମୋର ଅନେକ ଭଲ ସ୍କ୍ରିପ୍ଟ ଏମିତି ନଷ୍ଟ ହୋଇଯାଇଛି ଯାହାକି ଏବେ ବି ମୋ ମନରେ ଅବସୋସ ଛାଡ଼ି ଦେଇଛି ।

ଏବେ ଏକ ଓଟିଟି ପ୍ଲାଟଫର୍ମରେ 'ବଦମାସ ଟୋକା'ର ପ୍ରସାରଣ ଦେଖିଲି । ମୋର ଆଗ୍ରହ ସବୁ ମରିଯାଇଥିଲା । (କ୍ରମଶଃ)

## କବିତା .....

### ॥ ମାଟି ସିଲଟର ମୋହ ॥

ପୂର୍ଣ୍ଣ ଦାସ



ମୋ ରକ୍ତରେ କିଏ ଡାକେ, ଆ' ତୁ ଚାଲି ଆ'
ସେ ଆସେନି ପାଶେ, ଦୂରୁ ଦେଖେ ହୋଇ ଠିଆ,
ଆକାଶର ନୀଳ ବୋଲି, ଶୂନ୍ୟରେ ମୁଁ ଉଡ଼େ
ନୀରବରେ ଉଡ଼ାଣର ମାନଚିତ୍ର ଗଢ଼େ ।

ମୁଁ କଣ ଭିନ୍ନ ମୋର ଶବ୍ଦଲିପି ଠାରୁ,
ମୁଁ କଣ ଆରମ୍ଭି ନାଇଁ ଆଦ୍ୟ ଓଁକାରରୁ ?
ତଥାପି ନୟନେ ନାଏ ନିତି ପ୍ରେମାଞ୍ଜନ,
କରିବାକୁ କବିତାରେ ଅନନ୍ତ ଶୟନ ।

ମୋ ପଥରେ ଖାଲଖମା ଗଡ଼ାଣି ଉଠାଣି
କାଇଁ ଛାଇ, ଖରା କାଇଁ, ମୋଡାଣି ବୁଲାଣି,
ପାଦ ଟଳମଳ ହେଲେ, ହୃଦୟକୁ ଡାକେ
ମାଟି ସିଲଟରେ ମୋର ବ୍ୟଥାଗୀତି ଲେଖେ ।

ମୁଁ ସ୍ୱପ୍ନସଂଚାରୀ କବି, କବିତା ଜୀବନ,
ଦୁଃଖେସୁଖେ ଏକାକାର, ଭିନ୍ନ ଓ ଅଭିନ୍ନ ।

♥ କଣ୍ଟାବଣିଆ,ଛତ୍ରପଡ଼ା,
ପ୍ରୀତିପୁର, ଯାଜପୁର-୭୫୫୦୧୩
ସମ୍ପର୍କ : ୯୩୩୭୫ ୪୮୮୯୩

### ॥ ଜୀବନ ବେସୁରା ଗୀତ ॥

ସୁରେନ୍ଦ୍ର ପାଣିଗ୍ରାହୀ



ଦୂର ନଈ କୂଳେ ତୁମେ କାଶତଣ୍ଡି ତୁମେ କାଚକେଂଦୁ ଜଳ
ତୁମେ ଧାନକ୍ଷେତ ବାଉଳା ପବନ ତୁମେ ମୁହଁ ସଂଜବେଳ ।

ଦେଖୁଅଛି ମେଘ ନିଜର ରୂପକୁ ନଈପାଣି କାଚଧାରେ
ହେଲେ ତୁମ ରୂପ ନିତି ନୂଆ ଦିଶେ ମୋ ଆଖିର ଅଗଣାରେ ।

ତୁମେ ଯେ ସକାଳ ତୁମେ ସଂଜବେଳ ତୁମେ ଲେଉଟାଣି ଖରା
ତୁମେ ତ କବିର ଗହନ ଭାବନା ପାହାଂତି ରାତିର ତରା ।

ଗଂଗଶିଉଳିରୁ ଛୁଟିଲାଣି ବାସ କୁଂଭାଟୁଆ ଡାକେ ରହି
ଗାଁ ନଈତୁଠେ ତୁମ ଆଗମନୀ ସମୀରଣ ଯାଏ ଗାଇ ।

ଭାଂଗିଲି ଗଢ଼ିଲ ଗଢ଼ିଲି ଭାଂଗିଲ ମୋର ମନର ମଂଦିର
ପୁଣି ବାଲି ଘର ଭାଂଗି ଚାଲିଗଲ କରିଦେଇ ସାତପର ।

ମନ ବୃନ୍ଦାବନେ ବାଜେ ତୁମ ସୁର ପରାଣ ହୁଏ ଅଧୀର
ମନ ନେଇ ମନ ଦେବାକୁ ମନରେ ଲାଗୁଅଛି ମୋତେ ଡର ।

ତୁମେ ଗାଉଥିଲ ମୁଁ ବି ଗାଇଲି ଜୀବନ ବେସୁରା ଗୀତ
ସମୟର ନଈ ଯାଉଥିଲା ବହି ବସିଥିଲେ ଆମେ ମିତ ।

♥ରୋଡ଼ ନଂ. ୪,ଜଗନ୍ନାଥ ନଗର,
ପୋ: ଜିଜିପି କଲୋନୀ, ଭୁବନେଶ୍ୱର-୭୫୧୦୦୭
ମୋ: ୯୪୩୭୨୮୨୯୮୪

### ॥ ଭୟ ॥

ମହାଦେବ ପ୍ରଧାନ



ନଈ ସୁଅରେ
କ'ଣ ଦୋଳି ଖେଳୁଛି ?
'ଖେଳୁଛି ସଦ୍ୟ ପାଣିକୁ ଫିଙ୍ଗା ଯାଇଥିବା
ଏକ ଦେବୀ ମୂର୍ତ୍ତି ।'

ନର୍ଦ୍ଦମାରୁ
କିଛି ଉଠେଇ ନେଉଛି କୁକୁର ?
କ'ଣ ସବୁ ଖସି ପଡୁଛି ତା' ପାଟିରୁ ?
କାହାର ଏ ବୁନ୍ଦାକ ପାଣିଫଟା ରକ୍ତ
କାଣି ଆଙ୍ଗୁଠି ବକଟେ କାହାର ?

କେହିଜଣେ ଶୁଣେଇଲା ପରି କହୁଛି
ଆହାଃ !
କାଲି ସେଇ କୁନି ଆଙ୍ଗୁଠି ପୋଛି ଦେଇଥା'ନ୍ତା
ତମ ଅଧର, ଉଦରର ଜ୍ୱାଳାକୁ ।

ପଚାରୁଛି ପା'
ଷ୍ଟେସନ ଅନ୍ଧାର କୋଣେ
କିଏ ଗୁମୁରୁଛ ?

ମୁଁ, ମୋ ଚାରିପଟେ ଡାହାଳ କୁକୁର
ଇଚ୍ଛାରେ ହେଉକି ଅନିଚ୍ଛାରେ
ଟାଣି ଆଣିଛି ସେମାନଙ୍କୁ
ଏଇନେ ପରସି ଦେବି ସୁଆଦିଆ ମାଂସ ।
ମୁଁ ମୁହଁ ବୁଲେଇ ନେଉଛି ଘରକୁ..

ମୋ ଚଟାଣରେ ବଢୁଛି ଚାରା ଗଛଟେ
ପତ୍ର ପକଉଛି
ଦୁଇ, ଚାରି, ଛଅ କ୍ରମେ ଅନେକ..
ଏବେ ସେ କଡ଼ ମୁହାଁ ।
ପଙ୍ଗପାଳକୁ ଜଗିଛି ମୁଁ ଗୋଡେ ଗୋଡେ ।

ପଡ଼ିଶା ଘରୁ ଶୁଭୁଛି କିଛି ନୂଆ କଥା..
ମୁଁ ପଢୁଛି ଆଜିର କାଗଜରେ
ଡ଼ଲଫିନ ପେଟରୁ ଆବିଷ୍କୃତ
ଚାଖଣ୍ଡେ ରିବନ ଫିତା

ହଳେ ସ୍କୁଲପିନ୍ଧା ଜୋତା
ସିଜୁ କଣ୍ଟାରେ ଝୁଲୁଥିବା
ହାତେ ମାପର କଳା ଫିତା !

ଥରୁଛି ମୁଁ ଭୟରେ
କିଳି ଦେଉଛି ଘରର ସବୁ ଝର୍କା,କବାଟ
ବନ୍ଦ କରିଦେଉଛି ବାହାରକୁ ଥିବା
ଯେତେ ଗୋପ୍ୟ ଜଳା ବାଟ...

♥ ଗାରୋଇ, ନାଉଗାଁ, ଜଗତସିଂହପୁର
୮୨୪୯୫୧୬୭୭୫.

### ॥ ପ୍ରାଣପକ୍ଷୀ ॥

ଦେବଯାନୀ ରାୟ



ଏ ଦେହ ସହ ତାର ପରିଚୟ
ଅଶେଷ ନିଦ୍ରିତ ଛାଇ ସହ
ଲୁଚକାଳି ଖେଳର ବେଳ ରତରତ କାଳେ
ଦାଣ୍ଡ ଦୁଆରୁ ଭାସି ଆସେ
ଯୋଗୀ କେନ୍ଦେରାର କରୁଣ ଗୀତ ।

କେନ୍ଦେରା କେବଳ କନ୍ଦାଇ ପାରେ
ଟୀକା ଗୋବିନ୍ଦଚନ୍ଦ୍ରର ତାଳ ସାରେ ।

ଆଲୋକଠୁଁ ମୁହଁ ଲୁଚେଇ
ଅନ୍ଧାର ଭିତରେ ବସି ମସି ଗଣୁଥାଏ
ତମାମ୍ ଜୀବନର ପାଦଚିହ୍ନ

ଗୋପନରେ ସଂଚିଥିବା
କିଛି ଆହ୍ଲାଦର ଆଲୋକ
ଲୁହର ମୌସୁମୀ
ଅପ୍ରାପ୍ତିର ଭଗ୍ନାଂଶରେ ଝୁଙ୍କି ଦେଖେ ତ
ଗଭୀର ଗହ୍ୱରରେ ଶୁଖିଲା ନଈ ସଂକୁଚିତ ।

ଗୋବର ଲିପା କାନ୍ଥ ପରି
ଜୀବନର ବହଳ ପରସ୍ତକୁ କିଏ ଆଞ୍ଚୁଡୁଛି
ଷଠିଘରେ କାନ୍ଦୁଛି କଉଡ଼ି, କାନ୍ଥଚିତା
ପତ୍ରଝଡ଼ା ଋତୁର ଦୌରାତ୍ମ୍ୟରେ
ପକ୍ଷୀର ସଂଶୟ କଣ୍ଠସ୍ୱର
ଆର୍ଦ୍ରତାରେ କମ୍ପୁଛି ଜୀବନ ସଳିତା ।

ଦୁଆରେ କାହାର ପାଦଶବ୍ଦ
ସ୍ପନ୍ଦିତ କଳିଜା ।

ଆଲିଙ୍ଗନ ଠାରୁ ତିରସ୍କାର ଯାଏଁ
ଜୀବନ ଠାରୁ ଯନ୍ତ୍ରଣା ଯାଏଁ
ପ୍ରେମଠୁଁ ନିର୍ବାଣ ଯାଏଁ
ମୋ ଦେହ ତା ଧଡକନ୍ ସେଇ
ଅଫେରା ମାର୍ଗରେ ଡେଣା ଝାଡି ଉଡିଗଲା ବେଳେ
କିଛି ଅସ୍ପଷ୍ଟ ପ୍ରତିଶ୍ରୁତି
ଯେମିତିକି ତୁ ଫେରିବୁ ନା.... ।

ନିଶ୍ଚଳ ଶରୀର ଆଜି ବିବର୍ଣ୍ଣ
ଆଖି ଆଗରେ ଖାରୁଆ ଲୁହର
କ୍ଲାନ୍ତ ସମୁଦ୍ର ।

ବିଶ୍ୱାସର ଶିଥିଳତାରେ
ନିଃଶବ୍ଦ ଅନ୍ତଃସ୍ୱର
ଉଡ଼ିବୁଲେ ଶୂନ୍ୟରୁ ମହାଶୂନ୍ୟ
ଅସଂଖ୍ୟ ଅଗ୍ନିକଣା ହୋଇ
ପାପ କି ପୁଣ୍ୟ ର
ବାସ୍ନାସିକ୍ତ ମୁହୂର୍ତ୍ତରେ ।

♥ଜଟଣୀ, ଖୋର୍ଦ୍ଧା
ମୋ: ୯୪୩୭୪୧୩୩୧୪

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୨୫ ସେପ୍ଟେମ୍ବର, ୨୦୨୨

## ପ୍ରେମରେ ପ୍ରେମରେ ଗୀତି ....(୭୪)



### ॥ ଲାଜେଇ ଦେଲେ ଗୋ' ହସି ॥

ମୁଗୁନି ପଥର ଛୋଟ କଳାକାର
ମନଟା ବୁଝିଲ ନାହିଁ,
ଯେତେ ଗଢ଼ିଲେ ବି ଓଠ ତଳୁ ତୁମ
ହଜିଯାଏ କଳାକାଇ ।

ତୁମରି ଗାଲର ଭଉଁରୀରେ ମୋର
ମନ ଯେବେ ଯାଏ ଲାଖି,
ମାଖିଥିବା ତୁମ ଆଖିର କଜଳ
ଖୋଜି ମୁଁ ପାଏନା ସଖୀ !
ଭାଙ୍ଗିଦିଅ ତୁମେ ସରାଗ ମୋଅର
ପାଷାଣ ହୃଦୟ ନେଇ ।

ପଉଷର ଧାନ କ୍ଷେତ ପରି ତୁମେ
ଲାଜେଇ ଦେଲେ ଗୋ' ହସି,
ଶିଶିରପଖଳା ମୋ' ପ୍ରେମ କ୍ଷେତରେ
କିଆରିକିଆରି ଖୁସି,
ଉଦାସ ଜହ୍ନଠୁ ମାଗୁଛି କି ପ୍ରୀତି
ଦୂରେ ଥାଇ ନୀଳକଇଁ ।

■ ବିପିନ ମହାନ୍ତି

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧




## ମୋ ଦୃଷ୍ଟିରେ ମୋ ସୃଷ୍ଟି...(୨୧)



'ମୋ ଦୃଷ୍ଟିରେ ମୋ ସୃଷ୍ଟି' ନାମକ ଏକ ବିଶେଷ ଆଲୋଚନା ନିୟମିତ ପ୍ରକାଶ କରିବାକୁ ଯାଉଛୁ, ଯାହାକି ଆମ ମାଟିର ଜଣେ ପ୍ରଥିତଯଶା ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ସାମଗ୍ରିକ ନାଟ୍ୟକୃତି ଉପରେ ଆଧାରିତ। ସେ ନିଜ ଭାଷା ଓ ଭାବନାରେ ନିଜ ନାଟକର ସମୀକ୍ଷାମୂଳକ ଆଲୋଚନା ଏହି ସ୍ତମ୍ଭରେ ଲେଖିବେ, ଯେଉଁଥିରେ କେଉଁ ପରିପ୍ରେକ୍ଷୀରେ ତଥା କେଉଁ ସମସ୍ୟାର ଉତ୍ପୀଡ଼ନରେ ସେ ଏଭଳି ଏକ ନାଟକ ସୃଷ୍ଟିକଲେ ଏବଂ ତାହା ଦର୍ଶକ ମହଲରେ କି ପ୍ରଭାବ ପକାଇଲା ତାର ଏକ ସଂକ୍ଷିପ୍ତ ବିବରଣୀ ଧ୍ୱନି ପ୍ରତିଧ୍ୱନିର ରବିବାର ସୁଚୟନ ପୃଷ୍ଠାରେ, ଜିଜ୍ଞାସୁ ପାଠକମାନଙ୍କ ପାଇଁ...

■ ହେମେନ୍ଦ୍ର ମହାପାତ୍ର | ସଂପାଦକ : ରଂଗମଞ୍ଚ, ସୁନହଟ, ବାଲେଶ୍ୱର-୨
(ମୋ) ୯୮୬୧୩୫୦୯୫୧

(ପୂର୍ବ ପ୍ରକାଶିତ ଉତ୍ତାରୁ)

### ॥ ଦେଖଇ ନେତ୍ର ଯାହାର ପାରଂପରିକ ସୌନ୍ଦର୍ଯ୍ୟ ॥

ବହୁ ଅଧ୍ୟୟନ ଚିନ୍ତନ ଓ ଅନୁଧ୍ୟାନକୁ ସମ୍ବଳ କରି ନାଟକଟିକୁ ରଚନା କଲି, ସେତେବେଳକୁ ସରକାରଙ୍କ ନାଟକ କାର୍ଯ୍ୟକ୍ରମର କୌଣସି ଗଂଧବାସ୍ନା ରହି ନଥିଲା ଏବଂ ପରେ ପରେ ଆମର ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ, ଯିଏକି ଏ ନାଟକର ଏକ ଛାୟା ଚରିତ୍ର ଭାବରେ ଉପସ୍ଥାପିତା ହୋଇଥିଲେ ତାଙ୍କର ଆକସ୍ମିକ ନିଧନ ଘଟିଲା, ତେଣୁ ଦେଖଇ ନେତ୍ର ଯାହାର ପରିକଳ୍ପନା ଓ ରଚନା ଓଲଟ ପାଲଟ ହୋଇଗଲା, ଯାହାହେଉ ତା ପରବର୍ଷ ଅର୍ଥାତ୍ ୧୯୮୫ ମସିହାରେ ବର୍ଣ୍ଣାଳୀ ନାଟ୍ୟ ସଂସଦର ନିଷ୍ପତ୍ତି କ୍ରମେ 'ଦେଖଇ ନେତ୍ର ଯାହା'ର ଅଭ୍ୟାସ ଆରମ୍ଭ ହେଲା । କିନ୍ତୁ କିଛିଦିନ ପରେ ଏଭଳି ଏକ ଅପାରମ୍ପରିକ ନାଟକରେ ସମସ୍ତଙ୍କ ମନ ଲାଗିଲାନି । ଏଣେ ସ୍ରଷ୍ଟାର କିଛି ବଂଧୁ ମୋର ଗୋଟିଏ ନାଟକ ଗ୍ରଂଥନ ପାଇଁ ବ୍ୟଗ୍ର ଥାଆନ୍ତି । ଅନେକ ଗୁଡ଼ିଏ କାରଣ ମଧ୍ୟରୁ ଅନ୍ୟତମ କାରଣଟି ହେଲା ସେତେବେଳକୁ ମୋର 'ଅଥଚ ଅଥର୍ବ' ସଂଗୀତ ନାଟକ ଏକାଡେମୀରେ ଅଂଶ ଗ୍ରହଣ କରିବାକୁ ମନୋନୀତ ହୋଇ ବେଶ୍ ଖ୍ୟାତି ପାଇଥାଏ । ସ୍ରଷ୍ଟା କିନ୍ତୁ ସଂଗୀତ ନାଟକ ଏକାଡେମୀରେ ମନୋନୀତ ହୋଇନଥାଏ । ସେହି ଲୋଭରେ 'ସ୍ରଷ୍ଟା'ରେ ମୋର ଦେଖଇ ନେତ୍ର ଯାହା ମଂଚସ୍ଥ ହେବାର ସ୍ଥିର ହୁଏ, ଏଥିରେ କିଛି ଲୋକ ଅସନ୍ତୁଷ୍ଟ ହୁଅନ୍ତି କିନ୍ତୁ ଅଧିକାଂଶ ଲୋକ ଦ୍ୱିଗୁଣ ଉତ୍ସାହିତ ହୋଇଥାନ୍ତି । ଶେଷରେ ସ୍ୱର୍ଗତ ପରମାନନ୍ଦ ସାହୁଙ୍କ ନିର୍ଦ୍ଦେଶନାରେ ଦେଖଇ ନେତ୍ର ଯାହା ଅଭ୍ୟାସ କାର୍ଯ୍ୟକ୍ରମ ଆରମ୍ଭ ହୁଏ ।

ଅଭ୍ୟାସ ପୂର୍ବରୁ ପରମାନନ୍ଦ ବାବୁ ଯିଏକି ଅନେକ ପାରମ୍ପରିକ ନାଟକର ଯଦିଓ ନିର୍ଦ୍ଦେଶନା ଦେଇଛନ୍ତି କିନ୍ତୁ ଏମିତି ଏକ ଅପାରମ୍ପରିକ ପୁଣି କଂପୋଜିସନ୍ ଭରା ପ୍ରତୀକାତ୍ମକ ନାଟକରେ ଅଭିନୟ ସୁଦ୍ଧା କରିନଥିଲେ । ତେଣୁ ପ୍ରତିଟି କ୍ଷେତ୍ରରେ ମୋ ସହିତ ଆଲୋଚନା କରିବାର ପ୍ରତିଶ୍ରୁତି ନେଲେ । ମୁଁ ତାଙ୍କ ଇଚ୍ଛା ଅନୁସାରେ ଆନ୍ତର୍ଜାତୀୟ କଥାବସ୍ତୁର ଗତାନୁଗତିକତା ସମ୍ବନ୍ଧରେ ସହଜ କାହାଣୀ ମାଧ୍ୟମରେ ବ୍ୟକ୍ତ କଲି ।

ସମୟ ନାମକ ତ୍ରିକାଳଦର୍ଶୀ ରଥାରୁଢ଼ ହୋଇ ଆକାଶ ମାର୍ଗରେ ଯାଉ ଯାଉ ଦେଖନ୍ତି ଯେ ଅତିସୁନ୍ଦର ରୂପବତୀ ଯୁବତୀ ଛଳଛଳ ହୋଇ ଆନନ୍ଦ ମନରେ ଗୀତ ଗାଇ ନାଚୁଥାଏ । ତା ରୂପରେ ଆକର୍ଷିତ ହୁଅନ୍ତି ରାକ୍ଷସ ଅମରାସୁର, ସମରାସୁର, ଲଣ୍ଡାସୁର, ଷଣ୍ଢାସସୁର ଓ ପେଙ୍କାସୁର । ଧରିତ୍ରୀକୁ ନେବାପାଇଁ ପରସ୍ପର ଘମାଘୋଟ ଯୁଦ୍ଧ ହୁଏ । ସେହି ଭୟଙ୍କର କାଳ୍ପନିକ ରୂପ ଯୁଦ୍ଧମୂର୍ତ୍ତି ଭାବରେ ମହାସୁର ନାମରେ ଆବିର୍ଭୁତ ହୋଇ ନିଜେ ଧରିତ୍ରୀକୁ ଉପଭୋଗ କରିବାକୁ ଇଚ୍ଛା କରେ । ସେ ମୂର୍ତ୍ତିକୁ ଗଢ଼ିଥିବା ଅମରାସୁର (ଆମେରିକା) ତା ବାହୁରେ ଶକ୍ତି ଭରିଥିବା ସମରାସୁର (ରୁଷିଆ) ତାର ରୂପ ଲାବଣ୍ୟ ଭରିଥିବା ଷଣ୍ଢାସୁର (ଫ୍ରାନ୍ସ) ତା ମସ୍ତିଷ୍କ ଗଢ଼ିଥିବା ଲଣ୍ଡାସୁର (ଇଂଲଣ୍ଡ) ଏବଂ ତାକୁ ଜୀବଦାନ ଦେଇଥିବା ପେଙ୍କାସୁର (ଚୀନ୍) କିଂକର୍ତ୍ତବ୍ୟବିମୁଢ଼ ହୋଇ କେବଳ ସେହି ଭୟଙ୍କର ମୂର୍ତ୍ତିର ଆଦେଶ ପାଳନ କରି ଚାଲନ୍ତି । ଯାହାଫଳରେ ଶସ୍ୟ ଶ୍ୟାମଳା ଧରିତ୍ରୀ ବିବର୍ଣ୍ଣ ହୋଇଯାଏ । ଧରିତ୍ରୀ ନିଜର ପୁତ୍ରମାନଙ୍କର ଲୋଲୁପ ଦୃଷ୍ଟିର ଶିକାର ହେବା ପୂର୍ବରୁ ଆତ୍ମ- ଅଭିଶପ୍ତା ହୋଇ ପଥର ହୋଇଯାଏ । ଠିକ୍ ପୌରାଣିକ ନାଟକ ପରି ଶାପ ମୋଚନ ନିମନ୍ତେ ତପସ୍ୟା ଆରମ୍ଭ କରେ ମଣିଷ, ପାରମାଣବିକ ଶକ୍ତିଙ୍କୁ ଶାନ୍ତି ପ୍ରତିଷ୍ଠା ଦିଗରେ ତଥା ମଣିଷର ଜୀବନ ଜୀବିକା ବିକାଶ ନିମନ୍ତେ ଏକ ସକରାତ୍ମକ ବିନିଯୋଗର ସମୟ ଆସେ, ଶେଷରେ ଧରିତ୍ରୀ ତାର ବର୍ଣ୍ଣ ବୈଭବ ଫେରିପାଏ । 'ଏଇତ ଦେଖଇ ନେତ୍ର ଯାହା' ପୌରାଣିକ ଶୈଳୀର କାହାଣୀ । ନିର୍ଦ୍ଦେଶକ ପରମାନନ୍ଦ ବାବୁ କାହାଣୀକୁ ହୃଦୟ କରି ସାରିଲା ପରେ ଚରିତ୍ରମାନଙ୍କର ବେଶଭୁଷା ଆକାର ପ୍ରକାରକୁ ନେଇ ଅନେକ ଆଲୋଚନା ପରେ ଏମିତି ଏକ ସିଦ୍ଧାନ୍ତରେ ପହଞ୍ଚିବାକୁ ସ୍ଥିର କରନ୍ତି ଯେ- ସାଧାରଣ ଦର୍ଶକ ଆଖିରେ ଧରିତ୍ରୀକୁ ଜଣେ ବେଶ ହାସ୍ୟମୟୀ ଲାସ୍ୟମୟୀ ଅପସରା ଭଳି ଚିତ୍ରଣ କରାଯିବ । ରାକ୍ଷସମାନଙ୍କୁ ପାରମ୍ପରିକ ଆସୁରିକ ମୁଖା ସହ ତାଙ୍କ ଦେଶର ଜାତୀୟ ପତାକାର ରଂଗରେ ଚଟକୁରାରେ ସ୍ୱତନ୍ତ୍ର ପୋଷାକ ତିଆରି କରାଯାଏ । ମହାସୁରକୁ ସେମିତି ପାଞ୍ଚ ରଂଗରେ ଏକ ଭୟଙ୍କର ମୂର୍ତ୍ତିରେ ପରିଣତ କରାଯାଏ । ସମସ୍ତ ସଂଳାପ ଅମିତ୍ରାକ୍ଷର ଅବା ଉଦ୍ଭଟ ନାଟକର ଛାୟାକଳ୍ପ ଭାବରେ ରଚିତ ହୋଇଥାଏ । ସଂଳାପ ଗୁଡ଼ିକ ଚରିତ୍ର ଅନୁଯାୟୀ କ୍ରମାନ୍ୱୟରେ ଥିବାରୁ କଂପୋଜିସନ ମାଧ୍ୟମ ନାଟକଟିକୁ ଅଧିକ ପ୍ରଭାବଶାଳୀ କରିବାର ପ୍ରୟାସ କରାଯିବାର ସ୍ଥିର ହୁଏ । ସଂଗୀତ ଭୂମିକାକୁ ମଧ୍ୟ ଗୁରୁତ୍ୱ ଦେଇ ଠିକ୍ ପୁରାତନ ଯାତ୍ରା ଶୈଳୀକୁ ଅନୁସରଣ କରାଯାଇ ନାଟକର ପ୍ରଯୋଜନା ପାଇଁ ଅଣ୍ଟା ଭିଡ଼ନ୍ତି ନିର୍ଦ୍ଦେଶକ । ସେମିତି କଳାକାର ଚୟନ ଆଉ ଏକ ମୁଖ୍ୟ ସମସ୍ୟା । ସେତେବେଳେ 'ସ୍ରଷ୍ଟା'ରେ ବହୁ ବିଶିଷ୍ଟ କଳାକାରମାନେ ଥାଆନ୍ତି, କିନ୍ତୁ ମହାସୁର ଚରିତ୍ର ପାଇଁ କଳାକାର ପାଇବାରେ ସମସ୍ୟା ଆସିଲା । ମନେ ପଡ଼ିଲେ 'ସ୍ରଷ୍ଟା'ର ଜଣେ ବରିଷ୍ଠ କଳାକାର ଯିଏକି ଅଭିମାନ ବଶତଃ କିଛିଦିନ ଧରି ସ୍ରଷ୍ଟାରୁ ନିଜକୁ ଦୂରେଇ ରଖୁଥିଲେ । ସେହି ମହାନ କଳାକାର ଯିଏକି ଆଜି ଆମ ଗହଣରେ ନାହାନ୍ତି । ସ୍ୱର୍ଗତ ଅଶୋକ ଚାନ୍ଦ । ତାଙ୍କ ଚେହେରା ଯେମିତି ସ୍ୱର ମଧ୍ୟ ସେମିତି । ଜଣେ ଭୟଙ୍କର ରାକ୍ଷସର ପ୍ରତିମୂର୍ତ୍ତି ସ୍ୱରୂପ ଅଶୋକ ବାବୁ ରାଜି ହେଲେ । ଚମତ୍କାର ଅଭିନୟ କଲେ । ତାଙ୍କର ଗୋଟିଏ ସଂଳାପ ଗୋଟିଏ ବାକ୍ୟରେ ଗୋଟିଏ ପୃଷ୍ଠା ପର୍ଯ୍ୟନ୍ତ ବ୍ୟାପିଥିଲା । ସେ କିନ୍ତୁ ଅତି ଦକ୍ଷତାର ସହିତାର ପ୍ରୟୋଗ କରି ବେଶ୍ ପ୍ରଶଂସିତ ହୋଇଥିଲେ । (କ୍ରମଶଃ)

## ଧାରାବାହିକ ଉପନ୍ୟାସ

# ମାଟିର ପ୍ରହରୀମାନେ

ପୁଷ୍ପାଞ୍ଜଳି ନାୟକ
♥ ଜେଲ୍ ରୋଡ, ବାଲେଶ୍ୱର
ମୋ:୯୨୩୭୯୫୯୯୭୩



ଏ ଉପନ୍ୟାସର ରଚନାକାଳ ପ୍ରାୟ ୧୫/୧୬ ବର୍ଷ ତଳେ ଯେତେବେଳେ ବାଲିଆପାଳରେ ଘାଟୀ-ବିରୋଧି ଆନ୍ଦୋଳନ ତୀବ୍ର ରୂପ ଧାରଣ କରିଥିଲା। କିନ୍ତୁ ଦୁର୍ଭାଗ୍ୟକ୍ରମେ ଏ ଉପନ୍ୟାସଟି ପ୍ରକାଶିତ ହେବା ବହୁତ ଡେରି ହୋଇଗଲା। ତେବେ ଏ ସୌଭାଗ୍ୟର କଥା ଯେ ଯାହା ମୁଁ ଉପନ୍ୟାସରେ ଉଚ୍ଚାରଣ କରିଥିଲି, ତା ସତ୍ୟ ହୋଇଗଲା। ମା ପାଖରେ ପୁଅ ହାର୍ ମାନି ବାଉଳି ମାଟି ପାଖରେ ଘାଟି ହାର ମାନିଲା।
ଏ ଉପନ୍ୟାସ ଘାଟୀ ଆନ୍ଦୋଳନର ସମ୍ପୂର୍ଣ୍ଣ ବିବରଣୀ ନୁହେଁ କିମ୍ବା ସମ୍ପୂର୍ଣ୍ଣ ତଥ୍ୟାଶ୍ରାୟୀ ନୁହଁ। ଅନେକ କ୍ଷେତ୍ରରେ ମୁଁ କଳ୍ପନାର ଆଶ୍ରୟ ନେଇଛି। ଯେଉଁମାନେ ଦୀର୍ଘ ଚାରିବର୍ଷ ଧରି ମାଟିକୁ ଅତନ୍ଦ୍ର ପହରା ଦେଇ ଇତିହାସର ଗତିକୁ ବଦଳାଇଦେଲେ, ସେଇ ବାଲିଆପାଳବାସୀଙ୍କୁ ଏ ଉପନ୍ୟାସ ଅର୍ପଣ କରୁଛି।

-ଲେଖିକା

(ପୂର୍ବ ପ୍ରକାଶିତ ଉତ୍ତାରୁ..)
(ଭାଗ-୬)

ପୁଣି ବିଲକୁ ହଳ ଯିବ । ଶାଗୁଆ ଶସ୍ୟର ବିଲ ହସିବ ।

ଉଚ୍ଚ ଜାଗାକୁ ଉଠିଯାଇ, ବଢ଼ିପାଣି ନ ଛୁଉଁଥିବା ଢ଼ିପରେ ସେମାନେ ଘର କରିବେ ନାହିଁ । ଏମିତି ସୁବର୍ଣ୍ଣରେଖା ସେମାନଙ୍କର କେତେ ଘରଦ୍ୱାର, ବାଟି ବାଟି ଜମି ଗ୍ରାସ କରିଯାଉଥିବ, ତଥାପି ସେମାନେ ସେଇଠି ସଂସାର ମେଲାଇବେ ।

କାରଣ ସୁବର୍ଣ୍ଣରେଖା ଆଷାଢ଼ରେ ଯାହା ନେଇଥାଏ, ବୈଶାଖରେ ଶହେ ଗୁଣ କରି ଫେରାଇଦିଏ ।

ଆଉ ତାଛଡ଼ା ସେ ଯେ ସେମାନଙ୍କର ବାପଅଜା ଅମଳର ମାଟି, ପ୍ରାଣଠୁଁ ପ୍ରିୟ ଭିଟାମାଟି । ଦୁନିଆ କୋଣରେ ସେଇ ଟାଖଣ୍ଡେ ଥାନ, ଯେଉଁଠି ସେମାନଙ୍କର ଫୁଲନାଡ଼ ପୋତା ହୋଇଛି ।

ଆକାଶକୁ ଛୁଇଁଲେ ବି ସେଇ ମାଟିରେ ପ୍ରଥମ ଭିତ୍ତି ସେମାନଙ୍କର, ସେ ଯେ ଭିଟାମାଟି !

॥ ସାତ ॥

ନୌକା ଟଳମଳ ଡାକୁଛି ।

ଝଡ଼ିଆ, ପରମେଶ୍ୱରିଆ ଓ ଅଚ୍ୟୁତି ପ୍ରାଣପଣେ କାତ ଭିଡୁଛନ୍ତି । କାତ ପାଉନି । ତିନିଦିନ ତଳେ ସେମାନେ ଜାଲ ନେଇ ମୁହାଣକୁ ଯାଇଥିଲେ । ଗତକାଲି ଦୁଇଟି ଲଞ୍ଚ ଯାଇ ନୌକାରୁ ମାଛ ନେଇଆସିଥିଲା । ଏଥର ଖାଲି ଇଲିସୀ ପଡ଼ିଥିଲା । ଲୋଭରେ ସେମାନେ ଆହୁରି ଭିତରକୁ ଚାଲିଯାଇଥିଲେ ।

କାଲି ରାତିଯାଏଁ ସବୁ ଠିକ୍ ଥିଲା ।

ଅଚାନକ କାହୁଁ ଆକାଶ କଳା କରି ମେଘ ଆସିଲା । ସୁବର୍ଣ୍ଣରେଖାର ଶାନ୍ତ, ନିସ୍ତରଙ୍ଗ ଛାତି ଜୁଆରରେ ଫୁଲିଉଠିଲା । ଆସିଲା ପ୍ରବଳ ବର୍ଷା ଓ ପବନ ।

କୋହଲା ପାଗ, ଝିରିଝିରି ବର୍ଷା । ଶୀତୁଆ ପବନ । ଝଡ଼ିଆ ବଢ଼ିର ଲକ୍ଷଣ ଜାଣେ । ସେ ହିଁ ପ୍ରଥମ କରି ପରମେଶ୍ୱରିଆ ଓ ଅଚ୍ୟୁତିଙ୍କୁ ସର୍ତକ କରିଦେଇଥିଲା ।

ରେଡ଼ିଓ ବି ସେଇକଥା କହିଲା । ଉପର ମୁଣ୍ଡରେ ଖୁବ୍ ବର୍ଷା ହୋଇଛି । ବଢ଼ି ଆସିପାରେ । ଧୀବରମାନେ ଯଥାଶୀଘ୍ର ଘରକୁ ଫେରିଯିବାକୁ ସତର୍କବାଣୀ ଦିଆଯାଉଛି ।

ଗତ ବଢ଼ିର ପାଣି ଆହୁରି ଶୁଖିନି ? ପୁଣି ବଢ଼ି ?

ଗତ ବଢ଼ିରେ ସେମାନଙ୍କ ଘର ପଡ଼ିଯାଇଛି । ସେଇ ଭଙ୍ଗା ଘରକୁ ବତା କଣିକା ଦେଇ କୌଣସିମତେ ମରାମତି କରିଥିଲେ ସେମାନେ । କୁଟା ଅଭାବରେ ତାଳବରଡ଼ା ଓ କଳାକୁଟାରେ ଛାଇଥିଲେ । ପୁଣି ବଢ଼ି ?

ଉତ୍ତରା ଠେଲୁଛି ପଛକୁ । ସେ ସୁଅକୁ କାଟି ନୌକାକୁ ଆଗେଇ ନେବାକୁ ସେମାନେ ଝାଳନାଳ ହୋଇ ଯାଉଛନ୍ତି ।

ଆଗରେ ସୁବର୍ଣ୍ଣରେଖାର ଭଉଁରିଆ ଗଣ୍ଡ । ଏଇ ଗଣ୍ଡ ବଡ଼ ବିଷମ । କେତେ କେତେ ନୌକା ଏଠି ବୁଡ଼ିଛି । ତା'ର ଥଳ ମିଳିନି । ଅଥଳ ଜଳ ସେଠି ।

ଅଥଳ ଜଳରେ ଭାସୁଛି ସେମାନଙ୍କର ଜୀବନ । ସେମାନଙ୍କ ଭଳି ଶହ ଶହ କେଉଟଙ୍କ ଜୀବନ । ମାଛ ଧରିବା ଯେଉଁମାନଙ୍କ ବୃତ୍ତି ।

ସୁବର୍ଣ୍ଣରେଖା ଜୁଆରରେ ଫୁଲି ଫୁଲି ଉଠୁଛି । ପ୍ରବଳ ସ୍ରୋତ ନେଇ ଜଳ ମାଡ଼ି ମାଡ଼ି ଆସୁଛି । ସେ ସ୍ରୋତରେ ନୌକା ଟଳମଳ ହେଉଛି ।

ଝଡ଼ିଆ ମାଝି ପାଟି କଲା, ଆରେ ଜୋରେ ଭିଡ଼, କାତ ପାଉନି ।

ପରମେଶ୍ୱରିଆ ଓ ଅଚ୍ୟୁତିଙ୍କ କଳାମଚମଚ ଦେହରୁ ଗମ୍‌ଗମ୍ ଝାଳ ବୋହିଯାଉଛି । ତଥାପି ନୌକା ଚାଲୁନି ।

ସନ୍ଧ୍ୟା ହୋଇ ଆସୁଛି । ସୁବର୍ଣ୍ଣରେଖା ଜୁଆରର ପ୍ଳାବନରେ ଆହୁରି ଫୁଲିଉଠୁଛି । ଢ଼େଉଢ଼େଉକା ହୋଇ ପାଣି ଖେଳୁଛି । ସେଇ ପାଣିରେ ଜାତି ଜାତି ମାଛ ଥରେ ଥରେ ପାଣି ଉପରକୁ ଛିଟିକି ଆସୁଛନ୍ତି ।

ଏ ନୌକାରେ ପାଲ ନାହିଁ । ହାତଟଣା ।

ଆକାଶରେ ଜହ୍ନ ନାହିଁ । ତାରା ବି ଦିଶୁନି। ମେଘ ଘୋଟିଛି ।

ଜୁଆରର ବେଗ ଓ ଗତି କ୍ରମଶଃ ବଢ଼ୁଛି ।

ନୌକାରେ ଥିଲେ ବି ସେମାନେ ଅନୁଭବ କରିପାରୁଛନ୍ତି ଜଳସ୍ତର ବୃଦ୍ଧିପାଉଛି ।

ସେଇ ବିଶାଳ ଜଳରାଶି ପ୍ରଚଣ୍ଡ ଶକ୍ତି ନେଇ ମାଡ଼ି ମାଡ଼ି ଆସୁଛି ।

ଆସନ୍ନ ରାତ୍ରିର ସେଇ ଘନ ଅନ୍ଧକାରରେ ତିନୋଟି ଛାୟାୟିତ ମୂର୍ତ୍ତି କ୍ରମଶଃ ଅସ୍ପଷ୍ଟ ହୋଇଉଠୁଛନ୍ତି ।

ଗଣ୍ଡ ଆହୁରି ଅଛି ।

ଗାଆଁ ତ ଅନେକ ଅନେକ ଦୂର ।

ନୌକାରୁ କେମିତି ଆଇଁଷିଆ ଗନ୍ଧ ଆସୁଛି ।

ଝଡ଼ିଆର ତବଲା ଖାଇବା ଅଭ୍ୟାସ । ହେଲେ କାତ ଛାଡ଼ି ସେ କଲକୀରେ ନିଆଁ ଲଗାଇବ କେମିତି ?

ସେ ଅଣ୍ଟାରୁ ଖଣ୍ଡେ ବିଡ଼ି କାଢ଼ି ଲଗାଇଲା। ଆଖି ଆଗରେ ଭାସିଉଠୁଥିଲା ତିରସ୍ତା ସନର ଏକ ଦିନ ।

ସେଦିନ ବି ଏମିତି ସମୁଦ୍ରରୁ ମାଛ ଧରି ଫେରୁଥିଲେ ସେମାନେ । ଫେରିବା ରାସ୍ତାରେ ଝଡ଼, ତୋଫାନ । ଘରକୁ ଫେରିବା ପୂର୍ବରୁ ସୁବର୍ଣ୍ଣରେଖାରେ ବନ୍ୟା ଆସିଗଲା । କି ସୁଅ ସେଦିନ ! ସାପ ଦିଗଡ଼ ହୋଇଯିବ ।

ପ୍ରକାଣ୍ଡ ପ୍ରକାଣ୍ଡ ଢ଼େଉରେ ନୌକା ଟଳମଳ ହେବାକୁ ଆରମ୍ଭ କରିଥିଲା ।

ଚେତା ଆସିବାବେଳକୁ ସେ ଡାକ୍ତରଖାନା ବାରଣ୍ଡାରେ । ସୁନେଇ ତା ମଥାକୁ କୋଳରେ ଧରି ବସିଛି ।

ତା ସାଥିମାନେ ଆହୁରି ନିଖୋଜ । ଡଙ୍ଗାର ପତ୍ତା ନାହିଁ ।

ଶହ ଶହ ଲୋକ ଗୃହଶୂନ୍ୟ, ନିଃସହାୟ ଭାବରେ ଡାକ୍ତରଖାନା ପଡ଼ିଆରେ ବସିଛନ୍ତି । ଗାଈଗୋରୁ ହମାରଡ଼ି ଛାଡ଼ି ଛନ୍ତି ଭୋକଜ୍ୱାଳରେ ।

ଗୋବିନ୍ଦପୁର ଗ୍ରାମର ଆହୁରି କେତେ କେତେ କେଉଟ ଆଉ ଘରକୁ ଫେରିନଥିଲେ ।

କୁସୁନିଆ ମାଝି, ଅନ୍ତା ମାଝି, ଗୋବରା ମାଝି ଏମିତି ଅନେକ ଅନେକ । ସୁବର୍ଣ୍ଣରେଖାର ସେଇ ପ୍ରବଳ ସ୍ରୋତ ସେମାନଙ୍କୁ କୁଆଡ଼େ ଯେ ନେଇଗଲା, କେହି ଜାଣନ୍ତିନି ।

ବନ୍ୟା ଛାଡ଼ିବା ପରେ ସୁନେଇ ଲଗାଇଥିଲା, ତା ବାପଘର ପାଖ କାହ୍ନେଇ ଉଠିଯିବାକୁ । ମାଛବେଉସା ଛାଡ଼ିଦେବାକୁ ।

ସେ ପାରିନଥିଲା ।

ସୁବର୍ଣ୍ଣରେଖାର ମାଝି ସେ । ଝଡ଼ବର୍ଷା, ବନ୍ୟା ବିପାକକୁ ଡରିବ ସେ ? ନଈରେ ଯା'ର ବାଲ୍ୟ, କୈଶୋର ବିତିଛି, ନଈର ଭରା ଜଳରେ ଢ଼େଉ ଭାଙ୍ଗି ଭାଙ୍ଗି, ନୌକା ବାହି ବାହି, ତାର କୁଳୁକଳୁ ସ୍ୱର ଶୁଣି ଶୁଣି ଯିଏ ବଡ଼ ହୋଇଛି, ସେ ଡରିବ ନଈକୁ ?

ହେଲା ସୁନେଇ କଥା ସତ । ନଈରେ ବନ ଅଛି, ଗଣ୍ଡ ଅଛି, ଶାଙ୍କୁଚ, ମଗର ଅଛନ୍ତି, ହେଲେ ରୂପେଲି କାତିର ଭଳିଭଳି ମାଛ ନାହାନ୍ତି ? ମନକୁ ମୋହି ନେଉଥିବା ଢ଼େଉର ଖେଳ ନାହିଁ ? ସୁରୁଜ ଉଇଁବା ବେଳର ଅବା ବୁଡ଼ିବା ବେଳର ମୋହିନୀ ରୂପ ନାହିଁ ?

ଏଇ ନଈ ଯେମିତି ଆଇମାଠୁଁ ଶୁଣିଥିବା ସେଇ ରାଜାପୁଅ ଗପର ମୋହିନୀ ନାରୀ । କେତେବେଳେ ଖେଳାଏ, କେତେବେଳେ ଛଳାଏ । ତଥାପି ତା'ର ଛଇ, ଛଟକରେ ଅଟକିଯାଏ ମନ । ଚାହିଁଲେ ମଧ ତା'ର ପଣତରୁ ନିଜକୁ ଫିଟାଇ ଆଣିହୁଏ ନାହିଁ । ଜନମକାଳରୁ ପଡ଼ିଥିବା କେଉଁ ଅଦେଖା ଗଣ୍ଠିରୁ ନିଜକୁ ମୁକୁଳି ଆଣିହୁଏ ନାହିଁ ।

ତାର ଅନ୍ୟମନସ୍କତା କଟିଗଲା ।

ଦି' ହାତ ଦୂରରେ ଗଣ୍ଡ । ପାଣି ଭଉଁରୀ କାଟୁଛି ।

ସବୁ ଶକ୍ତି ଦେଇ କାତ ମାରି ନୌକାକୁ ଆଗେଇ ନେଉଁ ନେଉଁ ସେମାନେ ପାଟି କରି ଉଠିଲେ, ଜୟ ବାବା ଭୁଷଣ୍ଡେଶ୍ୱର, ଜୟ ମା ଭୋଗରାଇ ବାସୁଳି !

॥ ଆଠ ॥

ଗ୍ରାମଦେବତୀଙ୍କ ପୀଠସ୍ଥାନରେ ଖବରଟା ପ୍ରଥମେ ପ୍ରଘଟ ହୋଇଗଲା । ସପନୀ ସେଇଠି ପ୍ରଥମେ କଥାଟି ଶୁଣିଲା ।

ଅମୀନକୁ ପାଞ୍ଚହଜାର ଟଙ୍କା ଦେବାର ଯୋଗାଡ଼ କରିପାରିଥିଲା ସେ । ତା'ର ରୂପାର ଟଙ୍କାହାର, ବଟଫଳ, ଚନ୍ଦ୍ରହାର ସବୁ ମିଶାଇ ସେ ବାୟାକୁ ସିମୁଳିଆ ବଣିଆ ଦୋକାନକୁ ପଠାଇଥିଲା । ସବୁ ମିଶି ହଜାରେ ଟଙ୍କା ହେଲା । ଫେର ବୋହୂ କାନରୁ ମାକଡ଼ି କାଢ଼ି ଦେଲା । ବାୟାର ଶ୍ୱଶୁରଘର ହଳଦୀଗୋଡ଼ଧୁଆ ମୁଦି, ସପନୀର ନାକଫୁଲ, ଏମିତି ସବୁ ମିଶି ପାଞ୍ଚହଜାର ହୋଇଥିଲା ।

ସେଇ ଖୁସିରେ ସପନୀ ଯାଇଥିଲା ଗ୍ରାମଦେବତୀଙ୍କ ପାଖେ ପୂଜା ଦେବାକୁ । ବାରିରୁ ଗୋଟାଏ ଖଜାପଣସ ଓ ନଡ଼ିଆଗଛରୁ ଦୁଇଟା ନଡ଼ିଆ ନେଇଥିଲା । ପରଦିନ ବଡ଼ିଭୋଅରୁ ବାୟା ଯାଇ ଅମୀନ ହାତରେ ଟଙ୍କା ଗୁଞ୍ଜି ଦେଇଆସିବାର କଥା ଥିଲା ।

ସେଇଠି କଥାଟା ପ୍ରଘଟ ହୋଇଗଲା ।

ସନ୍ଧ୍ୟାଆଳତି ହେଉଥିଲା । ସମସ୍ତେ ସମବେତ କଣ୍ଠରେ କୀର୍ତ୍ତନ ଗାଉଥିଲେ । ହଠାତ୍ ଢ଼ୋଲ ମହୁରୀ ବନ୍ଦ ହୋଇଗଲା । ଲୋକମାନେ କୀର୍ତ୍ତନରେ ସୁର ମିଳାଇବା କଥା ଭୁଲିଗଲେ ।

ଚାମର ହାତରେ ପୁରୋହିତ ଯଦୁ ମିଶ୍ର ଅଟକିଗଲେ ।

ଗାଆଁର ଅନାଦି ସାହୁ ଯିଏ ବାଲିଆପାଳରେ ଏକ ସ୍କୁଲରେ ଶିକ୍ଷକତା କରନ୍ତି, ସାଇକେଲଟିକୁ ଥୋଇଦେଇ ସିଧା ଯାଇ ଗ୍ରାମଦେବତୀଙ୍କ ଆଗରେ ପଡ଼ିଯାଇ କାନ୍ଦିଉଠିଲେ, ହେ ମା ! ଗାଆଁ ଭାସିଗଲା । ଏ ବିପଦରୁ ବଞ୍ଚା ।

ସମସ୍ତେ ତଟସ୍ଥ ହୋଇ ଚାହିଁଲେ ।

ବନ୍ୟାର କିଛି ଲକ୍ଷଣ ନାହିଁ । ଦେବୀଙ୍କ ଆସ୍ଥାନ ତଳ ବିଲ, ବାରି ଜହ୍ନଆଲୁଅରେ ଚିକଚିକ୍ କରୁଛି । ବନ୍ୟା ଆସିଲା କୁଆଡୁ ?

ଅନାଦି ସାହୁ ପିଲାଙ୍କ ଭଳି କାନ୍ଦୁଥିଲେ

ସେଇ ପ୍ରଥମ ସମସ୍ତେ ଶୁଣିଲେ ସେ କଥା ।

ସେମାନଙ୍କ ମାଟି ଉପରେ ଘାଟୀ ହେବ । କ୍ଷେପଣାସ୍ତ୍ର ଘାଟୀ ।

ସେମାନଙ୍କୁ ସାତ ପୁରୁଷିଆ ଭିଟାମାଟିରୁ ଉଚ୍ଛେଦ କରାହେବ ।

ଷାଠିଏ ବରଷର ଭାଗବତ ମହାନ୍ତି ଯିଏ ସାରାଜୀବନ ବିଦେଶରେ କଟାଇ ଅବସର ଗ୍ରହଣ କଲାପରେ ଗତ ଛଅମାସ ହେବ ଗାଆଁକୁ ଫେରି ପୈତୃକ ଘରର ମରାମତି କରି ରହୁଛନ୍ତି, ଭାଗବତ ଶୁଣିବା ପାଇଁ, ସନ୍ଧ୍ୟାଆଳତି ଦେଖିବା ପାଇଁ ପ୍ରତିଦିନ ଗ୍ରାମଦେବତୀଙ୍କ ପୀଠକୁ ଆସନ୍ତି, କଥାଟା ବୁଝିପାରିଲେ ନାହିଁ । ପରଳ ପଡ଼ିଆସୁଥିବା ଆଖିରେ ବିସ୍ମୟର ମୁଦ୍ରା ଆଙ୍କି ପଚାରିଲେ, କଅଣ କହୁଛ ଅନାଦି ? ଆମେ ଆମ ଘରଦ୍ୱାର ଛାଡ଼ି କୁଆଡ଼େ ଯିବୁ ?

ସପନୀବୁଢ଼ୀ ତା'ର ଅଶିକ୍ଷିତ ମନରେ କଥାଟାକୁ ଧରି ପାରିଲା ନାହିଁ । ପଚାରିଲା ଘାଟୀ କି ପଦାର୍ଥ ଅନାଦି ? ଆଉ ଆମେ କାହିଁକି ଗାଆଁ ଛାଡ଼ିବା ।

ଭୀମପୁରା ଗାଆଁର ଶିଶୁ, ବାଳକ ବାଳିକା, ଯୁବକ ଯୁବତୀ, ବୃଦ୍ଧା ବୃଦ୍ଧ ସବୁରି କଣ୍ଠରେ ବିସ୍ମୟ ଓ ଅବିଶ୍ୱାସ ।

ଚୌଧୁରୀଘର ଭୀମ, ଯିଏ ରୋଜ ଠାକୁରାଣୀ ପୀଠକୁ ଆସେ ମୃଦୁ ସ୍ୱରରେ, ପଚାରିଲା, ଘାଟୀ କଅଣ ?

ଅନାଦି ସାହୁ ବାଷ୍ପଗଦଗଦ କଣ୍ଠରେ ଉତ୍ତର ଦେଲେ, ଏଠି ସରକାରଙ୍କର ଅସ୍ତ୍ରଶସ୍ତ୍ର ରଖା ହେବ । ବୋମା ଫୁଟିବ । ଆମକୁ ତଡ଼ି ଦିଆଯିବ ଏଠୁ । ଯିଏ ଯିବ ନାହିଁ, ତାକୁ ଜୋରକରି ତଡ଼ିଦିଆଯିବ ।

ତମେ ଏକଥା କାହୁଁ ଶୁଣିଲ ? ଭୀମପୁର ଗ୍ରାମର ଭିତରେ ଭିତରେ ସବୁ କାମ ସରିଲାଣି । ସରକାରୀ ଲୋକ ଆସି ସବୁ ଦେଖି ସରକାରଙ୍କୁ ରିପୋର୍ଟ ଦେଲେଣି ।

ହେଲେ ସେକଥା ଆମେ ମାନିଲେ ତ ? ପୁରୁଷ ପୁରୁଷ ଧରି ଆମେ ଯେଉଁଠି ରହୁଛୁ, ସରକାରଙ୍କ ପଦିଏ କଥାରେ ସେ ଜମି ଛାଡ଼ି ଦେବୁ ? ଭୀମପୁର ଗାଆଁର ଶ୍ୟାମ ଦାସର ସାନପୁଅ ନବଘନ ଦାସ ପଚାରି ଉଠିଲା ।

ନ ଛାଡ଼ିଲେ ସେମାନେ ବାଧ କରିବେ । ମାରିବେ, ପିଟିବେ, ବାନ୍ଧି ଜେଲ ନେଇଯିବେ । ଦରକାର ହେଲେ ଜୀବନରୁ ମାରିଦେବେ ।

ସମସ୍ତଙ୍କ ଆଖି ବିସ୍ମୟରେ ବିସ୍ଫାରିତ ହୋଇଉଠୁଥିଲା । ଗ୍ରାମର କୌଣସି ଲୋକ ଏଭଳି ଏକ କଥା କେବେ ଶୁଣି ନାହାନ୍ତି ।

(କ୍ରମଶଃ)

## ଅନୁବାଦ ଗଳ୍ପ

# ଝିଅର ଭାଗ

ମୂଳହିନ୍ଦୀ-
ଶ୍ୟାମସୁନ୍ଦର ଅଗ୍ରବାଲ





ଅନୁକୃତି-
ବିନୟ କୁମାର ଦାସ

ସେମାନେ ବୁଢ଼ାବୁଢ଼ୀ ହୋଇସାରିଥିଲେ । ଘରେ ଦୁଇ ପୁଅ । ବିବାହିତ । ଚାକିରୀ କରୁଛନ୍ତି । ବଡଝିଅ ବିଧବା, ହେଲେ ତାର କିଛି ଅସୁବିଧା ନାହିଁ । ତା ସ୍ୱାମୀ ତା ପାଇଁ ଅଜସ୍ର ସଂପତି ଛାଡିଯାଇଛନ୍ତି । ସେ ସେଠି ତା ଘରେ ଭଲରେ ଚଳୁଛି । ଏବେ ପୁଅ ଦୁଇଜଣ ସିଦ୍ଧାନ୍ତ ନେଲେ ପୈତୃକ ସଂପତିକୁ ନିଜ ଭିତରେ ଭାଗବଂଟା କରିନେବେ । ସେଥିରେ କିଛି ବି ସମସ୍ୟା ଆସିଲା ନାହିଁ । ଜମିବାଡି ଘର ବ୍ୟାଙ୍କ ବ୍ୟାଲାନ୍ସ ସବୁ ଭଲରେ ଭଲରେ ସମାନ ଦୁଇଭାଗ ହୋଇଗଲା । ଏବେ ଆସିଲା ଅସଲ ସମସ୍ୟା । ଦୁଇଭାଇଙ୍କ ଭିତରେ ଚାଲିଲା ଆଲୋଚନା ବାପା ମାଆଙ୍କୁ କିଏ ରଖିବ ନିଜ ପାଖରେ ।

ବାପା ସୁସ୍ଥ ଥିଲେ । ତାଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା କିଛି ନଥିଲା । ଅନ୍ୟପକ୍ଷରେ ମାଆ ଥିଲେ ରୋଗିଣା । ତାଙ୍କର ଚିକିତ୍ସା ଆଉ ଔଷଧପତ୍ରରେ ବହୁତ ଖର୍ଚ୍ଚ ହେଉଥିଲା । ଦୁଇଭାଇ ବହୁ ଆଲୋଚନା ପରେ ଠିକ୍ କଲେ ଜଣେ ବାପାଙ୍କୁ ରଖିବ ତ ଆଉ ଜଣେ ମାଆଙ୍କୁ । ତେବେ ବାପାଙ୍କୁ ରଖିବା ପାଇଁ ଉଭୟେ ଆଗ୍ରହ ପ୍ରକାଶ କଲେ । ଏଣେ ବାପା ମାଆ କିନ୍ତୁ ଏ ଅନ୍ତିମ କାଳରେ ପରସ୍ପର ଠାରୁ ଅଲଗା ହୋଇ ରହିବାକୁ ଆଦୌ ଚାହୁଁନଥିଲେ। ହେଲେ ସେମାନଙ୍କର ଇଚ୍ଛାକୁ ବୁଝିବ କିଏ ?

ବହୁ କଥାକଟିକଟି ପରେ ବଡଭାଇ ରାଜି ହେଲା ମାଆଙ୍କୁ ନିଜ ପାଖରେ ରଖିବା ସକାଶେ । ମାତ୍ର ଏଥିପାଇଁ ସାନ ଭାଇ ତାକୁ ପଚାଶ ହଜାର ଟଙ୍କା ଦେବାକୁ ହେବ ବୋଲି ସେ ସର୍ତ୍ତ ରଖିଲା । କିନ୍ତୁ ସାନଭାଇ ଏଥିରେ ରାଜି ହେଲା ନାହିଁ । ଏମିତି ଦୁଇଦିନ ବିଭିନ୍ନ ପ୍ରକାରର ବିଚାର ବିମର୍ଷ ଚାଲିଲା । କିଛି ସମାଧାନର ବାଟ ବାହାରି ପାରୁ ନଥିବା ବେଳେ ଅଚାନକ ବଡଭଉଣୀ ଆସି ଘରେ ପହଁଚିଗଲା । ଏ ପରିସ୍ଥିତିରେ ଭଉଣୀର ଅଚାନକ ଆଗମନ ଦୁଇ ଭାଇଙ୍କୁ ଅଡୁଆରେ ପକାଇଦେଲା ।

'ଦିଦି, କେମିତି କଣ ଚାଲି ଆସିଲୁ ଯେ.. ? ତୋ ଘରେ ସବୁ ଭଲ ତ ? ତୋ ଦେହ ଭଲ ଅଛି ତ ?' ବଡଭାଇ ନିଜ ମନର ଅଜଣା ଆଶଙ୍କାକୁ ଚାପିରଖି ପଚାରିଦେଲା ଔପଚାରିକ ଦୃଷ୍ଟିରୁ ।

'ହଁ, ଘରେ ସବୁ ଭଲ । ଖବର ପାଇଲି ଆମ ସଂପତି ଭାଗବଂଟା ହେଉଛି ତ.. ତେଣୁ ମୁଁ ମୋ ଭାଗ ନେବା ପାଇଁ ଚାଲି ଆସିଲି ।'

ତାର ଏ ଉତ୍ତର ଶୁଣି ଦୁଇଭାଇଙ୍କ ମୁହଁ ଶୁଖିଗଲା । ସେମାନେ ପରସ୍ପରକୁ ବିକଳ ଭାବରେ ଚାହିଁଲେ ।

'କିନ୍ତୁ ଦିଦି, ତୋ ପାଇଁ ଆମ ଭିଣେଇ ଯେତିକି ସମ୍ପତି ଛାଡି ଯାଇଛନ୍ତି, ସେଥିରେ ତ ତୁମେ ସାତ ଜନ୍ମ ବସିକି ଖାଇବ । ଏଠି ଆମର ବା କେତେ ସମ୍ପତ୍ତି ?'

'ହଁ .. ତା ଅବଶ୍ୟ ସତ । ତେବେ ଯେତେ ଯାହା ହେଲେ ବି ମୋର ବି ତ ଏଠି କିଛି ଭାଗ ରହିଚି ନା ? ସେତକ ତ ମୋର ହକ୍ ବି । ସେ ସମ୍ପତି ତ ଆଉ ତୁମ ଭିଣେଇ ଛାଡି ଯାଇ ନାହାନ୍ତି । ଏଠିକା ସମ୍ପତ୍ତି ପୂରା ପୂରି ଆମର । ଆସିଚି ମାନେ ମୋ ଭାଗ ମୁଁ ନିଷ୍ଚୟ ନେଇକରି ଯିବି ।'

ତହିଁ ପରଦିନ ନିଜ ପାଖରେ ରଖିବା ପାଇଁ ବାପା ମାଆଙ୍କୁ ନେଇ ସେ ତା ଘରକୁ ଫେରିଗଲା ।

♥ ଅନାମିକା ନୀଡ, ଅଂଗାରଗଡିଆ, ବାଲେଶ୍ୱର-୭୫୬୦୦୧
ମୋ- ୯୮୬୧୦୧୮୩୬୯

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୫ ସେପ୍ଟେମ୍ବର, ୨୦୨୨

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



# ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ: ସ୍ୱାଧୀନ ଭାରତର ଅନନ୍ୟ ରାଷ୍ଟ୍ରନାୟକ



ଭାରତବର୍ଷରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଏକ ସ୍ମରଣୀୟ ନାମ । ଏକାଧାରେର ସେ ଥିଲେ ଜଣେ ଦେଶପ୍ରାଣ ମାନବବାଦୀ ନେତା, ନିସ୍ୱାର୍ଥପର ଜନସେବକ, ପ୍ରବୀଣ ରଷ୍ଟ୍ରନୀତିଜ୍ଞ, ବିଶିଷ୍ଟ ସମାଜ ବିଜ୍ଞାନୀ, ପ୍ରଖ୍ୟାତଯଶା ଐତିହାସିକ ଏବଂ ତେଜସ୍ୱୀ ପ୍ରଜ୍ଞାପୁରୁଷ । ଆଜି ଆମେ ତାଙ୍କର ପବିତ୍ର ଶତବାର୍ଷିକ ଜୟନ୍ତୀ ଉତ୍ସବ ପାଳନ କରୁଛୁ । ଏହି ମହାପୁରୁଷଙ୍କ ପୂଣ୍ୟ ଜନ୍ମତିଥିରେ କୋଟି କୋଟି ଦେଶବାସୀଙ୍କ ସହିତ ଆମେ ତାଙ୍କର ଆମର ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅପର୍ଣ କରିବା ସହିତ ତାଙ୍କର ଅନନ୍ୟ ସାଧାରଣ ଜୀବନ ଓ କାର୍ଯ୍ୟାବଳୀ ସଂପର୍କରେ ଉପସ୍ଥାପିତ କରୁଛୁ ।

ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜନ୍ମ ଏକ ସାଧାରଣ ପରିବାରରେ ହୋଇଥିଲା । ଜନ୍ମ ତିଥି ୨୫ ସେପ୍ଟେମ୍ବର, ୧୯୧୬ ମସିହା । ପିତା ଭଗବତୀ ପ୍ରସାଦ ରେଳ ବିଭାଗୟର କାର୍ଯ୍ୟରତ ଥିଲେ । ମାତାଙ୍କ ନାମ ରାମପ୍ୟାରୀ । ଦୀନଦୟାଲଙ୍କର ଜଣେ ସାନଭାଇ ଥିଲେ । ନାମ ଶିବ ଦୟାଲ । ଉପାଧ୍ୟାୟ ପରିବାର ଉତରପ୍ରେଦେଶ ମଥୁରା ଜିଲ୍ଲାର ଚନ୍ଦ୍ରଭାନ ଗ୍ରାମର ବାସିନ୍ଦା ଥିଲେ । ବାଲ୍ୟକାଳରୁ ଦୀନଦୟାଲଙ୍କର ଜୀବନ କଷ୍ଟମୟ ଥିଲା । ତିନି ବର୍ଷ ବୟସରେଙ୍କ ପିତାଙ୍କ ସ୍ୱର୍ଗାବାସ ହେଲା । ଏଣୁ ମା' ଓ ଛୋଟଭାଇ ସହିତ ମାମୁଁ ଶ୍ରୀ ରାଧାରମଣ ଶୁକ୍ଲାଙ୍କ ଘରେ ଆସି ରହିବାକୁ ପଡିଲା । ତାଙ୍କ ଜୀବନରେ ଗୋଟିଏ ପରେ ଗୋଟିଏ ବି ତି ଆସି ପହଂଚୁଥାଏ । ମାତ୍ର ସାତ ବର୍ଷ ବୟସରେ ତାଙ୍କ ମାତାଙ୍କର ବାଲ୍ୟକାଳ ପାର ହେଉ ହେଉ ଅକସ୍ମାତ୍ ତାଙ୍କ ସାନଭାଇ ଶିବଦୟାଲ ମାତ୍ର ୧୬ ବର୍ଷ ବୟସରେ ଇହଲୀଳା ତ୍ୟାଗ କରିଥିଲେ । ବିଭିନ୍ନ ପ୍ରକାର ଅସୁବିଧା ସତ୍ତ୍ୱେ ଦୀନଦୟାଲ ନିଜର ପାଠପଢାରେ ଖୁବ୍ ମନ ଧ୍ୟାନ ଦେଉଥିଲେ ଏବଂ ପ୍ରତ୍ୟେକ ପରୀକ୍ଷାରେ କୃତିତ୍ୱର ସହ ଉତୀର୍ଣ୍ଣ ହୋଇଥିଲେ । ପ୍ରାଥମିକ ବୋର୍ଡ ପରୀକ୍ଷାରେ ସେ ପ୍ରଥମ ସ୍ଥାନ ହାସଲ କରିଥିଲେ । ମାଟ୍ରିକ ପରୀକ୍ଷାରେ ଆଜମୀର ବୋର୍ଡରେ ପ୍ରଥମ ଶ୍ରେଣୀର ପ୍ରଥମ ହୋଇ ରେକର୍ଡ ସ୍ଥାପନ କରିଥିଲେ । ବିରଳା କଲେଜରେ ଇଂଟମିଡିଏଟ୍ ପରୀକ୍ଷା ଦେଇ ସେ ସର୍ବାଧିକ ଅଙ୍କ ରଖି ପାଶ କରିଥିଲେ । ଶିଳ୍ପପତି ଘନଶ୍ୟାମ ଦାସ ବିରଳା, ଉପାଧ୍ୟାୟଙ୍କ କୃତିତ୍ୱକୁ ଦେଖି ତାଙ୍କୁ ୨୫୦ ଟଙ୍କା ଆର୍ଥିକ ପୁରସ୍କାର ଓ ମାସିକ ୧୦ ଟଙ୍କା ଛାତ୍ରବୃତ୍ତି ପ୍ରଦାନ କରିଥିଲେ । ଯୁବକ ଦୀନଦୟାଲ ସନାତନ ଧର୍ମ କଲେଜ, କାନପୁରରୁ ଗଣିତରେ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ଆଗ୍ରାର ସେଂଟ୍‌ଜନ୍ କଲେଜରେ ଇଂରାଜୀରେ ସ୍ନାତକୋତର ଶିକ୍ଷା ପାଇଁ ଭର୍ତ୍ତି ହୋଇଥିଲେ । ପ୍ରଥମ ବର୍ଷ ପ୍ରଥମ ଶ୍ରେଣୀରେ ପାସ୍ କରିବା ପରେ ଅସୁସ୍ଥ ମାମୁ ଝିଅ ଭଉଣୀର ଦୀର୍ଘକାଳୀନ ସେବା ପାଇଁ କଲେଜ ଛାଡି ସେ ଡାକ୍ତରଖାନାରେ ସମୟ ବିତାଇ ଥିବାରୁ ସ୍ନାତେକାତର ଡିଗ୍ରୀ ହାସଲ କରିପାରି ନଥିଲେ । ମାଇଁଙ୍କ ପ୍ରୋତ୍ସାହନରେ ରାଜ୍ୟ ପ୍ରଶାସନିକ ଅଧିକାରୀ ପଦ ପାଇଁ ପରୀକ୍ଷା ଦେଇ ପ୍ରଥମ ସ୍ଥାନ ପ୍ରାପ୍ତ କରିଥିଲେ ମଧ ଗୋରାମାନଙ୍କର ଗୋଲାମ ନହେବା ପାଇଁ ସଂକଳ୍ପବଦ୍ଧ ଦୀନଦୟାଲ ପ୍ରଶାସନିକ ସେବାରେ ଯୋଗ ଦେଇ ନଥିଲେ । ଏହି ପ୍ରଶାସନିକ ଘଟଣାରୁ ତାଙ୍କର ଦେଶପ୍ରାଣତା ଓ ସ୍ୱାଧୀନଚେତା ମାନସିକତାର ମହାନ ପରିଚୟ ମିଳିଥିଲା । ଦେଶପାଇଁ ଜୀବନକୁ ଉତ୍ସର୍ଗ କରିବା ପାଇଁ ସେ ଯେ ପ୍ରତିଶ୍ରୁତିବଦ୍ଧ ଏହା ସ୍ୱଷ୍ଟ ଜଣାପଡିଥିଲା । ସନାତନ ଧର୍ମ କଲେଜ, କାନପୁରରେ ଅଧ୍ୟୟନ କରୁଥିବାବେଳେ ୧୯୩୭ ମସିହାରେ ସେ ପ୍ରଥମେ ତାଙ୍କର ବନ୍ଧୁ ବାଲୁଜୀ ମହାଶେଦଙ୍କ ଜରିଆରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସଂପର୍କରେ ଆସିଥିଲେ । ସଂଘର ପ୍ରତିଷ୍ଠାତା ହେଡଗେୱାରଜୀ କାନପୁର ଆସିଲେ ଛାତ୍ରାବାସରେ ରହୁଥିବା ଦୀନଦୟାଲଙ୍କ ବନ୍ଧୁ ବାଳାସାହେବ ଆପ୍‌ତେ ଓ ମହାରାଓ ପରମାର୍ଥଙ୍କ ପାଖରେ ରହୁଥିଲେ । ହେଡଗେୱାରଜୀଙ୍କ ସାକ୍ଷାତପରେ ଶାଖାରେ ଏକ ବୌଦ୍ଧିକ ସମାବେଶରେ ଯୋଗଦେବା ପାଇଁ ସେ ତାଙ୍କୁ ସାକ୍ଷାତପରେ ନିମନ୍ତ୍ରଣ କରିଥିଲେ । ଏହି ସମୟରେ ସୁନ୍ଦର ସିଂହ ଭଣ୍ଡାରୀ ମଧ ଉପାଧ୍ୟାୟଙ୍କ ସହପାଠୀ ଥିଲେ । ୧୯୪୨ ମସିହାରେ ଅନୁଷ୍ଠାନିକ ଭାବେ ଦୀନଦୟାଲ ଜଣେ ପୂର୍ଣ୍ଣକାଳୀନ ପ୍ରଚାରକ ସଂଘ କାର୍ଯ୍ୟରେ ଯୋଗଦେଲେ । ଖୁବ୍ ଅଳ୍ପ ସମୟ ଭିତରେ ନିଜର ମଧୁର ବ୍ୟବହାର ତଥା କାର୍ଯ୍ୟଶୈଳୀ କାରଣରୁ ସଂଗଠନ ଭିତରେ ସେ ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥିଲେ । ମାତ୍ର ତିନିବର୍ଷର ସଂଘ ପ୍ରଚାରକର ଅଭିଜ୍ଞତା ପରେ ତାଙ୍କୁ ଉତରପ୍ରେଦେଶ ପ୍ରାନ୍ତର ସହ-ପ୍ରାନ୍ତ ପ୍ରଚାରକ ଭାବେ ଦାୟିତ୍ୱ ଦିଆଗଲା । ୧୯୫୧ ମସିହାରେ ହିନ୍ଦୁ ମହାସଭାର ଅଧ୍ୟକ୍ଷ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ଶ୍ରୀ ଗୋଲୱାଲକରଜୀଙ୍କର ମିଳିତ ଉଦ୍ୟମେର ଭାରତୀୟ ଜନସଂଘ ଦଳର ଶୁଭାରମ୍ଭ ହୋଇଥିଲା । ଏଇ ରାଜନୈତିକ ଦଳରେ କାମ କରିବା ପାଇଁ ସଂଘରୁ କେତେଜଣ ବଛାବଛା ସ୍ୱୟଂସେବକଙ୍କୁ ଚୟନ କରାଯାଇଥିଲା । ସେମାନଙ୍କ ଭିତରେ ଅପେକ୍ଷାକୃତ ବୟସ୍କ ଥିଲେ ଦୀନଦୟାଲଜୀ । ତାଙ୍କୁ ଦଳର ମହାମନ୍ତ୍ରୀ ପଦରେ ଅଧିଷ୍ଠିତ କରାଯାଇଥିଲା ।


ଆଲେଖ୍ୟ :
ଭୁବନାନନ୍ଦ ତ୍ରିପାଠୀ
(ମୋ) - ୮୮୯୫୫୨୩୫୬୧

୧୯୫୧ ରୁ ୧୯୬୭ ମସିହା ପର୍ଯ୍ୟନ୍ତ ଅର୍ଥାତ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଦୀନଦୟାଲଜୀ ଜନସଂଘ ଦଳ ପାଇଁ ନିଜର ସବର୍ସ୍ୱ ଅପର୍ଣ କରିଥିଲେ । ଦଳ ପ୍ରତିଷ୍ଠାର ମାତ୍ର ୨ ବର୍ଷ ପରେ ୧୯୫୩ ମସିହାରେ, ଐତିହାସିକ କାଶ୍ମୀର ଆନ୍ଦୋଳନରେ ଦଳର ସଭାପତି ଡଃ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କର କାଶ୍ମୀର ଜେଲ୍‌ରେ ସନ୍ଦେହଜନକ ପରିସ୍ଥିତିରେ ମୃତ୍ୟୁ ହୋଇଥିଲା ଏବଂ ତା'ପରଠାରୁ ଦଳର ସମସ୍ତ ଭାର ଏକରକମ୍ ଦୀନଦୟାଲଜୀଙ୍କ କାନ୍ଧରେ ନ୍ୟସ୍ତ ଥିଲା । ନିଜର ବ୍ୟକ୍ତିତ୍ୱ, ପ୍ରତିଷ୍ଠା ତଥା କୁଶଳ ସଂଗଠନ ଶକ୍ତି ବଳରେ ୧୯୫୧ ସାଧାରଣ ନିର୍ବାଚନରେ ଡ. ମୁଖାର୍ଜୀଙ୍କ ନେତୃତ୍ୱରେ ଭାରତୀୟ ଜନସଂଘ, ସାଧାରଣ ଭୋଟ୍‌ର ୩.୦୩ ପ୍ରତିଶତ ପାଇ ତିନୋଟି ସିଟ୍ ପାଇଥିବା ବେଳେ ଦୀନଦୟାଲଙ୍କର ବଳିଷ୍ଠ ନେତୃତ୍ୱବଳରେ ୧୯୫୭ ରେ ୫.୯୭ ପ୍ରତିଶତ ଭୋଟ୍ ପାଇ ୪ ଟି ୧୯୬୨ ରେ ୬.୪୪ ପ୍ରତିଶତ ଭୋଟ୍ ପାଇ ୧୪ ଟି ଏବଂ ୧୯୬୭ ରେ ୯.୩୧ ପ୍ରତିଶତ ଭୋଟ ପାଇଁ ୩୫ ଟି ଆସନ ଲାଭ କରିଥିଲା । ଫଳରେ ଭାରତୀୟ ଜନସଂଘ ଦେଶରେ ଏକ ସବଳ ବିକଳ୍ପ ରାଜେନୈତିକ ଶକ୍ତି ଭାବେ ଠିଆ ହୋଇପାରିଥିଲା ।

ଦୀନଦୟାଲଜୀ ଜେଣ ଉଚ୍ଚକୋଟୀର ଚିନ୍ତାନାୟକ ଥିଲେ । ତାଙ୍କର ଭାଷା ଓ ରଚନାମାନ ସଂକ୍ଷିପ୍ତ ତଥା ସାରଗର୍ଭକ ହେଉଥିଲା । ତାଙ୍କ ପ୍ରବକ୍ତ ତିନୋଟି ଭାଷଣକୁ ଲିପିବଦ୍ଧ କରି ତିନୋଟି ପୁସ୍ତିକା ପ୍ରସ୍ତୁତ କରାଯାଇଥିଲା । ସେଗୁଡିକ ହେଲା : ୧- ଭାରତୀୟ ଅଥର୍ନୀତିରେ ବିକାଶର ଦିଗ, ୨- ରାଷ୍ଟ୍ରୀୟ ଜୀବନର ଦିଗ ଏବଂ ୩- ପଲିଟିକାଲ ଡାଏରୀ (ଇଂରାଜୀ) 'ଏକାତ୍ମମାନବବାଦ' ଦୀନଦୟାଲଜୀଙ୍କର ଏକ ଅନବଦ୍ୟ ସୃଷ୍ଟି । ଭାରତୀୟ ଜୀବନଦଶର୍ନକୁ ବତର୍ମାନ ପରିସ୍ଥିତିରେ ଉପସ୍ଥାପନ କରି ଏହା ମାଧ୍ୟମରେ ସେ ସମଗ୍ର ମାନବ ସମାଜ ପାଇଁ ନୂତନ ଦିଶା ନିର୍ଦ୍ଦେଶ କରିଛନ୍ତି । ସୁଖ ନାମକ ମରୀଚିକା ପଛରେ ସବର୍ଦା ଦୌଡୁଥିବା ମଣିଷକୁ ଦୀନଦୟାଲଜୀଙ୍କ ପ୍ରଦତ 'ଏକାତ୍ମ ମାନନବାଦ'ରୁ ଏକ ଜୀବନଦର୍ଶନ, ସ୍ଥିରତା, ଶାନ୍ତି ଓ ନିଶ୍ଚିତ ସଫଳତା ଆଣିଦେଉଛି । ଭାରତୀୟ ଜନସଂଘ ଦଳର ନୀତି ଓ ସିଦ୍ଧାନ୍ତ ଉପସ୍ଥାପନ କରିବାକୁ ଯାଇ ଦୀନଦୟାଲ "ଏକାତ୍ମ ମାନବବାଦ" ଦର୍ଶନ ପ୍ରସ୍ତୁତ କରିଥିଲେ । ୧୯୬୪ ମସିହାରେ ଗୋୱାଲିୟରରେ ଅନୁଷ୍ଠିତ ଐତିହାସିକ ପ୍ରତିନିଧି ସଭାରେ ଏଇ ବିଚାର ଦର୍ଶନ ପ୍ରଥମେ ପରିବେଷିତ ହୋଇଥିଲା । ଏଇ ଦଶର୍ନକୁ ଭାରତୀୟ ଜନସଂଘ ନିଜ ଦଳର ବିଚାର ଭାବେ ପରବର୍ତୀ ଅଧିବେଶନେର ପାରିତ କରି ସବୁଦିନ ପାଇଁ ଗ୍ରହଣ କରି ନେଇଥିଲା ।

ଏକାତ୍ମ ମାନବବାଦ ଦର୍ଶନରେ ବ୍ୟକ୍ତି, ସମାଜ, ରାଷ୍ଟ୍ର, ସୃଷ୍ଟି ଓ ପରମେଷ୍ଠିଙ୍କର ଏକ ସାମଗ୍ରିକ ରୂପକଳ୍ପ ପ୍ରସ୍ତୁତ କରାଯାଇଛି । ଉପେରାକ୍ତ ସମସ୍ତ ତତ୍ତ୍ୱର ମିଳିତ ରୂପକୁ "ଏକାତ୍ମ ମାନବଦାଦ"ର ଆଖ୍ୟା ଦିଆଯାଇଛି । ଦୀନଦୟାଲଜୀଙ୍କ ଭାଷାରେ ଶାଶ୍ୱତ ସିଦ୍ଧାନ୍ତ ଏବଂ ଚିରନ୍ତନ ସତ୍ୟ ମଧ୍ୟରେ ନିରନ୍ତର ସଂପର୍କ ରହିଆସିଛି । ଏଣୁ ଆମେ ମାନବ ସଭ୍ୟତାର ସାମଗ୍ରିକ ଉପଲବ୍ଧିକୁ ଅନୁଶୀଳନ କରିବା ଆବଶ୍ୟକ । ଏହା ଭିତରୁ ଯାହା ଆମ ପାଇଁ ଉପଯୋଗୀ ତାହାକୁ ଯୁଗାନୁକୂଳ କରି ଗ୍ରହଣ କରିବାକୁ ହେବ ଏବଂ ତାକୁ ହିଁ ପାଥେୟ କରି ଆମକୁ ଅଗ୍ରସର ହେବାକୁ ପଡିବ । ଦେଶ ସ୍ୱାଧୀନତା ପାଇବା ପରେ ଆମର ପ୍ରାଚୀନ ସଂସ୍କୃତି, ଜୀବନ ପ୍ରତି ଥିବା ମୂଲ୍ୟବୋଧ ଓ ପରଂପରା ଉପରେ ଗୁରୁତ୍ୱ ନଦେଇ ଏହି ପାଶ୍ଚାତ ଭିତ୍ତିକ ଚିନ୍ତାଧାରାର ଅନୁକରଣ ଆମକୁ ସଫଳତା ଦେଇ ପାରିବନାହିଁ । ଆମର ମୌଳିକ ଭାରତୀୟ ବିଚାରଧାରା ଠାରୁ ପାଶ୍ଚାତ୍ୟ ବିଚାର ଆମକୁ ଅଲଗା କରିଦେବ । ଏଥିପାଇଁ ପ୍ରୟତ୍ୟକ ଦେଶବାସୀଙ୍କୁ ସରକାରଙ୍କ ପ୍ରତ୍ୟେକ ଗଠନ ମୂଳକ କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ ଏବଂ ପତ୍ରେ୍ୟକ ଖରାପ କାର୍ଯ୍ୟକୁ ସମାଲୋଚନା ତଥା ବିରୋଧ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ ।

ପଣ୍ଡିତ ଦୀନଦୟାଲଙ୍କର ସ୍ୱଭାବ ଏତେ ସରଳ ଓ ନିରାଡମ୍ବର ଥିଲା ଯେ ତାଙ୍କୁ ଅଜାତଶତ୍ରୁ କୁହାଯାଏ । ଭାରତୀୟ ରାଜନୀତିରେ ସେ ଯେଉଁ ନୂଆ ମୋଡ ଆଣିଦେଲେ ଓ ଜନଜୀବନରେ ଏହି ବିଚାରଧାରା ଯେପରି ଆଦୃତ ହେଲା ଏହା ବିରୋଧୀ ପକ୍ଷ ପାଇଁ ଅସହନୀୟ ହେବାକୁ ଲାଗିଲା । ଦୁର୍ଭାଗ୍ୟର ବିଷୟ , ଏତେ ବଡ ମନିଷୀଙ୍କର ମୃତ୍ୟୁ ଅପ୍ରତ୍ୟାଶିତ ଭାବେ ଘଟିଗଲା । ସେ ଦିନ ଫେବୃଆରୀ ମାସ ୧୧ତାରିଖ ୧୯୬୮ ମସିହା । ଟ୍ରେନ୍‌ରେ ଲକ୍ଷ୍ନୌରୁ ପଟନା ଯାଉଥିଲା ବେଳେ ମୋଗଲସରାଇ ଷ୍ଟେସନର ରେଳ ଧାରଣା ଉପରୁ ତାଙ୍କର ମର ଶରୀର ମିଳିଥିଲା । ତାଙ୍କର ଏହି ଅକାଳ ମୃତ୍ୟୁ କିପରି ହେଲା ତାହା ଏବେ ବି ରହସ୍ୟାବୃତ ।

## ସ୍ମୃତି ଶତଦଳ ୨୫୮

## ଘର ଗଢିବାର ସ୍ୱପ୍ନ



ଡା. ସରୋଜିନୀ ଷଡଙ୍ଗୀ
ଲିଙ୍କ୍‌ରୋଡ୍, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ମଣିଷର ଜୀବନ କାଳ ମଧ୍ୟରେ ଅନେକ କିଛି ଘଟଣା ଘଟିଥାଏ । କିଛି ସ୍ମୃତି ହୃଦୟରେ ସତେଜ ହୋଇ ରହିଥାଏ ଏବଂ ଆଉ କିଛି ସ୍ମୃତି ଭୁଲି ହୋଇଯାଏ । କିନ୍ତୁ ଧୀରେ ଧୀରେ ହୃଦୟର ପରଦାରୁ ପରସ୍ତ ପରସ୍ତ ଧୂଳି ଝାଡି ଦେଲେ ପୁଣି ଥରେ ସେ ସ୍ମୃତି ଉଜ୍ଜୀବିତ ହୋଇଯାଏ, ଛଳ ଛଳ ଓ ଜୀବନ୍ତ । ଆଖି ଆର ପାଖରେ ଗୋଟି ଗୋଟି ମଣିଷ ଆସି ଛିଡା ହୁଅନ୍ତି, ସେତିକିବେଳେ ଅନେକ କଥା ଲେଖି ହୋଇଯାଏ, ଅନେକ ଚିତ୍ର ଆଙ୍କିହୋଇଯାଏ ଓ ଅନେକ ମୂର୍ତ୍ତି ଚିତ୍ରିତ ହୋଇଯାଏ । ସେଥିପାଇଁ ଲୋଡା ହୋଇଥାଏ ସେ ସବୁ ସ୍ମୃତିର ସୂକ୍ଷ୍ମ ଅବଲୋକନ ଏବଂ ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ ଅବତାରଣା । ଅତି ଯତ୍ନ ସହକାରେ ଏ ସବୁଁ ପରଷି ଦେବାକୁ ପଡିଥାଏ, ଯେମିତି ପଢିଲାବେଳେ ପାଠକକୁ ଏହା ପ୍ରାଣ ପ୍ରାଚୁର୍ଯ୍ୟରେ ଭରିଦେବ ।

ପିଲାଦିନେ ବ୍ରହ୍ମପୁରରେ ସ୍କୁଲରେ ପାଠ ପଢିଲା ବେଳେ ସେଠିକାର ସମସ୍ତେ ଠାକୁରାଣୀ ଯାତ୍ରାକୁ ଅନାଇ ବସିଥାନ୍ତି । ପ୍ରାୟ ଏକ ସପ୍ତାହ ଧରି ସେ ଯାତ୍ରା ହୁଏ । କଟକରେ ବାଲି ଯାତ୍ରାଭଳି, ସେ ଯାତ୍ରାରେ ରିବନ, ବେଲୁନ କଣ୍ଢେଇ ଆଦି ଯାବତୀୟ ଘରକରଣା ଜିନିଷର କିଣାବିକା ଚାଲିଥାଏ, କିନ୍ତୁ ସେଠିକାର ସବୁଠୁ ସ୍ୱତନ୍ତ୍ର ଓ ଅଦ୍ଭୁତ ଦୃଶ୍ୟ ଥିଲା ଦଣ୍ଡଯାତ୍ରା । ଜାକଜମକରେ ପାଳିତ ହେଉଥିବା ଠାକୁରାଣୀ ଯାତ୍ରାରେ ଫଳପ୍ରାପ୍ତି ପାଇଁ ଅନେକେ ମାନସିକ କରିଥାନ୍ତି ଏବଂ ସେଇ ମାନସିକ ପୂରଣ ପାଇଁ ବାଘ ଭଳି ବେଶ ସାଜି ସାହିରେ ରାସ୍ତାରେ ତଥା ଘରଘର ବୁଲି ବାଘ ନୃତ୍ୟ କରିଥାନ୍ତି । ସାରା ଦେହରେ ରଙ୍ଗ ବୋଳା ହୋଇଥାଏ, ପଟା ପଟା କଳା ଓ ହଳଦିଆ ରଙ୍ଗ, ଏମିତିକି କପାଳ ଓ ମୁହଁଠାରୁ ଆରମ୍ଭ କରି ପାଦଯାଏ କୌଣସି ସ୍ଥାନ ବି ଖାଲିନଥାଏ । ମୋର ସେତେବେଳେ ଅଷ୍ଟମ ଶ୍ରେଣୀ । ଆମେ ପିଲାମାନେ ସିନା ଖୁସି ହୋଇ ଯାଉଁ, କିନ୍ତୁ ସେମାନେ ଯେ କି କଷ୍ଟ ପାଆନ୍ତି । ରଙ୍ଗ ଲଗେଇ ସକାଳୁ ସଂଧ୍ୟାଯାଏ ନାଚନ୍ତି । ଦେହ ସାରା ଗାଢ ରଙ୍ଗ ଲଗାଇବାପରେ ଭୀଷଣ ଜଳେ ସେ ସ୍ଥାନ ଗୁଡିକ, ତା' ଛଡା ସକାଳୁ ସନ୍ଧ୍ୟା ଯାଏଁ ସେମାନେ ଓପାସ ରୁହନ୍ତି । କେବଳ ପାଣି ପିଅନ୍ତି । ରାତିରେ ଦେହରୁ ରଙ୍ଗ ଛଡେଇବା ବେଳେ ସେମାନଙ୍କୁ ଭୀଷଣ କଷ୍ଟ ହୋଇଥାଏ । ଆମେ ସବୁ ଭାଇଭଉଣୀ ବି ନନା ବୋଉଙ୍କ ସାଙ୍ଗରେ ଠାକୁରାଣୀ ଯାତ୍ରା ଦେଖିବାକୁ ଯାଉଁ । ଥରଟିଏ ବୋଉ ଠାକୁରାଣୀ ଯାତ୍ରାରୁ ଛୋଟ ଛୋଟ ପାଞ୍ଚଟି ଲୋ' ଡେସ୍କ କିଣି ଆଣିଲା କାରଣ ସାନ ସାନ ଭାଇଭଉଣୀଙ୍କର ଟେବୁଲ ଉପରେ ବସି ପାଠ ପଢିଲା ବେଳେ ଗୋଡ ପାଉନଥିଲା । ତେଣୁ ଆମର ଲୋ ଡେସ୍କରେ ବସି ପାଠପଢିବା ଆରମ୍ଭ ହୋଇଗଲା । ସବା ଶେଷ ଲୋ' ଡେସ୍କରେ ବୋଉ ତା'ର ଲେଖାଲେଖି ଆରମ୍ଭ କରିଦେଲା । କଅଁଳିଆ ଖରାକୁ ପିଠି କରି ଛୋଟ "ଲୋ ଡେସ୍କ" ପକାଇ ବସିଯାଏ ବୋଉ ଲେଖିବା ପାଇଁ । ମଝିରେ ମଝିରେ କପେ କପେ ଗରମ ଚା' ବୋଧେ ତାକୁ ଇନ୍ଧନ ଯୋଗାଇଥାଏ । ଏତେ ଚା' ପିଇବା ପାଇଁ ଆମେ ମନାକଲେ ବୋଉ ହସର ଲହରୀଟିଏ ଖେଳାଇ କହେ ଚା'ରେ କିଛି କ୍ଷୀର ତ ପିଇ ପାରୁଛି ନାଁ । ଅପୂର୍ବ ସେ ପରିସ୍ଥିତି । ଯଦି କେଉଁ ପତ୍ରିକା ବା ଖବର କାଗଜ ତରଫରୁ ନନାଙ୍କୁ କବିତା ଦେବାପାଇଁ ଅନୁରୋଧ ଆସେ ତ' ନନା କାମ ବାହାନାରେ ଏଡାଇ ଯାଆନ୍ତି, କିନ୍ତୁ ବୋଉ ନଛୋଡ ବନ୍ଧା । ଟେବୁଲ ଉପରେ କାଗଜ ଥୋଇ ଦେଇ ଚେୟାରଟିଏ ସଜାଡିଦିଏ ଏବଂ ନନାଙ୍କ ହାତରେ କଲମ ଧରାଇ ଦେଇ କବାଟ ବନ୍ଦ କରିଦିଏ । କବାଟ ଖୋଲିଲା ବେଳେ ସୁନ୍ଦର କବିତାଟିଏ ନନା ଲେଖି ସାରିଥାନ୍ତି ଓ ସେଇ କବିତାଟିକୁ ବୋଉକୁ ଉପହାର ଦିଅନ୍ତି । ନୂଆ ଶାଢୀ ଓ ଗହଣାଠାରୁ ମଧ୍ୟ ସେଇ କବିତାଟିକୁ ଆହୁରି ମୂଲ୍ୟବାନ ଉପହାର ଭାବରେ ଗ୍ରହଣ କରିନିଏ ବୋଉ । ନନା କବିତା ଲେଖନ୍ତି ଓ ବୋଉ ଲଳିତ ସ୍ୱରରେ ତାକୁ ଆବୃତ୍ତି କରେ, ଆଉ ମୁଁ ଦୁହିଁଙ୍କ ଭିତରେ ବସି କବିତା ଶୁଣୁଥାଏ । ମୁଁ ସିନା ଥିଲି ନୀରବ ଶ୍ରୋତା କିନ୍ତୁ ନନାଙ୍କ କବିତାର ଲାଳିତ୍ୟ, କବିତାର ଭାବ, ଭାଷା, ଛାନ୍ଦର ମୁଁ ଥିଲି ଜଣେ ମୁଗ୍ଧ ପ୍ରଶଂସିକା । ସେ କବିତାରୁ ବିନ୍ଦୁ ବିନ୍ଦୁ କାକର ପରି ଲାବଣ୍ୟ ଝରିଯାଉଥିଲା, ଯେତେବେଳେ ବୋଉ ତାକୁ ସୁନ୍ଦର କଣ୍ଠରେ ଗାଉଥିଲା । ମୋର ଅପଲକ ଆଖି, ଅବିଚଳିତ ଚିତ୍ତ ଓ ମୌନ ହୃଦୟରେ ଏସବୁ କବିତା ଲିପିବଦ୍ଧ ହୋଇଯାଉଥିଲା । ନୀରବରେ ଖୁବ୍ ନୀରବରେ କବିତା ଲେଖିବା ପାଇଁ ମୋର ହାତ ଚଳଚଞ୍ଚଳ ହୋଇପଡୁଥିଲା ଏବଂ ବୋଉ ଓ ନନା ମୋର ପ୍ରେରଣାର ଉତ୍ସଥିଲେ ।

ତେବେ ବୋଉର ଲେଖିବାର ପ୍ରଣାଳୀ ଅଲଗା ଥିଲା । ହାତରେ ଲେଖନୀ ଧରିବାର ବି ଗୋଟେ ଇତିହାସ ଅଛି । ପଶ୍ଚିମ ଓଡିଶାର ସମାଜ ସଂସ୍କାରକ, ଶିକ୍ଷାବିତ୍ ଓ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ମୋ ଅଜା ବୈରାଗୀ ମିଶ୍ରଙ୍କର ରକ୍ତ ବୋଉ ଦେହରେ ସଂଚାଳିତ ହେଉଥିଲା । ବୋଉର ହାର୍ଟ ପ୍ରୋବ୍ଲମ ଥିଲା । ଅତି ସିରିୟମ ହୋଇ ସେ ହସପିଟାଲ ରେ ଆଡମିଶନ ନେଉଥିଲା । ଆମେ ଭାଇଭଉଣୀମାନେ ତାକୁ ଅନାଇ କାନ୍ଦିବା ଛଡା ଆଉ କିଛି ଉପାୟ ନଥିଲା । ନନାଙ୍କର ବ୍ୟସ୍ତ ବିବ୍ରତ କାନ୍ଦ କାନ୍ଦ ମୁହଁ, ଡାକ୍ତର ଡାକିବା, ଔଷଧ ଖୁଆଇବା ଏବଂ ବୋଉକୁ ହରାଇ ଦେବାର ଭୟରେ ଆତୁର ହୋଇଯିବାର ଦୃଶ୍ୟ ସମସ୍ତଙ୍କୁ ବ୍ୟତିବ୍ୟସ୍ତ କରିଦେଇଥିଲା । ଆମେ କୁନି କୁନି ହାତଯୋଡି ଠାକୁରଙ୍କୁ ବୋଉର ଆରୋଗ୍ୟ ପାଇଁ ଡାକୁଥିଲୁ । ସତକୁସତ ଆମ ଭାଇଭଉଣୀଙ୍କ ଡାକ ଠାକୁର ଶୁଣୁଥିଲେ । ବୋଉ ଭଲ ହୋଇ ଘରକୁ ଫେରି ଆସୁଥିଲା । ପୁଣି ନାଲି ଶାଢୀ ପିନ୍ଧି, ମୁହଁରେ ବସନ୍ତ ମାଳତୀ ଲଗାଇ, ସିନ୍ଦୁର ଟୋପା ଲଗାଇ, ଘରଦ୍ୱାର ସଫା କରିବାରେ ଲାଗି ପଡୁଥିଲା ଏବଂ ଟିକିଏ ସମୟ ପାଇଲେ ଲୋ-ଡେସ୍କ ପାଖରେ କଲମ ଧରି ଲେଖି ବସୁଥିଲା । ଶିଶୁ ସାହିତ୍ୟ ତାର ପ୍ରିୟଥିଲା- ଭାରତ ଓ ଚୀନ ଯୁଦ୍ଧ ବେଳେ କୁନିପୁଅଟିଏ ତା' ମା'କୁ କହୁଛି- ମା' ମତେ ବି ଯୁଦ୍ଧକୁ ପଠାଇଦିଅ, ମୁଁ ବି ଯୁଦ୍ଧ କରିବି ଓ ଶତ୍ରୁକୁ ମାରିବି । ମା' ତାକୁ ବୁଝାଇ କହୁଛନ୍ତି:-ହିମାଳୟ ହେଉଛି ବରଫର ଶେଯ, ତୁ କ'ଣ ସେଠି ଯାଇ ଯୁଦ୍ଧ କରିପାରିବୁ ?

ଗରମ ଚାହା କେଟିଲି ଯଦି କପ୍‌ରେ ଦେବ ଢାଳି/ ପାଲଟି ଯିବ ବରଫ ତୁ' କି ପାରିବୁ ଯୁଦ୍ଧ କରି/ ଶୋଇପଡ ମୋ ଧନମାଳିରେ/ କହିବି ଯୁଦ୍ଧ କଥା/ ବଡ ହୋଇଲେ /ଯୁଦ୍ଧ କରି / କାଟିବୁ ଶତ୍ରୁ ମଥା । (କ୍ରମଶଃ)

## ଧାରାବାହିକ ଅନୁବାଦ ଉପନ୍ୟାସ...(ଭାଗ-୨୫)

# ଶୁଖିଲା ପତ୍ର



ମୂଳ ହିନ୍ଦୀ – ଅମରକାନ୍ତ






ଅନୁସୃଜନ– ନମିତା ପାଇକରାୟ

(ଦ୍ୱିତୀୟ ଖଣ୍ଡ)

## ।। ତିନି ବନ୍ଧୁ ।।

ତହସିଲ ସ୍କୁଲ ସାମ୍ନା ସସଡ଼କ କଡ଼ରେ ଗୋଟିଏ ଛୋଟ ମନ୍ଦିର ଥିଲା । ଯାହାକୁ ଲାଗି ଗୋଟେ କୋଠରୀ ଥିଲା । ସେ କୋଠରୀ ସାମ୍ନାରେ ସେ ଠିଆ ହେଲା । 'ଏଇନେ ଆସୁଛି' କହି ସେ କୋଠରୀର ଝଞ୍ଜିର ଧରି ଖଟ୍‌ଖଟ୍ କଲା ।

ଖୁବ୍ ଶୀଘ୍ର କବାଟ ସାମାନ୍ୟ ଖୋଲିଲା ଏବଂ ଜଣେ ବ୍ୟକ୍ତି ମୁଣ୍ଡ ବାହାରକୁ ବାହାର କରି କହିଲା 'ଆସ' ।

ଅଜିବୁଦ୍ଦିନ 'ଆ ଭାଇ' କହି ମୋତେ ଡାକିଲା । ଆମେ ଦୁଇଜଣ କୋଠରୀ ଭିତରକୁ ପଶିଲୁ । ଭିତର ପଟୁ କବାଟ ବନ୍ଦ କରାଗଲା । କୋଠରୀ ବହୁତ ଛୋଟ ଥିଲା । ତା' ଭିତରେ ଝରକା ଥିଲା କି ନଥିଲା ମୋର ମନେପଡୁନି । ଘରର ଗୋଟେ କୋଣରେ ଗୋଟେ ଛୋଟ ମେଜ ପଡ଼ିଥିଲା । ତା' ଉପରେ ଲଣ୍ଠନଟି ଜଳୁଥିଲା । ଚଟାଣରେ ଦୁଇଟି ବାଉଁଶ ଖଟ ପଡ଼ିଥିଲା । ଅତ୍ୟଧିକ ପୁରୁଣା ହେବାକୁ ଅବା ଅଧିକା ଲୋକ ବସିବା ହେତୁ ଖଟ ବଙ୍କା ହୋଇ ନଉକା ପରି ଦେଖା ଯାଉଛି । ଗୋଟେ ବାଉଁଶ ଖଟ ଉପରେ ଗୋଟେ ତେଇଶ ଚବିଶ ବର୍ଷର ଯୁବକ ବସିଥିଲା । ତା' ଚେହେରା ଲମ୍ବା, ପତଳା ଓ ରଙ୍ଗ ଶ୍ୟାମଳ ଥିଲା । ତା' ମୁହଁରେ ଅସାଧାରଣ ଗମ୍ଭୀରତା ଥିଲା । ଯାହା ଦ୍ୱାରା ତା' ଗାଲ ଫୁଲିବାଠୁ ଅଧିକ ଫୁଲା ଫୁଲା ଲାଗୁଥିଲା । ସେ ଏମିତି ଚାହୁଁଥିଲା ଯେ, ଯେମିତି ଭାରି ବଡ଼ ବୋଝ ମୁଣ୍ଡେଇ ଜୀବନ ଜିଉଁଛି । କିନ୍ତୁ ସେ ଖାତିର କରୁନି କାହାକୁ । ସେଇଠି ଖଟ ଉପରେ ବସି ସଙ୍କେତ କଲା ମୋ ଉଦ୍ଦେଶ୍ୟରେ ।

'ଆପଣ ମୋତେ ଜାଣିଛନ୍ତି ?' କଠୋର ସ୍ୱରରେ ପ୍ରଶ୍ନ କଲା । 'ନା' ମୁଁ ସତ କହିଲି । 'ଠିକ୍ ଅଛି କିଛି ଚିନ୍ତାନାହିଁ ।' 'ଆପଣ ପିସ୍ତଲ ଚଲେଇବା ଜାଣିଛନ୍ତି ?' ତା'ର ଦ୍ୱିତୀୟ ପ୍ରଶ୍ନ ଥିଲା । ମୁଁ କହିଲି 'ନାହିଁ' ।

'ଠିକ୍ ଅଛି, ଶିଖାଇ ଦିଆଯିବ ।' ସେ ରୂକ୍ଷ ସ୍ୱରରେ ଆଶ୍ୱାସନା ଦେଲା । ସେ ଯେଉଁ ଭଳି ମୋ ସହ କଥାବାର୍ତ୍ତା କରୁଥିଲା, ମୋତେ ବିଲକୁଲ ପସନ୍ଦ ନଥିଲା । ମୁଁ ଟିକେ ଅନ୍ତର୍ମନରେ ଭୟଭୀତ ଥିଲି । ବୁଝିପାରୁ ନଥିଲି ସେ ମୋ ଠାରୁ କଣ ଚାହୁଁଛି ? କିନ୍ତୁ ଯେତେବେଳେ ସେ ପିସ୍ତଲ ବିଷୟରେ କଥାବାର୍ତ୍ତା କଲା, ମୁଁ ବୁଝିଗଲି ସେ ନିଶ୍ଚୟ ଗୋଟେ ବଡ଼ କ୍ରାନ୍ତିକାରୀ ହୋଇଥିବ । ମୁଁ ପିସ୍ତଲ ଚଲେଇବା ଶିଖିପାରିବି ଶୁଣି ମୁଁ ମନେ ମନେ ବହୁତ ଖୁସି ହୋଇଗଲି ।

କିଛି ସମୟ ପର୍ଯ୍ୟନ୍ତ ଚୁପଚାପ୍ ସାମ୍ନା କାନ୍ଥକୁ ଚାହିଁଲା । ଗମ୍ଭୀର ମୁଦ୍ରାରେ କହିଲା, 'ମୋ ନା ବଳରାମ ତିୱାରୀ ।' ମୁଁ ଆପଣଙ୍କ ବିଷୟରେ ଶୁଣିବାକୁ ପାଇଲି, ଆପଣମାନେ ଚିନି ବସ୍ତା ସବୁ ଚୋରୀ କରିଥିଲେ । ଆପଣ ମୁନ୍ନିଲାଲା ଶ୍ରୀବାସ୍ତବଙ୍କୁ ଡକାଏତିର ନୋଟିସ ଦେଇଥିଲେ । ମୋତେ ସବୁ ଖବର ଜଣା । ମୋ ସଂଗଠନର ଏହାହିଁ କାମ । ଭଲ ପିଲାମାନଙ୍କୁ ତଥା ଯୁବକମାନଙ୍କୁ ନେଇ ସଂଗଠନରେ ସଦସ୍ୟ କରିବା । ଆମ ପାଇଁ ଦେଶ ସବୁକିଛି । ଆମକୁ ଦେଶ ପାଇଁ ଶହୀଦ ହେବାପାଇଁ ପ୍ରସ୍ତୁତ ହୋଇ ରହିବା ଦରକାର । ଭାରତ ମାତାଙ୍କ ଆଖିରୁ ଲୁହ କେବଳଦେଶର ନୂତନ ଯୁବଗୋଷ୍ଠୀ ହିଁ ପୋଛି ପାରିବେ । ମୁଁ ଅଜିବୁଦ୍ଦିନକୁ କହିଥିଲି ଆପଣଙ୍କୁ ଏଠାକୁ ଆଣିବାପାଇଁ । ଆପଣଙ୍କ ଦ୍ୱାରା ଗୋଟେ କାମ କରେଇବାର ଅଛି । କୁହନ୍ତୁ କରିପାରିବେ ? ଭୟ ଲାଗୁଥିଲେ ପ୍ରଥମରୁ କହି ଦିଅନ୍ତୁ ।'

ମୁଁ ଜୋସ୍‌ରେ କହିଦେଲି । ଡର କଣ ? ଆମେ ତ ଦେଶ ସ୍ୱାଧୀନ ହେବା ପାଇଁ ନିଜ ରକ୍ତରେ ସଂକଳ୍ପ ପତ୍ର ଲେଖିଛୁ । ସେ ମୋତେ କ୍ରାନ୍ତିକାରୀ ବୋଲି ଜାଣିଛି । ସେତିକି ଜାଣି ବହୁତ ଖୁସି ଲାଗିଲା ।

ସେ କହିଲା, 'କାହାକୁ କିଛି କହିବେନିତ ?'

ମୁଁ କହିଲି, 'କସ୍ମିନ୍ କାଳେ କହିବିନି ।'

ସେ ଦୃଢ଼ ସ୍ୱରରେ ଆଦେଶ ଦେଲା, 'ଡାହାଣ ହାତ ମୁଠା କରି ଆଗକୁ ବଢ଼େଇ ପ୍ରତିଜ୍ଞା କରି କୁହନ୍ତୁ, ଯେ ପର୍ଯ୍ୟନ୍ତ ମୁଁ ବଞ୍ଚିଛି, ଏ ରହସ୍ୟ କାହା ସାମ୍ନାରେ ପ୍ରକଟ କରିବିନି ।'

ମୁଁ ଡାହାଣ ହାତ ମୁଠା କରି ଆଗକୁ ବଢ଼ାଇ ପ୍ରତିଜ୍ଞା କଲି, 'ମୁଁ ଭାରତମାତାଙ୍କ ରାଣ ଖାଉଛି, ଯେ ପର୍ଯ୍ୟନ୍ତ ମୁଁ ବଞ୍ଚିଛି, ଏ ରହସ୍ୟ ମୁଁ କୌଣସି ପ୍ରକାର ପ୍ରକଟ କରିବି ନାହିଁ ।

'ଠିକ୍ ଅଛି ଏବେ କାମର କଥା ଶୁଣନ୍ତୁ ।' ତାର କଣ୍ଠସ୍ୱର ଟିକେ ମୃଦୁ ହୋଇଗଲା । ତା' ମୁହଁରେ ଗୋଟେ ଅସାଧାରଣ ମହତ୍ତ୍ୱ ଭାବ ପ୍ରକଟ ହୋଇଗଲା । ଏ ସହରରେ ଦୁଇଜଣ ଏମିତି ବ୍ୟକ୍ତି ଅଛନ୍ତି ଯିଏ ସମାଜ ପାଇଁ ଅଭିଶପ୍ତ । ସେମାନେ ଏ ସହରରେ ବ୍ୟଭିଚାର କରି ସମାଜକୁ ନଷ୍ଟ କରୁଛନ୍ତି । ଜଣେ ତ ବାବୁ ଭୋଲା ସିଂ । ଆପଣ ଜାଣନ୍ତି ସେ କେତେ ବେଶ୍ୟାସକ୍ତ । ପ୍ରତିଦିନ ବେଶ୍ୟାପଡ଼ା ଯାଏ । ଭଲ ଘରର ବୋହୂ ହେଉ ବା ଝିଅ ହେଉ କାହାର ଇଜ୍ଜତ ମହତ୍ତ୍ୱ ରଖୁନି । କେତେ ସରଳ ଓ ପବିତ୍ର ନବଯୁବତୀ ମାନଙ୍କ ସତୀତ୍ୱ ନିର୍ଦ୍ଦୟତା ସହ ହରଣ କରିଛି । ସେ ପ୍ରତିଦିନ ମଦ ପିଉଛି ଓ ଜୁଆ ଖେଳୁଛି । ବଦମାସ ପୋଲିସ ସବୁ ଦେଖୁଛି କିନ୍ତୁ କିଛି କହୁନି । ଦ୍ୱିତୀୟ ଲୋକ ମଂଜୁର ଅଲୀ । ଆପଣ ତ ତାର କର୍ତ୍ତୃତ୍ୱ ଜାଣିଥିବେ । ତାକୁ ଅଶି ବର୍ଷ ହେଲାଣି, ସେ ଠିକ୍‌ରେ ଚାଲି ପାରୁନି । କିନ୍ତୁ ଗୋଟେ ଟୋକାକୁ ଦେଖିବାକୁ ପ୍ରତିଦିନ କଚେରୀ ଯାଉଛି । ସେ ଦି' ଜଣଙ୍କୁ ଗୁଳିରେ ଉଡ଼େଇବାର ଅଛି । ଏମାନେ ଦେଶର ନାଁକୁ କଳଙ୍କିତ କରୁଛନ୍ତି । ମୁଁ ଭାବୁଛି ଏମାନଙ୍କୁ ପାଖକୁ ଚେତାବନୀ ପଠାଯିବ । ଯଦି ସେମାନେ ମାସକ ଭିତରେ ନ ସୁଧୁରିବେ, ତାହେଲେ ତାଙ୍କୁ ଗୁଳିରେ ଉଡ଼ାଯିବ ଦିନ ଦ୍ୱିପହରରେ । ଏମାନଙ୍କ ମୃତ୍ୟୁରେ ଭାରତ ମାତା ବହୁତ ଖୁସି ହେବେ । ଆପଣ ଦୁଇଜଣଙ୍କୁ ଚିଠି ଲେଖିବେ । ମୋ ଲେଖା ପୋଲିସ ଜାଣି ପାରିବ ।'

ଏ ପ୍ରସ୍ତାବରେ ମୁଁ ବହୁତ ଉତ୍ସାହିତ ହେଲି । ଏଥିରେ ମୋର କୌଣସି ଆପତ୍ତି ନଥିଲା । ଯେଉଁ ପର୍ଯ୍ୟନ୍ତ ସେ ଦୁଇଜଣଙ୍କ କଥା ଶୁଣୁଥିଲି, ମୁଁ ଭଲ ଭାବେ ତାଙ୍କ ବିଷୟରେ ଶୁଣି ସାରିଥିଲି । ସେ ଦୁଇଜଣ ସହରର ପ୍ରତିଷ୍ଠିତ ବ୍ୟକ୍ତି ଥିଲେ । ଅତ୍ୟନ୍ତ ରଇସି ଥିଲେ ମହାନୁଭବଦ୍ୱୟ । ଦୁହେଁ ବୃଦ୍ଧ ଥିଲେ । କିନ୍ତୁ ଭୋଲା ସିଂର ବାପ ବୟସ ମଂଜୁର ଅଲୀର ବୟସ ହେବ । ଖାଁ ସାହେବ ଲମ୍ବା କିନ୍ତୁ ଧନୁ ପରି ଆଗକୁ ନଇଁ ପଡିଥିଲେ । ତାଙ୍କର ସବୁ ବାଳ ତୁଳାପରି ଧଳା ହୋଇ ଯାଇଥିଲା ।

ତାଙ୍କର ଛୋଟ ଛୋଟ ଆଖି ଦୁଇଟି ମଇଳା ମାଛିପରି ଉଡୁଥିଲା । ସିଏ ଯେମିତି ଚାଲୁଥିଲେ ତାଙ୍କୁଦେଖି ଯମରାଜକୁ ବି ଦୟା ଆସିଯିବ । କିନ୍ତୁ ତାଙ୍କ ରସିକତା ଏ ପର୍ଯ୍ୟନ୍ତ ଯାଇ ନଥିଲା । ସେ ପ୍ରତିଦିନ ତାଙ୍କର ଜଣେ ପ୍ରେମିକୁଦେଖା କରିବାକୁ କଚେରୀ ଯାଉଥିଲେ । ପ୍ରେମୀ ଜଣକ ପୁରୁଷ ଓକିଲ ଥିଲେ । ତାଙ୍କ ବୟସ ଚାଳିଶ ପାଖାପାଖି ହେବ । ଓକିଲ ମହୋଦୟ ଦେଖିବାକୁ ଉଚ୍ଚା ଓ ମୋଟା ମଧ ।

'ଠିକ୍ ଅଛି' । ମୁଁ ଆନନ୍ଦର ସହ ସ୍ୱୀକୃତି ଦେଲି । ତା' ପରେ ବଳରାମ ତିୱାରୀ ମୋତେ ଦୁଇଟି ପୃଷ୍ଠା ସାଦା କାଗଜ ଆଉ ଗୋଟେ ଫାଉଁଟେନ୍ ପେନ୍ ଦେଲା । ତା' ପରେ ସ୍କୁଲର ଅଧ୍ୟାପକ ପରି ସେ ଘର ଭିତରେ ବୁଲି ବୁଲି ଶବ୍ଦ ଡାକିଲେ ଚିଠି ଲେଖିବାକୁ । ପ୍ରଥମ ଚିଠିଟି ଏମିତି ଥିଲା-

ନର୍କର ଷଡ଼ାକୀଟ ଭୋଲାସିଂ !

ତୋତେ ସୂଚନା ଦିଆଯାଉଛି କି ତୋ ପାପର ଘଟ ସଂପୂର୍ଣ୍ଣ ହୋଇଗଲାଣି । ତୁ ସବୁଦିନ ବେଶ୍ୟାପଡ଼ା ଯାଉଛୁ । ସବୁଦିନ ମଦ ପିଉଛୁ । ପ୍ରତିଦିନ ଜୁଆ ଖେଳୁଛୁ । ଭଦ୍ର ସମାଜର ଝିଅ ବୋହୂଙ୍କ ଉପରେ ପାପ ଦୃଷ୍ଟି ପକଉଛୁ । ଏ ସହରର ମଣିଷ ମାନେ ସବୁ କଥା ତୋ ବିଷୟରେ ଜାଣି ଗଲେଣି । ତୁ ସାରା ସମାଜକୁ ନଷ୍ଟ କରୁଛୁ । ତୁ ଦେଶ ପାଇଁ କଳଙ୍କ । ତୋର ବଞ୍ଚି ରହିବାର କୌଣସି ଅଧିକାର ନାହିଁ । ତୋତେ ଗୋଟେ ମାସକର ସମୟ ଦିଆଗଲା । ଗୋଟେ ମାସ ଭିତରେ ଯଦି ତୁ ସୁଧୁରିବୁନି, ତା'ହେଲେ ଦିନ ଦ୍ୱିପହରରେ ତୋ ଘରେ ପଶି ତୋତେ ଗୁଳିମାରି ହତ୍ୟା କରାଯିବ । ତୋ ପଛରେ କିଛି ସାହାସି କ୍ରାନ୍ତିକାରୀ ପଡ଼ି ଯାଇଛନ୍ତି । ତୁ ଜାଗ୍ରତ ହୋ । ସେମାନେ ତୃଷିତ ତୋ ରକ୍ତ ପାଇଁ ।

ଇନକିଲାବ ଜିନ୍ଦାବାଦ !
ଭାରତ ମାତାର ଜୟ ।
ଆମେ ତୋ ପ୍ରାଣର ଶତ୍ରୁ
ଭାରତ ମାତାର କ୍ରାନ୍ତିକାରୀ ସନ୍ତାନ ।

ଖାଁ ସାହେବ ମଂଜୁର ଅଲୀଙ୍କୁ ଠିକ୍ ଏମିତି ପତ୍ରଟିଏ ଲେଖାଗଲା । ସେଥିରେ ତାଙ୍କର ବିଶେଷ ଦୁର୍ଗୁଣର ନିନ୍ଦା କରାଯାଇଥିଲା । ଶେଷରେ ଏମିତି ଚେତାବନୀ ଦିଆ ହୋଇ ଲେଖାଗଲା ।

ଯେତେବେଳେ ଚିଠି ଲେଖା ସରିଗଲା ବଳରାମ ତିୱାରୀ ସନ୍ତୋଷ ପୂର୍ବକ କହିଲା 'ଏ ଚିଠି ଲଫାପାରେ ଭର୍ତ୍ତି କରି ପଠାଇ ଦିଆଯିବ । କିନ୍ତୁ କାମ ଏ ପର୍ଯ୍ୟନ୍ତ ଅଧାଅଧି ହୋଇଛି ମନେରଖନ୍ତୁ । ସେ ଦୁଇଜଣଙ୍କ ଭିତରୁ ଜଣଙ୍କୁ ଆପଣ ମାରିବାକୁ ହେବ । ସୁଯୋଗ ଆସିଲେ ପିସ୍ତଲ ଚଲେଇବା ଶିଖେଇ ଦିଆଯିବ । ଆପଣଙ୍କ କାମ ଦେଖି ମୋତେ ଖୁସି ଲାଗୁଛି । ମୋ ସଂଗଠନ ମୋତେ ଜିଲ୍ଲାର ସବୁ କ୍ରାନ୍ତିକାରୀ ସଂଗଠନକୁ ଏକାଠି କରିବ ପାଇଁ ଦାୟିତ୍ୱ ଦେଇଛି । ଯଦି ଆପଣ କାମ କରିଦେବେ ତା' ହେଲେ ଆପଣଙ୍କୁ ଆମ ସଂଗଠନର ସଦସ୍ୟତା ପାଇଁ ସୁପାରିଶ କରିବି । ଆଚ୍ଛା ଏବେ ଯାଆନ୍ତୁ । ଅଜିବୁଦ୍ଦିନ୍ ତୁମେ ରୁହ ।'

ଯେତେବେଳେ ମୁଁ ବାହରକୁ ଆସିଲି ମୋ ମନ ଉତ୍ସୁକ ଥିଲା । ମୁଁ ବିଶ୍ୱାସର ସହିତ କାମ କରିଥିଲି । ମୋର ଖ୍ୟାତି ଏତେ ବ୍ୟାପି ଯାଇଥିଲା ଯେ ବଳରାମ ତିୱାରୀ ଯେମିତି ବଡ଼ କ୍ରାନ୍ତିକାରୀ, ମୋତେ ତାଙ୍କ ଦଳରେ ମିଶେଇବା ପାଇଁ ପ୍ରସ୍ତୁତ ଥିଲେ । ପିସ୍ତଲ ଓ ବମ ସହ ଇଂରେଜଙ୍କ ସହ ଯୁଦ୍ଧ କରିବାର ଯେଉଁ ସ୍ୱପ୍ନ ମୁଁ ଦେଖିଥିଲି ତାହା ସତ୍ୟ ହେବାକୁ ଯାଉଛି । ମୁଁ ମୋ ଭିତରେ ଉତ୍ସାହ, ଗର୍ବ ଓ ଆନନ୍ଦକୁ ସମ୍ଭାଳି ପାରୁ ନଥାଏ । (କ୍ରମଶଃ)

ପ୍ଲଟ ନଂ-୩୫୨, ସେକ୍ଟର-୫, ଲେନ୍-୧, ପ୍ରଥମ ମହଲା, ନୀଳାଦ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧
(ମୋ) ୯୮୬୧୩୮୫୦୪୬

# କୁଡୁମୀ ଆନ୍ଦୋଳନ ବାବଦରେ ପ୍ରତିକ୍ରିୟା ରଖି ବିବାଦରେ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର




ବାରିପଦା,୨୪/୦୯ (ନି.ପ୍ର): କୁଡୁମୀ ସଙ୍ଗଠନ ସମୂହ ପକ୍ଷରୁ ପୁନଃ ଆଦିବାସୀ ତାଲିକା ଭୁକ୍ତ ହେବା ପାଇଁ ଚାଲିଥିବା ଆନ୍ଦୋଳନ ବିଷୟରେ ଏକ ପ୍ରତିକ୍ରିୟା ରଖି କେନ୍ଦ୍ରମନ୍ତ୍ରୀ କୁଡୁମୀ ମାନେ ଏହିଭଳି ଶହଶହ ବର୍ଷ ଧରି ଆନ୍ଦୋଳନ କଲେ ମଧ କୌଣଷି ଲାଭ ହେବ ନାହିଁ ଦାବୀପୁରଣ ପାଇଁ ପ୍ରପାର ଚେନାଲରେ କାମ କରିବା ଦରକାର । କିଛି ଲୋକ ରାଜନୈତିକ ଫାଇଦା ପାଇଁ କୁଡୁମୀ ମାନଙ୍କୁ ମୋହରା କରୁଥିବା କହିଥିଲେ । ଏହାକୁ କେନ୍ଦ୍ରକରି ଆଜି ମିଳିତ କୁଡୁମୀ ସମାଜ ପକ୍ଷରୁ କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳ ଶକ୍ତି ମନ୍ତ୍ରୀ ଇଂ ବିଶେଶ୍ୱର ଟୁଡୁଙ୍କ ବିରୋଧରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ତାଙ୍କର କୁଶ ପୁତଳିକା ଦାହ କରିଛନ୍ତି । ସୂଚନା ଅନୁଯାୟୀ, କୁଡୁମୀ ସମ୍ପ୍ରଦାୟକୁ ୧୯୫୦ ମସିହା ସେପ୍ଟେମ୍ବର ୬ରୁ ଆଦିବାସୀ ତାଲିକାରୁ ବାଦ ଦିଆଯାଇଥିଲା । ଏହା ପରେ କୁଡୁମୀ ଜାତିକୁ ପୁନଃ ଆଦିବାସୀ ତାଲିକା ଭୁକ୍ତ କରିବା ପାଇଁ ଦାବି ହେଇ ଆସୁଥିଲେ ମଧ ଦାବି ପୂରଣ ହେଉନାହିଁ । ତେଣୁ କୁଡୁମୀ ଜାତିକୁ ଆଦିବାସୀ ମାନ୍ୟତା ଦାବି ନେଇ କୁଡୁମୀ ସମ୍ପ୍ରଦାୟର ଶତାଧିକ ପୁରୁଷ ଓ ମହିଳା ମାନେ କର୍ମକର୍ତା ମାନେ ୨୦ତାରିଖରେ ଏକତ୍ରିତ ହୋଇ ଭଂଜପୁର ରେଳ ଷ୍ଟେସନ ଠାରେ ୩ଘଣ୍ଟା ଧରି ରେଳ ଧାରଣା ଉପରେ କରି ବସି ଆନ୍ଦୋଳନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ନେଇ କେନ୍ଦ୍ରମନ୍ତ୍ରୀ ବିବାଦୀୟ ମନ୍ତବ୍ୟ ଏକ ଘରୋଇ ବୈଦୁତିକ ଗଣମାଧମରେ ପ୍ରଦାନ କରିଥିଲେ । ଯାହାକୁ କେନ୍ଦ୍ର କରି ଆଜି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଆଜିର ବିକ୍ଷୋଭରେ ଚିତରଂଜନ ମହାନ୍ତ, ଅବନୀ ମହାନ୍ତ, ବସନ୍ତ କୁମାର ମହାନ୍ତ, ମନୋଜ ମହାନ୍ତ, ଡାକ୍ତର ମହାନ୍ତ, ହୃଦାନନ୍ଦ ମହାନ୍ତ, ରଜନୀକାନ୍ତ ମହାନ୍ତ, ହରିଶଙ୍କର ମହାନ୍ତ ଓ ଦିପୁ ମହାନ୍ତ ପ୍ରମୁଖଙ୍କ ସମେତ ବହୁ ପୁରୁଷ ମହିଳା ଉପସ୍ଥିତ ଥିଲେ । ସେହିପରି କୁଡୁମୀ ଜାତିକୁ ଆଦିବାସୀ ମାନ୍ୟତା ଦାବୀରେ ଦୀର୍ଘବର୍ଷ ଧରି ପଲ୍ଲୀରୁ ଦିଲ୍ଲି ଆନ୍ଦୋଳନ କରିଆସୁଥିବା କୁଡୁମୀ ସେନାର ରାଜ୍ୟ ସଭାପତି ଜୈମୁନୀ ମହାନ୍ତ କୁଡୁମୀ ଜାତି ପ୍ରତି କେନ୍ଦ୍ର ମନ୍ତ୍ରୀ ଶ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ପରିହାସ ସୂଚକ ମନ୍ତବ୍ୟକୁ କୁଡୁମୀ ସେନା ପକ୍ଷରୁ ବିରୋଧ କରାଯାଉଥିବାର କହିଛନ୍ତି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଲକ୍ଷ ଲକ୍ଷ କୁଡୁମୀ ଲୋକଙ୍କ ଆବେଗକୁ କ୍ଷତାକ୍ତ କରିଛି ଏବଂ ମନ୍ତ୍ରୀ ଶ୍ରୀ ଟୁଡୁ ତୁରନ୍ତ ଏହି ମନ୍ତବ୍ୟକୁ ପ୍ରତ୍ୟାହାର କରିବା ସହିତ ନିସର୍ତ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ସେ ଦାବୀ କରିଛନ୍ତି ।

## ନିର୍ବାଚନ ମଣ୍ଡଳୀ ସ୍ତରୀୟ ସେବାପକ୍ଷ ଉପଲକ୍ଷେ ବିଜେପି ପକ୍ଷରୁ ବୃକ୍ଷରୋପଣ

ଜଳେଶ୍ୱର, ୨୪/୯(ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଜେପିର ସେବାପକ୍ଷ ପାଳନ କରାଯାଉଛି । ଏହି ଉପଲକ୍ଷେ ଆଜି ଅଗ୍ରୱାଲା ହାଇସ୍କୁଲ ପରିସରରେ ବୃକ୍ଷରୋପଣ କରାଯାଇଛି । ଯୁବନେତା ଦିବ୍ୟକାମ ମହାନ୍ତି ନେତୃତ୍ୱରେ ରାଇବଣିଆ ମଣ୍ଡଳ ସଭାପତି ମନୋଜ ସାସମଲ, ସୁବର୍ଣ୍ଣରେଖା ମଣ୍ଡଳ ସଭାପତି ପ୍ରଣବ ପଣ୍ଡା, ପଶ୍ଚିମବାର୍ଡ ମଣ୍ଡଳ ସଭାପତି ପ୍ରତାପ ସେନାପତି, ସ୍ୱପ୍ନେଶ୍ୱର ମଣ୍ଡଳ ସଭାପତି ତପନ ବିଶ୍ୱାଳ, କମଳାକାନ୍ତ ଦେ, ସତ୍ୟବାନ ଚାନ୍ଦ, ସତ୍ୟନାରାୟଣ ବେହେରା, ବିଦ୍ୟାଧର ବେହେରା, ପ୍ରମୁଖ ବହୁ ବ୍ୟକ୍ତି ବୃକ୍ଷରୋପଣରେ ସାମିଲ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଅଙ୍କିତା ହତ୍ୟାକାଣ୍ଡରେ ପୋଲିସକୁ ....

ଟିମର ଚିଲ୍ଲା ବ୍ୟାରେଜରେ ରେସ୍କ୍ୟୁ ଅପରେସନ୍ ଚଳାଇଥିଲା । ମୃତଦେହ ଖୋଜି ବାହାର କରିବା ପାଇଁ ଗଙ୍ଗା ନଦୀରେ ଥିବା ପଶୁଲୋକ ବ୍ୟାରେଜ ଖୋଲିବା ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲା ପୋଲିସ । ଅଙ୍କିତା ହତ୍ୟାକାଣ୍ଡକୁ ନେଇ ତାତିଛନ୍ତି ସ୍ଥାନୀୟ ଲୋକେ । ଅଭିଯୁକ୍ତ ତଥା ପୁଲକିତ ଆର୍ଯ୍ୟଙ୍କ ରିସର୍ଟର ପଛ ଭାଗରେ ଥିବା ଆଚାର ପ୍ରସ୍ତୁତକାରୀ ଫ୍ୟାକ୍ଟ୍ରିରେ ନିଆଁ ଲଗାଇ ଦେଇଛନ୍ତି । ଲୋକେ ପ୍ରଥମେ ଏଠାରେ ଭଙ୍ଗାରୁଜା କରିଥିଲେ, ଆଉ ପରେ ନିଆଁ ଲଗାଇ ଦେଲେ । ଲୋକଙ୍କ ମନରେ ଅଙ୍କିତାଙ୍କ ହତ୍ୟାକୁ ନେଇ ଏତେ ଆକ୍ରୋଶ ରହିଛି ଯେ ସେମାନେ ବିଜେପି ବିଧାୟକ ରେଣୁ ବିଷ୍ଟଙ୍କ କାର୍ ମଧ ଭାଙ୍ଗିଦେଇଛନ୍ତି । ଏହି ହତ୍ୟାକାଣ୍ଡ ଭିଆଇଥିବା ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡାଦେଶ ପାଇଁ ଦାବି କରିଛନ୍ତି । ସେପଟେ ପୂରା ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି । ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ଅଧିକାରୀଙ୍କ ସହ ବୈଠକ କରିବା ପରେ ମୁଖ୍ୟମନ୍ତ୍ରୀ ଏସଆଇଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହା କୌଣସି ସାଧାରଣ ଘଟଣା ନୁହେଁ । ଯେଉଁମାନେ ଏଭଳି ଜଘନ୍ୟ କାଣ୍ଡ ଘଟାଇଛନ୍ତି, ସେମାନଙ୍କୁ ଆଦୌ ଛଡ଼ାଯିବ ନାହିଁ । ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ଦେବା ପାଇଁ ସବୁ ପ୍ରଚେଷ୍ଟା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଗତ ୧୮ ତାରିଖରୁ ନିଖୋଜ ଥିଲେ ଅଙ୍କିତା । ପୋଲିସ୍ ଏହି ମାମଲାରେ ବିଜେପି ନେତାଙ୍କ ପୁଅ ଆର୍ଯ୍ୟ ପୁଲକିତଙ୍କ ସମେତ ତିନିଜଣଙ୍କୁ ଗିରଫ କରିଛି । ରିସର୍ଟ ମାଲିକ ଆର୍ଯ୍ୟ, ମ୍ୟାନେଜର ସୌରଭ ଭାସ୍କର ଓ ସହକାରୀ ମ୍ୟାନେଜର ଅଙ୍କିତ ଗୁପ୍ତା ସ୍ୱୀକାର କରିଥିଲେ ଯେ, ବ୍ୟକ୍ତିଗତ ବିବାଦ କାରଣରୁ ସେମାନେ 'ରିସେପସନିଷ୍ଟ'ଙ୍କୁ ରିସର୍ଟ ନିକଟରେ ଥିବା କେନାଲକୁ ଠେଲି ଦେଇଥିଲେ । ଆଉ କେନାଲରେ ବୁଡ଼ି ଅଙ୍କିତା ପ୍ରାଣ ହରାଇଥିଲେ ।

### ବିଜେଡି ନେତାଙ୍କ ଝୁଲନ୍ତା ....

ବିଜେପି ନେତ୍ରୀ ପ୍ରଭାତୀ ପରିଡ଼ା । ସେ କହିଛନ୍ତି, ଧର୍ମେନ୍ଦ୍ରଙ୍କ ମୃତ୍ୟୁ ଆତ୍ମହତ୍ୟାଜନିତ ନୁହେଁ । ତାଙ୍କୁ ହତ୍ୟା କରାଯାଇଥାଇପାରେ । ଆଉ ଏଥିରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ସମ୍ପୃକ୍ତି ରହିଛି । ଗତ ୧୫ ଦିନ ତଳେ ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା ଉଦ୍ୟମ କରିଥିଲେ । କିଛି ଦିନ ହେବ ସେ ସୁସ୍ଥ ହୋଇ ଘରକୁ ଫେରିଥିଲେ । ସ୍ତ୍ରୀଙ୍କ ସହ ଝଗଡ଼ା କାରଣରୁ ସେ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡ଼ିଥିଲା । ଧର୍ମେନ୍ଦ୍ର ସାହୁଙ୍କ ଘରେ ଉଠିଥିବା ପାରିବାରିକ ଝଡ଼ର କେନ୍ଦ୍ରବିନ୍ଦୁ ମନ୍ତ୍ରୀ ସମୀର ଦାଶ ବୋଲି ସମସ୍ତେ ଜାଣନ୍ତି । ତୁରନ୍ତ ମନ୍ତ୍ରୀଙ୍କୁ ତଦନ୍ତ ପରିସରକୁ ନେବା ସହ ମନ୍ତ୍ରୀ ପରିଷଦରୁ ତାଙ୍କୁ ବାଦ୍ ଦେବାକୁ ସେ ଦାବି କରିଛନ୍ତି । ଅନ୍ୟପକ୍ଷରେ ଅଭିଯୋଗ ଉପରେ କିଛି ପ୍ରତିକ୍ରିୟା ଦେଇ ନାହାନ୍ତି ମନ୍ତ୍ରୀ ସମୀର ରଞ୍ଜନ ଦାଶ । ଘଟଣା ସଂପର୍କରେ ସେ କିଛି ଜାଣି ନାହାନ୍ତି ବୋଲି ଗଣମାଧ୍ୟମ ସମ୍ମୁଖରେ ମନ୍ତ୍ରୀ କହିଛନ୍ତି । ସେହିପରି ଧର୍ମେନ୍ଦ୍ରଙ୍କ ମୃତ୍ୟୁ ଘଟଣାରେ ଏଡିସିପି ପ୍ରକାଶ ପାଲ କହିଛନ୍ତି, ଘରଟି (ଯେଉଁଠାରୁ ଧର୍ମେନ୍ଦ୍ରଙ୍କ ମୃତଦେହ ମିଳିଥିଲା) ଦୀର୍ଘ ଦିନରୁ ବନ୍ଦ ରହିଥିଲା । ଏଠାରେ କେହି ରହୁନଥିଲେ । ଆମେ ଏଯାଏ କିଛି ପାଇନୁ । ତଦନ୍ତ କରାଯାଉଛି । ସବୁ ଦିଗରୁ ତଦନ୍ତ କରାଯାଇ ସତ୍ୟକୁ ପଦାକୁ ଅଣାଯିବ । ଏପରିକି ପୁଲିସ୍ କିଛି ଚାପିବନି ବୋଲି ବି ସେ ପ୍ରତିଶ୍ରୁତି ଦେଇଛନ୍ତି ।

### ଆରମ୍ଭ ହେଲା କଂଗ୍ରେସ....

ତେବେ ଗାନ୍ଧୀ ପରିବାରର ସମର୍ଥନ ଯିଏ ପାଇବ ସେ ହିଁ ନୁଆ ସଭାପତି ହେବ ବୋଲି ଅନେକ ରାଜନୈତିକ ବିଶେଷଜ୍ଞ ପୂର୍ବାନୁମାନ କରିଛନ୍ତି । ଦୀର୍ଘ ୨ ଦଶନ୍ଧି ପରେ କଂଗ୍ରେସ ନୁଆ ସଭାପତି ଦେଖିବାକୁ ଯାଉଛି । ଆଜିଠାରୁ ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇ ୩୦ ସେପ୍ଟେମ୍ବରରେ ଶେଷ ହେବାକୁ ଯାଉଛି । ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାର ତାରିଖ ଅକ୍ଟୋବର ୮ ରହିଛି । ଯଦି ଏକରୁ ଅଧିକ ନାମାଙ୍କନପତ୍ର ଦାଖଲ ହୁଏ ତାହେଲେ ଅକ୍ଟୋବର ୧୭ରେ ନିର୍ବାଚନ ହେବ । ଅକ୍ଟୋବର ୧୯ରେ ଫଳାଫଳ ପ୍ରକାଶ ପାଇବ । ଯାହାକୁ ନେଇ ଦଳୀୟକର୍ମୀଙ୍କ ମାହୋଲରେ ମଧ ନୁଆ ଉତ୍ସାହ ଦେଖାଯାଇଛି । ଦୀର୍ଘ ବର୍ଷ ଧରି ଗାନ୍ଧୀ ପରିବାର କବଳରେ ଥିବା ଏହି ପଦକୁ କେଉଁ ଅଣଗାନ୍ଧୀ ପାଉଛନ୍ତି ତା ଉପରେ ଜାତୀୟ ରାଜନୀତି ସରଗରମ ରହିଛି ।

### ଶ୍ରୀମନ୍ଦିର ପରିଚାଳନା କମିଟି ....

ରତ୍ନ ଭଣ୍ଡାର ମରାମତି ପାଇଁ ଏଏସଆଇ ଚିଠି ଲେଖିବା ସତ୍ତ୍ୱେ ବି ଏହାକୁ ପରିଚାଳନା କମିଟି ବୈଠକର କାର୍ଯ୍ୟସୂଚୀରେ ରଖାଯାଇନାହିଁ । କିନ୍ତୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଂଗ ହୋଇଥିଲେ ବି କାହିଁକି କାର୍ଯ୍ୟସୂଚୀରେ ରଖାଯାଇ ନାହିଁ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଏଏସଆଇର ଚିଠି, ଆମିକସକ୍ୟୁରୀଙ୍କ ପ୍ରତିକ୍ରିୟା ସତ୍ତ୍ୱେ ପରିଚାଳନା କମିଟି ରତ୍ନଭଣ୍ଡାର ପ୍ରସଂଗକୁ ପରିଚାଳନା କମିଟି ବୈଠକ କାର୍ଯ୍ୟସୂଚୀରେ ନରଖିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେବେ ପରିଚାଳନା କମିଟି ସଦସ୍ୟ କହିଛନ୍ତି ରତ୍ନଭଣ୍ଡାର ଏକ ସମ୍ବେଦନଶୀଳ ପ୍ରସଂଗ ଓ ଏହା ଉପରେ ଆଲୋଚନା ହୋଇପାରେ । ଦୀର୍ଘ ୩୭ବର୍ଷ ହେଲା ରତ୍ନଭଣ୍ଡାରର ଯାଂଚ ହୋଇ ନାହିଁ । ମରାମତି ମଧ ହୋଇନାହିଁ ।

## ମଦ ତିଆରି ସରଞ୍ଜାମ ସହିତ ୩୫୦ଲିଟର ଚୋରା ମଦ, ୧୯୯୦ ଲିଟର ପୋଚ ଜବତ୍

ଜଳେଶ୍ୱର, ୨୪/୯(ନି.ପ୍ର): ଜଳେଶ୍ୱର ଉପାନ୍ତ ଅଂଚଳରେ ଚୋରା ମଦ ପ୍ରସ୍ତୁତ ହେଉଥିବା ଜାଣି ବାଲେଶ୍ୱର ଜିଲା ଅଧିକ୍ଷକ ଙ୍କ ନିର୍ଦ୍ଦେଶରେ ଆଜି ଜଳେଶ୍ୱରର ଅତିରିକ୍ତ ତହସିଲଦାର ପୁଲିସ୍ ସହାୟତାରେ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା । ୫ଟି ସ୍ଥାନରୁ ମୋଟ ୧୧୫୦ଲିଟର ଚୋରାମଦ ଓ ମଦ ତିଆରି ସରଂଜାମ ସହିତ ୧୯୯୦ଲି ପୋଚ ଜବତ୍ ସହିତ ୫ଜଣଙ୍କୁ ଗିରଫ କରାଯାଇଛି । ଏଥିନେଇ ୫ଟି ମାମଲା ରୁଜୁ ହୋଇଛି । ଜଳେଶ୍ୱର ଅବକାରୀ ଥାନା ଅନ୍ତର୍ଗତ ବରଡିହା ପଂଚାୟତର ବାଇଧର ମୁର୍ମୁ (୪୩)ଙ୍କ ଠାରୁ ୨୨୦ଲି. ଆଇ.ଡି, ଭାଡ୍ରାପଦା ଗ୍ରାମର ସୁଧିର ଟୁଡୁ (୩୫) ୪୫୦ଲି. ଆଇଡି ଓ ୭୦ଲି. ଆଇଡିଏଲ ଏବଂ ସେହି ଗାଁର ଟୁଣିଆ ଟୁଡୁ(୪୦)ଙ୍କ ଠାରୁ ୫୨୦ଲି ଆଇଡି ଓ ୮୦ଲି ଆଇଡିଏଲ୍, ଶ୍ୟାମନଗର ପଂଚାୟତର ଧାନଘେରା ଗାଁ ଦୁର୍ଗାନନ୍ଦ ଟୁଡୁ(୪୦)ଙ୍କ ଠାରୁ ଓ ସେହି ଗାଁ ସୁନାରାମ ଟୁଡୁ (୨୩)ଙ୍କ ଠାରୁ ୪୧୦ଲି ଆଡି ଓ ୫୦ଲି ଆଇଡିଏଲ୍ ଜବତ୍ କରାଯାଇଛି । ଏଥିରେ ବସ୍ତା ଏସ୍‌ଡିପିଓ ଜଳନ୍ଧର ଜାଲି, ଜଳେଶ୍ୱର ପୋଲିସ୍, ଅବକାରୀ ଇନିସ୍‌ପେକ୍ଟର ଗାଲୁରାମ ସରେନ୍, ଜିଲ୍ଲା ସ୍କ୍ୱାର୍ଡ, ଅବକାରୀ ଥାନା ଅଧିକାରୀ ଦେବେନ୍ଦ୍ର ବେହେରା ପ୍ରମୁଖ ଏହି ଚଢାଉରେ ସାମିଲ ଥିଲେ ।

## ଚଳଚ୍ଚିତ୍ର ଅଭିନେତା ସୁମନ୍ତ ଦେଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ



ବସ୍ତା, ୨୪/୦୯ (ନି.ପ୍ର): ବାଲେଶ୍ୱରଜିଲ୍ଲାର ଉଦିୟମାନ ଦୀପଶୀଖା ଅସ୍ତ ହୋଇଗଲା ସତ ହେଲେ ସେ ଜଣେ ଚଳଚ୍ଚିତ୍ର ଅଭିନେତା ଓ ଯାତ୍ରା ନିର୍ଦ୍ଦେଶକ ଟେଲି ସିରିଏଲରେ ନିର୍ଦ୍ଦେଶନା ନିଖୁଣ ଅଭିନୟରେ ବିମୋହିତ ହୋଇଥିଲେ ଓଡିଶାବାସୀ । ହେଲେ ସବୁ ସ୍ତବ୍ଧ ହୋଇଯାଇଛି ସ୍ୱର୍ଗତ ସୁମନ୍ତ ଦେ ଙ୍କ ମୃତ୍ୟୁରେ । ଏନେଇ ଆଜି ବିବେକାନନ୍ଦ ଶିକ୍ଷାକେନ୍ଦ୍ର ସଭାଗୃହରେ ତାଙ୍କ ଉଦ୍ଦେଶ୍ୟରେ ସ୍ମୃତି ଚାରଣ ପାଇଁ ଏକ ଶୋକସଭାରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଛି । ଆଜି ବସ୍ତା ସାହିତ୍ୟ ସଂସ୍କୃତି କଳା ପରିଷଦ ତରଫରୁ କବି ଜୟନ୍ତ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ପ୍ରକାଶ କରାଯାଇଥିଲା । ବକ୍ତା ମାନେ ସ୍ୱର୍ଗତ ଦେଙ୍କ ଅଭିନୀତ ଓ ପ୍ରାୟୋଜିତ ଚଳଚ୍ଚିତ୍ର ବଡଭାଉଜ ଓ ହିସାବ କରିବ କାଳିଆ ବିଷୟରେ ଆଲୋଚନା କରିବା ସହ ତାଙ୍କ ବିୟୋଗ ଚଳଚ୍ଚିତ୍ର, ଯାତ୍ରା ଓ ଆଲବମ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ସୁ ସାହିତ୍ୟିକ ଶ୍ରୀଯୁକ୍ତ ଶ୍ୟାମାପ୍ରସାଦ ବେହେରା ଶିକ୍ଷକ, ବିଜୟ ପରିଡା, କମଳା ଦଳେଇ, ନମିତା ଦାସ, ପ୍ରଶାନ୍ତ ଦାସ, ରଜନୀ ବାରିକ, ସମାଜସେବୀ କୁମୁଦ ଗିରି, ଅରୁଣ ଦାସ ଓ ଜଗନ୍ନାଥ ଗିରି ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବକ୍ତବ୍ୟ ରଖିଥିଲେ ।

## ୧୧ କେଭି ବିଦ୍ୟୁତ ତାର ତଳେ ଖେଳୁଛନ୍ତି ପିଲା

ଉଦଳା, ୨୪/୦୯ (ନି.ପ୍ର): ଉଦଳା ବ୍ଲକର ଖଲାଡ଼ି ପଞ୍ଚାୟତ ଅନ୍ତର୍ଗତ ଚୁଳିଆପୋଷି ଗ୍ରାମରେ ଥିବା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଉପରଦେଇ ଯାଇଛି ୧୧ କେଭି ବିଦ୍ୟୁତ ଲାଇନ । ଏଇଭଳି ବିପଦ ସଂକୁଳ ବିଦ୍ୟୁତଲାଇନ ତାର ତଳେ ନିୟମିତ ବିଦ୍ୟାଳୟର ପିଲାମାନେ ଖେଳକୁଦ କରୁଛନ୍ତି । ଏଠାରେ କେଉଁ ସମୟରେ କିଛିବି ଅଘଟଣ ଘଟିପାରେ । ଏବାବଦରେ ବିଦ୍ୟୁତ ବିଭାଗର କର୍ତ୍ତୃପକ୍ଷଙ୍କର ଦୃଷ୍ଟି ଆକର୍ଷଣ କଲେ ମଧ କୌଣସି ସୁଫଳ ମିଳୁନଥିବାର ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି ।

## ଶାଳ ପଟା ସହିତ ଗାଡ଼ି ଜବତ : ଡ୍ରାଇଭର ଗିରଫ

ବଲାଙ୍ଗିର, ,୨୪/୦୯ (ନି.ପ୍ର): ଶନିବାର ସନ୍ଧ୍ୟା ୪ଟା ବେଳେ ବଲାଙ୍ଗୀର ରେଞ୍ଜ ର କର୍ମଚାରୀ ମାନେ ଏକ ଗାଡି (ଓଡି ୧୭ଆର ୮୩୩୩) ବେଆଇନ ଭାବରେ ୧୫ଟି ସାଲ ଗଣ୍ଡି ବୋହି ନେଉଥିବା ବେଳେ ଜବତ କରିଛି । ଗାଡିର ଡ୍ରାଇଭର ଗନ୍ଧରେଲ ଗ୍ରାମବାସୀ ସୁବ୍ରତ ନାଗ ଙ୍କୁ ବଲାଙ୍ଗୀର ବନ ବିଭାଗ ଗିରଫ କରିଛି । ଏହି ଘଟଣା ର ଅଧିକ ତଦନ୍ତ ଚାଲିଛି । ଏହି ଚଢ଼ାଉ ରେ ଶ୍ରୀ କେଶବ କିଶୋର ନାୟକ, ରେଞ୍ଜ ଅଧିକାରୀ, ଶ୍ରୀ ବ୍ୟାସଦେବ ସାହୁ, ଫରେଷ୍ଟର, ଶ୍ରୀ ବାବୁଲାଲ ଦାଶ, ଫରେଷ୍ଟର, ଶ୍ରୀ ରଞ୍ଜିତ ପୋଦ୍ଦ, ଫୋରେଷ୍ଟ ଗାର୍ଡ, ଶ୍ରୀ ଅଶୋକ ସେଠ, ଫୋରେଷ୍ଟ ଗାର୍ଡ ଏବଂ ପାରା ଷ୍ଟାଫ ପ୍ରମୁଖ ସାମିଲ ଥିଲେ ।

## ରାଜ୍ୟରେ ନୂଆ ୨୨୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୪/୦୯ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୨୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୩୨୯୫୭ କୁ ବୃଦ୍ଧି ପାଇଛି । ନୂଆ ଚିହ୍ନଟ ୨୨୨ ଆକ୍ରାନ୍ତଙ୍କ ମଧ୍ୟରୁ ୧୩୦ ଜଣ କ୍ୱାରେଂଟାଇନ (ସଙ୍ଗରୋଧ)ରୁ ଏବଂ ୯୨ ଜଣ ଲୋକାଲ୍ କଂଟାକ୍ଟ (ସ୍ଥାନୀୟ ସମ୍ପର୍କ)ରୁ ରହିଛନ୍ତି । ସେହିପରି ୦ ରୁ ୧୮ ବର୍ଷ ମଧ୍ୟରେ ୩୬ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ନୂଆ ୨୦୪ ଜଣ ସୁସ୍ଥ ହେବା ପରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୨୨୨୯୯ ରେ ପହଂଚିଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୪୧୭ ରହିଛି । ରାଜ୍ୟରେ ଆଜି ଚିହ୍ନଟ ହୋଇଥିବା ୨୨୨ ସଂକ୍ରମିତଙ୍କ ମଧ୍ୟରୁ ବାଲେଶ୍ୱର ଜିଲ୍ଲାରେ ୧୧, ବରଗଡ଼ ଜିଲ୍ଲାରେ ୬, ଭଦ୍ରକ ଜିଲ୍ଲାରେ ୧, ବଲାଙ୍ଗିର ଜିଲ୍ଲାରେ ୩, କଟକ ଜିଲ୍ଲାରେ ୨୩, ଦେବଗଡ଼ ଜିଲ୍ଲାରେ ୨, ଢ଼େଙ୍କାନାଳ ଜିଲ୍ଲାରେ ୧, ଗଜପତି ଜିଲ୍ଲାରେ ୫, ଗଞ୍ଜାମ ଜିଲ୍ଲାରେ ୩, ଜଗତସିଂହପୁର ଜିଲ୍ଲାରେ ୫, ଯାଜପୁର ଜିଲ୍ଲାରେ ୫, ଝାରସୁଗୁଡ଼ା ଜିଲ୍ଲାରେ ୧, କଳାହାଣ୍ଡି ଜିଲ୍ଲାରେ ୮, କନ୍ଧମାଳ ଜିଲ୍ଲାରେ ୪, କେନ୍ଦ୍ରାପଡ଼ା ଜିଲ୍ଲାରେ ୫, କେନ୍ଦୁଝର ଜିଲ୍ଲାରେ ୫ ଏବଂ ଖୋର୍ଦ୍ଧା ଜିଲ୍ଲାରେ ୫୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ମୟୁରଭଞ୍ଜ ଜିଲ୍ଲାରେ ୫, ନବରଙ୍ଗପୁର ଜିଲ୍ଲାରେ ୩, ନୟାଗଡ ଜିଲ୍ଲାରେ ୬, ନୂଆପଡ଼ା ଜିଲ୍ଲାରେ ୨, ପୁରୀ ଜିଲ୍ଲାରେ ୧୨, ସମ୍ବଲପୁର ଜିଲ୍ଲାରେ ୧୩, ସୋନପୁର ଜିଲ୍ଲାରେ ୨, ସୁନ୍ଦରଗଡ ଜିଲ୍ଲାରେ ୨୯ ଓ ଷ୍ଟେଟ ପୁଲରେ ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ନୂତନ ଭେଣ୍ଡିଂ ଜୋନ୍‌ରେ ବ୍ୟବସାୟ ଆରମ୍ଭ କଲେ ବ୍ୟବସାୟୀ

ନୀଳଗିରି,୨୪/୦୯ (ନି.ପ୍ର): ନୀଳଗିରି ଗୁଣ୍ଡିଚ୍ଛା ମନ୍ଦିର ନିକଟରେ ବହୁବର୍ଷ ଧରି ଦୈନିକ ହାଟ ଚାଲି ଆସୁଥିବା ବେଳେ ପର୍ବପର୍ବାଣୀ ମାନଙ୍କରେ ମୁଖ୍ୟ ରାସ୍ତା ଜାମ୍ ହୋଇ ପଡୁଥିଲା । ଫଳରେ ଯାନବାହନ ଯାତାୟତରେ ବହୁଅସୁବିଧା ଉପୁଜୁଥିଲା । ଏହାକୁ ଆଖି ଆଗରେ ରଖି ନୀଳଗିରି ଏନ.ଏ.ସି.ର ନିର୍ବାହୀ ଅଧିକାରୀ, ଅଧକ୍ଷା ଅମ୍ବିକା ଦାସ, ଉପଜିଲ୍ଲାପାଳ ଦୀପ୍ତିରଂଜନ ସେଠୀଙ୍କ ପ୍ରଚେଷ୍ଟାରେ ପାରିପାର୍ଶ୍ୱିକ ପରିସ୍ଥିତିକୁଅନୁଦ୍ଧ୍ୟାନ କରି ନୀଳଗିରି ରାଡାର ରାସ୍ତା କଡ଼ରେ ୭୨ଲକ୍ଷ ଟଙ୍କା ବ୍ୟୟରେ ଏକ ଭେଣ୍ଡିଂ ଜୋନ୍ ନିର୍ମାଣ କରାଗଲା ପରେ ଏହାର ଶୁଭଉଦଘାଟନ ମଧ ହୋଇଥିଲା । ପରେ ଗୁଣ୍ଡିଚ୍ଛା ବଜାରରେ ଥିବା ସମସ୍ତ ଦୋକାନୀ, ମାଛ, ମାଂସ ଦୋକାନୀମାନଙ୍କୁ ନୂତନ ଭେଣ୍ଡିଂ ଜୋନରେଥାଇଥାନ କରାଗଲା ପରେ ଶନିବାଦ ଦିନ ଉକ୍ତ ଭେଣ୍ଡିଂ ଜୋନରେ ବ୍ୟବସାୟୀମାନେ ତାଙ୍କର ବ୍ୟବସାୟ ଆରମ୍ଭ କରିଛନ୍ତି ।

## ସବ୍‌କା ସାଥ୍, ସବ୍‌କା ବିକାଶର ଦର୍ଶନ ଗାନ୍ଧୀବାଦୀ ବିଚାରରେ ପ୍ରେରିତ : ଉପରାଷ୍ଟ୍ରପତି

ନୂଆଦିଲ୍ଲୀ, ୨୪/୦୯ (ନି.ପ୍ର): ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଶନିବାର ଦିନ କହିଛନ୍ତି ଯେ ସରକାରଙ୍କ ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ, ସବ୍‌କା ପ୍ରୟାସର ଦୃଷ୍ଟିକୋଣ ଗାନ୍ଧୀବାଦୀ ବିଚାରରେ ପ୍ରେରିତ ଅଟେ । ଏହି କଥାରେ ଜୋର୍ ଦେଇ କହିଛନ୍ତି ଯେ ଗାନ୍ଧୀବାଦୀ ଆଦର୍ଶ ସମ୍ବିଧାନର ମୌଳିକ ଅଧିକାର ଏବଂ ନିର୍ଦ୍ଦେଶକ ସିଦ୍ଧାନ୍ତରେ ବ୍ୟାପ୍ତ ଅଟେ, ସେ କହିଛନ୍ତି ଯେ ବାପୁଙ୍କ ଶିକ୍ଷା ମାନବତା ପାଇଁ ସବୁବେଳେ ପ୍ରାସଙ୍ଗିକ ରହିବ । ଜଗଦୀପ ଧନଖଡ଼ ଆଜି ନୂଆଦିଲ୍ଲୀରେ ହରିଜନ ସେବକ ସଂଘର ୯୦ତମ ସ୍ଥାପନା ଦିବସ ଅବସରରେ ଆୟୋଜିତ ସଦ୍‌ଭାବନା ସମ୍ମିଳନୀରେ ସଭାକୁ ସମ୍ବୋଧିତ କରୁଥିଲେ ।

## ଆଦର୍ଶ ଶିକ୍ଷକ ନିତ୍ୟାନନ୍ଦ ଦାସଙ୍କ ୨ୟ ଶ୍ରାଦ୍ଧାବାର୍ଷିକୀ ଉପଲକ୍ଷେ ରକ୍ତଦାନ ଶିବିର: ୫୨ ୟୁନିଟ୍ ସଂଗୃହୀତ



ଜଳେଶ୍ୱର, ୨୪/୦୯ (ନି.ପ୍ର): ଆଦର୍ଶ ଶିକ୍ଷକ ତଥା ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ନିତ୍ୟାନନ୍ଦ ଦାସଙ୍କ ୨ୟ ଶ୍ରାଦ୍ଧବାର୍ଷିକୀ ଓ ସ୍ମୃତିଚାରଣ ସଭା ରାଜଘାଟସ୍ଥିତ ହୃଦାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇ ଯାଇଛି । ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ସଭାପତି ହୃଷିକେଶ ସାହୁ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବେ ଯୋଗ ଦେଇ ମୁରୁଡା ବିଧାୟକ ରାଜକିଶୋର ଦାସ ଆଦର୍ଶ ଶିକ୍ଷକ ସବୁବେଳେ ସମାଜପାଇଁ ପଥପ୍ରଦର୍ଶକ ହୋଇଥିବା ବେଳେ ସ୍ୱର୍ଗତ ନିତ୍ୟାନନ୍ଦ ଦାସ ଜଣେ ଆଦର୍ଶ ଶିକ୍ଷକଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ବୋଲି କହିଥିଲେ । ନିତ୍ୟାନନ୍ଦ ଦାସ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଉତ୍ସବରେ ୧୦ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ କରାଯିବା ସହିତ ୧୦ହଜାର ଟଙ୍କାର ପୁସ୍ତକ ବିଦ୍ୟାଳୟ ପାଠାଗାରକୁ ପ୍ରଦାନ କରାଯାଇଥିବା ଟ୍ରଷ୍ଟର ଅଧ୍ୟକ୍ଷ ସୁଦର୍ଶନ ଦାସ ଯୋଗ ଦେଇ ସ୍ୱଗତ ଭାଷଣରେ କହିଛନ୍ତି । ଏହି ଉପଲକ୍ଷେ ଅନୁଷ୍ଠିତ ମାଗଣା ରକ୍ତଦାନ ଶିବିରକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯତୀନ୍ଦ୍ର ନାଥ ଦତ୍ତ ଉଦ୍‌ଘାଟନ କରିଥିବା ବେଳେ ମୋଟ ୫୨ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ରକ୍ତଦାତା ସଂଘର ଜିଲା ସଭାପତି କମଳ ଚକ୍ରବର୍ତ୍ତୀ, ଜଗନ୍ନାଥ ସାହୁ, ରତିକାନ୍ତ ବେହେରା, ସୁଶାନ୍ତ ପରିଡା, ରାମଚନ୍ଦ୍ର ସାହୁ, ଯତିନ୍ଦ୍ରନାଥ ଦତ୍ତ, ରଶ୍ମି ମହାନ୍ତି, ରାମେଶ୍ୱର ଭଟ୍ଟ, ପଦ୍ମଲୋଚନ ବେହେରା, ବିରେନ୍ଦ୍ର ଦେ, ପ୍ରଶାନ୍ତ ପରିଡା, ବିକର୍ତ୍ତନ କବି, ଅନୁପ ବେହେରା, କବିତା ବେହେରା, ମାନବ ମହାନ୍ତି, ଅଶୋକ ସେନାପତି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିବା ସହିତ ସ୍ୱର୍ଗତ ଦାସଙ୍କ ସ୍ମୃତିଚାରଣ କରିଥିଲେ ।

# ଗୋପାଳକୃଷ୍ଣଙ୍କ ଗଛ ଲଗାଇବା ତାଙ୍କର ଏକ ନିଶା



ବସ୍ତା, ୨୪/୦୯ (ନି.ପ୍ର): ଗୋପାଳକୃଷ୍ଣ ପେଶାରେ ଗ୍ରାମରକ୍ଷୀ ହେଲେ, ନିଶାରେ ଗଛ ଲଗାଇବା, ତାଙ୍କର ନିଶାରେ ପରିଣତ ହୋଇଛି । ଦଶ ବର୍ଷ ଭିତରେ ଲଗାଇ ସାରିଲେଣି ୫ ଶହରୁ ଅଧିକ ଗଛ । ବସ୍ତା ବ୍ଲକ କୁଳିଦା ଗ୍ରାମର ଗୋପାଳ କୃଷ୍ଣ ବେହେରା, ପେଶାରେ ସେ ଜଣେ ଗ୍ରାମରକ୍ଷୀ,କିନ୍ତୁ ନିଶା ତାଙ୍କର ଗଛ ଲଗାଇବା,ଚାକିରି ସମୟରୁ ଟିକିଏ ଅବସର ପାଇଲେ କୁଡି କୋଦାଳ ଧରି ବାହାରି ପଡନ୍ତି ଗଛ ଲଗେଇବାପାଇଁ । ନଦୀ ପାଖ ହେଉ କିମ୍ବା ରାସ୍ତା ପାଶ୍ୱର୍ରେ ଥିବା ଖାଲି ସ୍ଥାନରେ ଲଗାଇଥାନ୍ତି ବିଭିନ୍ନ ପ୍ରଜାତିର ଗଛ । ଦଶ ବର୍ଷ ମଧ୍ୟରେ ଲଗାଇ ସାରିଲେଣି ୫ ଶହରୁ ଉର୍ଦ୍ଧ୍ୱ ଗଛ, ଏହି ଗଛ ଭିତର ରହିଛି ଆମ୍ବ, ପଣସ, ବଟ, ଅସ୍ୱସ୍ଥ, ବଉଳ, କଇଥ, ମୁଚିକନ୍ଦ, ତାଳ, ନିମ୍ବ, ସାଗୁଆ, ଆକାଶି, ପଟାସ, ଲିମ୍ବ, ସମେତ ବହୁ ଉପକାରୀ ଔଷଧିୟ ଗଛ, ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିଭିନ୍ନ ପ୍ରକାର ପ୍ରାକୃତିକ ଦୁର୍ବିପାକ ଘଟୁଛି । ଲୋକେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି, ଧନ ଜୀବନ ହାନି ହେଉଛି,ଏହି ଗଛ ଲଗାଇବା ଦ୍ୱାରା କିଛି ପରିମାଣରେ ଏହି ସମସ୍ୟାରୁ ମୁକ୍ତି ମିଳିପାରିବ ବୋଲି ଆଶା ବାନ୍ଧିଛନ୍ତି ଗୋପାଳ କୃଷ୍ଣ । ତାସହିତ ଏହି ଗଛ ଛାଇରେ ଲୋକେ ଟିକିଏ ଆରମ ପାଇବେ, ରାସ୍ତରେ ଯାତାୟତ କରୁଥିବା ବାଟୋଇ ମାନେ ଟିକିଏ ବିଶ୍ରାମ ନେଇ ପାରିବେ ଓ ଫଳ ଫଳିଲେ ତାର ଫଳ ଖାଇ ଲୋକେ ଭୋକ ମୋଇ ପରିବେ ବୋଲି କହିଛନ୍ତି ଗୋପାଳ, କୃଷ୍ଣ ବେହେରା । ଆଜିର ସମାଜରେ ଲୋକେ ଏସବୁ ଭୁଲି ଅବାଧରେ ଗଛ କାଟି ଚାଲଛନ୍ତି, କେତେବେଳେ ଜଙ୍ଗଲରେ ନିଆଁ ଲଗାଇ ଜଙ୍ଗଲ ନଷ୍ଟ କରିବାକୁ ପଛାଉ ନାହାନ୍ତି,କଳ କାରଖାନା ତିଆରି ନାଁରେ ପ୍ରାକୃତିକ ଜଙ୍ଗଲ କାଟି ପକାଉଛନ୍ତି,ରାସ୍ତା ତିଆରି ପାଇଁ ରାସ୍ତା ପାଶ୍ୱରେ ଥିବା ଗଛ ସବୁ କାଟି ରାସ୍ତା ରିଆରି କରୁଛନ୍ତି, ପ୍ରାକୃତିକ ଜଙ୍ଗଲକୁ କାଟି ସବୁ ଆଡେ କଂକ୍ରୀଟ କରିଦେଲେଣି, । ଗଛ ଲଗାଇବା ପାଇଁ କେବେବି ଆଗ୍ରହ ଦେଖାଉ ନାହାନ୍ତି,ଗଛ କାଟିବା ଦ୍ୱାରା ବାୟୁ ମଣ୍ଡଳରୁ ଆସ୍ତେ ଆସ୍ତେ ଅକ୍ସିଜେନ କମି କମି ଯାଉଛି । ଯାହାର ଆଭାବ ଆମେ କରୋନା ସମୟରେ ଆଖି ଆଗରେ ଦେଖି ସାରିଛୁ, ଅକ୍ସିଜେନ ଆଭାବରୁ ଲୋକେ ପୋକ ମାଛି ଭଳି ମୃତ୍ୟୁ ବରଣ କରୁଛନ୍ତି, ଏହି ସବୁ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଗଛ ଲଗାଇବା ନିତ୍ୟାନ୍ତ ଜରୁରୀ, ବୋଲି ଶ୍ରୀବେହେରା ପ୍ରକାଶକରିଛନ୍ତି । କର୍ମମୟ ଜୀବନରୁ କିଛି ସମୟ ବାହାର କରି ସମସ୍ତଙ୍କୁ କିଛି କିଛି ଗଛ ଲଗାଇବକୁ ନିବେଦନ କରିଛନ୍ତି ।

## କଲେଜ ଜୀବନର ପ୍ରଥମ ଦିନର ଅନୁଭବ କେବେ ଭୁଲି ହୁଏ ନାହିଁ : ଜୟଶ୍ରୀ ଚୌଧୁରୀ



ଉଦଳା,୨୪/୦୯ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର +୨ ପ୍ରଥମ ବର୍ଷ କଳା ଓ ବିଜ୍ଞାନ ଛାତ୍ରୀ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଛି । +୨ ଦ୍ୱିତୀୟ ବର୍ଷର ଛାତ୍ରୀ ମାନେ ନବାଗତ ଛାତ୍ରୀ ମାନଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ ଜଣାଇଥିଲେ । ମହାବିଦ୍ୟାଳୟର ଅଧକ୍ଷା ଜୟଶ୍ରୀ ଚୌଧୁରୀ ଉକ୍ତ ସମ୍ବର୍ଦ୍ଧନା ଉତ୍ସବରେ ଅଧକ୍ଷତା କରିବା ସହିତ କଲେଜ ଜୀବନର ପ୍ରଥମ ଦିନର ଅନୁଭବ କେବେ ଭୁଲି ହୁଏ ନାହିଁ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ପ୍ରାଧ୍ୟାପକ ଶଶିଭୂଷଣ ପାଣିଗ୍ରାହୀ, ସୁବ୍ରତ କୁମାର ପାଣିଗ୍ରାହୀ, ଡ଼କ୍ଟର ଶୁସମା ସାହୁ, ଅଧାପିକା ଅନିତା ଦାସ, ସୁଧାରାଣୀ ବେହେରା, ସାଗରି ଷଣ୍ଢ, ମଞ୍ଜୁଲତା ନାୟକ, ରାଜେଶ କୁମାର ମୁଦୁଲି, ମେରିନା ପଣ୍ଡା ପ୍ରମୁଖ ଯୋଗ ଦେଇ ନିଜ ନିଜର କଲେଜ ଜୀବନର ପ୍ରଥମ ଦିନର ଅନୁଭବ ବର୍ଣ୍ଣନା କରିଥିଲେ । ନବାଗତ ଛାତ୍ରୀ ମାନଙ୍କ ପାଇଁ ଏହା ପ୍ରେରଣା ସାଜିବ ବୋଲି କ୍ଷୀରୋଦ ରଞ୍ଜନ ମହାନ୍ତି କହିବା ସହିତ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

ଧ୍ୱନି ପ୍ରତିଧ୍ୱନି



# ବିଜେପି ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡାଙ୍କ ଦୁଇ ଦିନିଆ ଓଡିଶା ଗସ୍ତ ୨୯ରୁ



ଭୁବନେଶ୍ୱର, ୨୪/୦୯ (ନି.ପ୍ର): ଦୁଇ ଦିନିଆ ଓଡିଶା ଗସ୍ତରେ ଆସି ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ପାର୍ଟିର ବିଭିନ୍ନ ସାଂଗଠନିକ କାର୍ଯ୍ୟକ୍ରମରେ ସାମିଲ ହେବା ସହ ପାର୍ଟିର ଦିବଙ୍ଗତ ବିଧାୟକ ବିଷ୍ଣୁ ସେଠୀଙ୍କ ପରିବାର ବର୍ଗଙ୍କୁ ଭେଟି ତାଙ୍କୁ ସମବେଦନା ଜଣାଇବେ । ବିଜେପି ସୁତ୍ରରୁ ମିଳିଥିବା ସୂଚନା ଅନୁସାରେ ବିଜେପିର ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡା ଆସନ୍ତା ୨୯ ତାରିଖ ୧୦ ଟା ବେଳେ ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବେ । ସେଠୁ ତାଙ୍କୁ ବିଶାଳ ଶୋଭାଯାତ୍ରାରେ ରାଜ୍ୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅଣାଯିବ । ରାଜ୍ୟ କାର୍ଯ୍ୟାଳୟରୁ ଜନତା ମଇଦାନ ଯିବେ । ସେଠାରେ ଦିନ ୧୧ ଟା ବେଳେ ଓଡ଼ିଶାର ପ୍ରତ୍ୟେକ ଶକ୍ତି କେନ୍ଦ୍ରର ତିନି ଜଣ ପ୍ରମୁଖ କର୍ମକର୍ତାଙ୍କୁ ନେଇ ସମ୍ମିଳନୀ ରହିଛି । ସେଠାରେ ଜେପି ନଡ୍ଡା ଶକ୍ତି କେନ୍ଦ୍ରର ପ୍ରମୁଖ ମାନଙ୍କୁ ସମ୍ବୋଧିତ କରିବେ । ତାହା ପରେ ରାଜ୍ୟ କାର୍ଯ୍ୟାଳୟରେ ବିଭିନ୍ନ ବୈଠକ ରହିଛି । ଯେଉଁଥିରେ ସମସ୍ତ ଜିଲ୍ଲାର ଜିଲ୍ଲା ସଭାପତି,ପଦାଧିକାରୀ, ବିଧାୟକ, ସାଂସଦ, ପୂର୍ବତନ ବିଧାୟକ ଓ ସାଂସଦ, ପ୍ରଭାରୀ ମାନଙ୍କ ସହ ଭିନ୍ନ ଭିନ୍ନ ପର୍ଯ୍ୟୟରେ ବୈଠକ କରିବେ । ଏହା ସହ ସାଙ୍ଗଠନିକ ବୈଠକ ବି ହେବ । ଏବଂ ସେହିଦିନ ରାତିରେ ପୁରୀ ଗସ୍ତ କରିବେ ଜେପି ନଡ୍ଡା । ୩୦ ତାରିଖ ସକାଳେ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିବେ । ସେଠୁ ସିଧାସଳଖ ଭଦ୍ରକ ଜିଲ୍ଲାର ତିହିଡି ଯିବେ । ସେଠାରେ ଦିବଙ୍ଗତ ନେତା ବିଷ୍ଣୁ ସେଠୀଙ୍କ ପରିବାରଙ୍କୁ ଭେଟିବେ ଜେପି ନଡ୍ଡା । ସେଠୁ ଫେରିବା ପରେ ଦିନ ୧୧ ଟା ବେଳେ ୭ ମୋର୍ଚ୍ଚାର ଜିଲ୍ଲା କମିଟିର ସମସ୍ତ ସଦସ୍ୟଙ୍କ ସହ ଆଲୋଚନା କରିବେ । ସେହି ଦିନ ସନ୍ଧ୍ୟାରେ ହିଁ ପ୍ରତ୍ୟାବର୍ତନ କରିବାର କାର୍ଯ୍ୟକ୍ରମ ରହିଛି ।

## ରାଜଧାନୀରେ ୩୭ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୨୪/୦୯ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ଶନିବାର ମୋଟ ୩୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ଅପରପକ୍ଷରେ ୨୪ ଘଂଟାରେ ଆଉ ୬୭ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୫ ହଜାର ୭୫୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୬୩ ହଜାର ୯୦୪ ଜଣ ସୁସ୍ଥ ହୋଇଛନ୍ତି। ମୋଟ ୧୧୯୮ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ୬୨୯ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି। ଗତକାଲି ଭୁବନେଶ୍ୱରରେ ୨୭ ପଜିଟିଭ୍ ଚିହ୍ନଟ ହୋଇଥିଲେ ।

## ପିଏଫ୍‌ଆଇର ୭୦ କାର୍ଯ୍ୟକର୍ତାଙ୍କ ବିରୋଧରେ ମାମଲା ରୁଜୁ

ମୁମ୍ବାଇ,୨୪/୦୯ (ନି.ପ୍ର): ପୁଣେ ସ୍ଥିତ ବଡ଼ଗାର୍ଡିନ ପୋଲିସ୍ ଷ୍ଟେସନରେ ପପୁଲାର ଫ୍ରଂଟ ଅଫ୍ ଇଣ୍ଡିଆ(ପିଏଫ୍‌ଆଇ)ର ୭୦ କାର୍ଯ୍ୟକର୍ତାଙ୍କ ବିରୋଧରେ ମୋକଦ୍ଦମା ରୁଜୁ କରାଯାଇଛି। ଏହି ସମସ୍ତ ବିରୋଧରେ ଜିଲ୍ଲାଧିକାରୀ କାର୍ଯ୍ୟାଳୟ ଉପରେ ବେଆଇନ ଭାବେ ପ୍ରଦର୍ଶନ କରିବାର ଅଭିଯୋଗ ରହିଛି । ଏହି ମାମଲାରେ ବଂଡଗାର୍ଡିନ ପୋଲିସ ଷ୍ଟେସନର ଟିମ୍ ଶନିବାର ଦିନ ପିଏଫ୍‌ଆଇର ସ୍ଥାନୀୟ ନେତା ରିଜାଜ ଜୈନୁଦ୍ଦିନ ସୈଦ(୨୬) ସହିତ ଅନ୍ୟ ଲୋକଙ୍କୁ ନୋଟିସ୍ ଜାରି କରି ପଚରା ଉଚୁରା ପାଇଁ ଡକାଯାଇଛି। ପୋଲିସ୍ ଅନୁଯାୟୀ ଗୁରୁବାର ଦିନ ନେସନାଲ ଇନ୍‌ଭେଷ୍ଟିଗେସନ ଏଜେନ୍ସିଂ (ଏନ୍‌ଆଇଏ) ଏବଂ ଆଂଟି ଟେରୋରିଷ୍ଟ ସ୍କ୍ୱାର୍ଡ଼(ଏଟିଏସ୍)ର ଟିମ୍ ପୁଣେର କୋଢ଼ବା ସହିତ ଚାରି ଠିକଣାରେ ଚଢ଼ାଉ କରି ଦୁଇ ଲୋକଙ୍କୁ ଗିରଫ କରିଥିଲା। ଏହି କାର୍ଯ୍ୟାନୁଷ୍ଠାନ ବିରୋଧରେ ପିଏଫ୍‌ଆଇ ଶୁକ୍ରବାର ଦିନ ଅବୈଧ ଉପାରେ ପୁଣେ ଜିଲ୍ଲାଧିକାରୀ କାର୍ଯ୍ୟାଳୟରେ ପ୍ରଦର୍ଶନ କରିଥିଲା।

## ରୋଟାରୀ କ୍ଲବ ପକ୍ଷରୁ ବିଶ୍ୱଶାନ୍ତି ଦିବସ

ବାଲେଶ୍ୱର, ୨୪/୦୯ (ନି.ପ୍ର): ବିଶ୍ୱଶାନ୍ତି ଦିବସ ପାଳନ ଅବସରରେ ବାଲେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରୋଟାରୀ ପିସ ଓ କଲଫ୍ଲିକ୍ଟ ପ୍ରିଭେନସନ କମିଟି ଚେୟାରମ୍ୟାନ ବିଷ୍ଣୁଦାସ କୁଣ୍ଡୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ସୋର ଇସ୍କନ ମନ୍ଦିରର ମୁଖ୍ୟ ହିସ ଗ୍ରେସ ଚୈତନ୍ୟ ଚରଣ ପ୍ରସାଦ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜୀବନ ଧାରଣ ମାନରକ୍ଷା ଉପରେ ଆଲୋକପାତ କରିଥିଲେ। ଯୋଗାଚାର୍ଯ୍ୟ ଡ.କଳାକୃଷ୍ଣ ମିଶ୍ର ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶାନ୍ତିରେ ବଞ୍ଚିବାର ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଅଧ୍ୟାପକ ତଥା ରୋଟାରିଆନ ଡ.ପଙ୍କଜ କୁମାର ଜେନା ଏହି କାର୍ଯ୍ୟକ୍ରମରେ ସଂଯୋଜନା କରିବା ସହ ମାନସିକ ସ୍ତରରେ ଶାନ୍ତିପ୍ରାପ୍ତିର ବିଭିନ୍ନ ଦିଗ ଉପରେ କଥା ରଖିଥିଲେ। ରୋଟାରିଆନ ସୁଜାତା ପଟ୍ଟନାୟକ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ରୋଟାରିଆନ ଦେବେନ୍ଦ୍ର ଧଳ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମନରେଗାରେ ଦୈନିକ ମଜୁରି ଆଠ ଶହ ଟଙ୍କା କରାଯାଉ : ଜନଜାଗୃତି ମଞ୍ଚ



ଉଦଳା,୨୪/୦୯ (ନି.ପ୍ର): ସ୍ୱେଚ୍ଛାସେବୀ ସଂଗଠନ 'ଜନଜାଗୃତି ମଞ୍ଚ' ତରଫରୁ ବିଗତ ୭ ବର୍ଷ ଧରି ମନରେଗା ଯୋଜନା ସମ୍ବନ୍ଧରେ ଅଣକୁଶଳୀ ଶ୍ରମିକ ମାନଙ୍କୁ ଅବଗତ କରାଇବା ଏବଂ ଯୋଜନାର ସଫଳ ରୂପାୟନ ପାଇଁ ଏଥିରେ ଥିବା ସମସ୍ୟା ଗୁଡ଼ିକ ଉପରେ ବିଭିନ୍ନ ସମୟରେ ବିଭିନ୍ନ ସ୍ତରରେ ବିଭାଗୀୟ ସରକାରୀ ଅଧିକାରୀ ମାନଙ୍କୁ ଅବଗତ କାର୍ଯ୍ୟ ଚାଲୁରହିଛି ବୋଲି ମଞ୍ଚର ଟିମ ଲିଡ଼ର ଗଦାଧର ଦାଶ ଜଣାଇଛନ୍ତି । ତେବେ ଆଜି ସେପ୍ଟେମ୍ବର ୨୨ ତାରିଖ ଗୁରୁବାର ଦିନ ଏହି ଯୋଜନାର ସଫଳ ରୂପାୟନ ପାଇଁ ମଞ୍ଚ ତରଫରୁ ଏକ ଦାବି ପତ୍ର ଉଦଳା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିବାର ଜଣା ଯାଇଛି । ଦାବି ଗୁଡ଼ିକ ମଧ୍ୟରେ ମନରେଗା ଆଇନରେ ଥିବା ପ୍ରାବଧାନ ଅନୁଯାୟୀ କାର୍ଯ୍ୟ କରିବାର ୭ ରୁ ୧୫ ଦିନ ମଧ୍ୟରେ ଶ୍ରମିକ ମାନଙ୍କର ମଜୁରୀ ପ୍ରଦାନ ସୁନିଶ୍ଚିତ କରାଯାଉ । କାର୍ଯ୍ୟ କ୍ଷେତ୍ରରେ ହିଁ ମଷ୍ଟର ରୋଲ ପୁରଣ କରାଯାଇ ସଠିକ ଭାବରେ କାର୍ଯ୍ୟ ଆରମ୍ଭ ତାରିଖକୁ ଲିପିବଦ୍ଧ କରାଯାଉ । ମନରେଗାରେ ଦୈନିକ ଅଣକୁଶଳୀ ଶ୍ରମିକଙ୍କୁ ସର୍ବ ନିମ୍ନ ମଜୁରୀ ଅତି କମରେ ଆଠଶହ ଟଙ୍କା ପ୍ରଦାନ ନିମନ୍ତେ ଆଇନଗତ ବ୍ୟବସ୍ଥା କରାଯାଉ ଇତ୍ୟାଦି ୧୨ ଗୋଟି ଦାବି ରହିଛି । ଉଦଳା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବଯାନୀ ଭୂୟାଁଙ୍କୁ ଏହି ଦାବି ପତ୍ର ପ୍ରଦାନ ସମୟରେ ମଞ୍ଚର ସଦସ୍ୟ ରାମଚନ୍ଦ୍ର ସିଂ, ରୁପାଏ ବାସ୍କେ ଓ ସୁବ୍ରତ କୁମାର ମହାନ୍ତି ଉପସ୍ଥିତ ଥିଲେ ।

## ଏକଲ ଅଭିଯାନର ଖେଳକୁଦ ସମାରୋହ କାର୍ଯ୍ୟକ୍ରମ




ଉଦଳା, ୨୪/୦୯ (ନି.ପ୍ର): ବନବନ୍ଧୁ ପରିଷଦ ଦ୍ୱାରା ପରିଚାଳିତ ଅଭ୍ୟୁଦୟ ୟୁଥ କ୍ଲବ ଦ୍ୱାରା ଆୟୋଜିତ ଏକଲ ଅଭିଯାନର ବାରିପଦା ଅଞ୍ଚଳ ସ୍ତରୀୟ ଖେଳକୁଦ ସମାରୋହ ଚଳିତ ସେପ୍ଟେମ୍ବର ୨୨ ତାରିଖ ଗୁରୁବାର ଦିନ ଉଦଳା ଠାରେ ଅନୁଷ୍ଠିତ ହୋଇ ଯାଇଛି । ଏଥିପାଇଁ ଦିର୍ଘ ଏକ ସପ୍ତାହ ପୁର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା । ବାରିପଦା ଅଞ୍ଚଳ ଅଧିନରେ ଥିବା ୧୬ ଗୋଟି ସଞ୍ଚ ଯଥା- ଉଦଳା , କପ୍ତିପଦା, ଶରତ, ଔପଦା, ଖଇରା, ନିଳଗିରି, ଗୋପବନ୍ଧୁନଗର, ଖୁଣ୍ଟା, କୁଳିଅଣା, ଶ୍ୟାମାଖୁଣ୍ଟା, ବଡ଼ସାହି, ଶୁଳିଆପଦା, ଚିତ୍ରଡ଼ା, ଇଶ୍ୱରପୁର, ମିତ୍ରପୁର, ଠାକୁରମୁଣ୍ଡାରୁ ମୋଟ ୧୮୧ ଜଣ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଖେଳ ମଧ୍ୟରେ ଦୌଡ଼, ଉଚ୍ଚଡ଼ିଆଁ, ଲମ୍ବଡ଼ିଆଁ ଓ କବାଡ଼ି ସ୍ଥାନ ପାଇଥିଲା । ଏଠାରୁ ୩୨ ଜଣ ଛାତ୍ର ଛାତ୍ରୀ ସମ୍ଭାଗ(ରାଜ୍ୟ) ସ୍ତରରେ ଖେଳିବା ପାଇଁ ମନୋନିତ ହେଲେ । ଖେଳ ଶିକ୍ଷକ ଆର୍ତ୍ତତ୍ରାଣ ସାହୁ ଓ ସର୍ବେଶ୍ୱର ବାରିକ ବିଚାରକ ଭାବରେ ଦାୟିତ୍ୱ ତୁଲାଇଥିବା ବେଳେ ନମିତା ରାଉତ ଓ ରାକ୍ଷୀ ଅଗ୍ରୱାଲ ସହଯୋଗ କରିଥିଲେ । ଦିବସ ବ୍ୟାପି ଚାଲିଥିବା ଏହି ଖେଳକୁଦ କାର୍ଯ୍ୟକ୍ରମର ଉଦ୍‌ଘାଟନ ଉତ୍ସବରେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ଉପନଗରପାଳ ଲିଲି ଭୋଳ, ଅବସରପ୍ରାପ୍ତ ଶିକ୍ଷକ ହରିହର ତ୍ରିପାଠୀ, ବିଶ୍ୱହିନ୍ଦୁ ପରିଷଦର କର୍ମୀ ରଞ୍ଜନ ମିଶ୍ର, ବିଶ୍ୱହିନ୍ଦୁ ପରିଷଦର ଉଦଳା ନଗର ଉପସଭାପତି ବିବେକାନନ୍ଦ ମିଶ୍ର ପ୍ରମୁଖ ମଞ୍ଚାସୀନ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୁର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଏକଲ ଅଭିଯାନର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଦେଶ ଗଠନରେ ଭୂମିକା ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ସେହିପରି ପୁରସ୍କାର ବିତରଣ ଉତ୍ସବରେ ଉଦଳା ଓକିଲ ସଂଘର ସମ୍ପାଦକ ବସନ୍ତ କୁମାର ପରିଡ଼ା, ଉଦଳା ପଞ୍ଚାୟତ ସମିତିର ପୁର୍ବତନ ଅଧକ୍ଷ ଶରତ ଚନ୍ଦ୍ର ଦାସ, ଅଭିଯାନର ବାରିପଦା ଅଞ୍ଚଳ ଉପସଭାପତି ମନୋରଂଜନ ମଲ୍ଲିକ, ସମ୍ପାଦକ ସୁବ୍ରତ କୁମାର ମହାନ୍ତି, ପୁର୍ବଭାଗ ଅଭିଯାନ ପ୍ରମୁଖ ଅରୁଣଦ୍ୟ ପ୍ରଧାନ ଅତିଥି ଭାବରେ ଯୋଗ ଦେଇ ପୁରସ୍କାର ବିତରଣ କରିବା ସହ ଓଡ଼ିଶା ସମ୍ଭାଗର ଏକଲ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କର ବିଦ୍ୟାଳୟ ପ୍ରତି ଆକର୍ଷଣ ଓ ପ୍ରତିଭା ବଢ଼ାଇବା ଦୃଷ୍ଟିରୁ ପ୍ରତିବର୍ଷ ବିଦ୍ୟାଳୟ ସ୍ତରରୁ ଆରମ୍ଭ କରି ରାଷ୍ଟ୍ରୀୟ ସ୍ତର ପର୍ଯ୍ୟନ୍ତ ଖେଳକୁଦ ସମାରୋହ ଆୟୋଜିତ ହେବ ବୋଲି ବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ମହିନ୍ଦ୍ର ମାର୍ଣ୍ଡି, ଗୌରଚନ୍ଦ୍ର ଜେନା, ସ୍ୱପ୍ନେଶ୍ୱର ନାୟକ , ସ୍ମୃତିରଞ୍ଜନ ଶତପଥୀ, ଡ଼ାକ୍ତର ଖଗେଶ୍ୱର ସିଂହ, ଅଜୟ ବେହେରା, ଗୀତାପ୍ରଭାସିନୀ ପାଢ଼ି, ରିତାଞ୍ଜଳୀ ପ୍ରଧାନ, ସୁକୁମାରୀ ମୁର୍ମୁ ସହଯୋଗ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

## 'କଳାକାର'ଶିଶୁ ନାଟକ ମହୋତ୍ସବର ପଞ୍ଚମ ସଂଧ୍ୟା



ବାଲେଶ୍ୱର,୨୨୪/୦୯ (ନି.ପ୍ର): ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ନାଟ୍ୟାନୁଷ୍ଠାନ 'କଳାକାର' ପକ୍ଷରୁ ସ୍ଥାନୀୟ ଟାଉନହଲ ପରିସରରେ ୨୦ ତାରିଖରୁ ଆରମ୍ଭ ହୋଇଥିବା ୨୩ ତମ ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବର ପଞ୍ଚମ ସଂଧ୍ୟାରେ ୨ ଗୋଟି ନାଟକ ମଞ୍ଚସ୍ଥ ହୋଇଛି। ପ୍ରାରମ୍ଭରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ ସହ ମଞ୍ଚସ୍ଥ ନାଟକରେ ଅଭିନୟ କରୁଥିବା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। 'କଳାକାର'ର ଏହି ମହୋତ୍ସବ ଆୟୋଜନ ଶିଶୁ କଳାକାରଙ୍କ ପାଇଁ ପ୍ରେରଣା ଦେଇ ଚାଲିଛି ବୋଲି ଶ୍ରୀ ମହାପାତ୍ର କହିଥିଲେ। 'ସାମାଜ' ଉତ୍ତର ଓଡ଼ିଶା ବ୍ୟୁରୋ ମୁଖ୍ୟ କୁଳମଣି ବାରିକ ଓ ଯୁବ ଉଦ୍ୟୋଗପତି ସୁପ୍ରୀତି ମିଶ୍ର ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନାଟ୍ୟକଳା ପ୍ରତି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ଓ ମଞ୍ଚକଳାକୁ ଉଜ୍ଜୀବିତ ରଖିବାରେ 'କଳାକାର' ଅନୁଷ୍ଠାନର ଉଦ୍ୟମ ବେଶ ପ୍ରଶଂସନୀୟ ବୋଲି କହିଥିଲେ। ସମାଜ ସଂସ୍କାରରେ ନାଟକର ବାର୍ତ୍ତା ସବୁକାଳରେ ଉପାଦେୟ ହୋଇ ଆସିଛି ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। କଳାକାରର ବରିଷ୍ଠ ସଦସ୍ୟ ଗୋପାଳ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ଡାକ୍ତର ଅସିତ କୁମାର ପ୍ରଧାନ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ତପନ କୁମାର ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପଞ୍ଚମ ସଂଧ୍ୟାରେ ପ୍ରଥମ ନାଟକ ଯାଜପୁରର ରଙ୍ଗଭୂମି ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପକ୍ଷରୁ 'ଅଲୋଡ଼ା ମା' ମଞ୍ଚସ୍ଥ ହୋଇଥିଲା। ଆଧୁନିକତାର ସ୍ପର୍ଶରେ ବଦଳୁଥିବା ପାରିବାରିକ ସମ୍ପର୍କ, ସାମାଜିକ ସଂସ୍କାର ଓ ପୂଜ୍ୟ ପୂଜା ନୀତିର ନିଚ୍ଛକ ପ୍ରତିଫଳନ ଏହି ନାଟକରେ ଦେଖିବାକୁ ମିଳିଥିଲା। ସେହିଭଳି ପଞ୍ଚମ ସଂଧ୍ୟାର ମଞ୍ଚସ୍ଥ ଦ୍ୱିତୀୟ ନାଟକ ରାଇରଙ୍ଗପୁର ବାଦାମୀବାଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ 'ଆଜି ବି ଡାଆଣୀ' ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଶିତ ହୋଇଥିଲା।

## ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ ସାଧାରଣ ଜ୍ଞାନ ପ୍ରତିଯୋଗିତା



ଭଦ୍ରକ, ୨୪/୦୯ (ନି.ପ୍ର): ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସଂସ୍କୃତି ଭବନ, ଭଦ୍ରକ ଠାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଦସ୍ୟ ତଥା ଶିବାନୀ ପତ୍ରିକାର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବହଳୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଧାମନଗର ମହାବିଦ୍ୟାଳୟର ଅଧକ୍ଷ ତଥା ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଦସ୍ୟ ପବିତ୍ର ପାଣିଗ୍ରାହୀ ମୁଖ୍ୟ ଅତିଥି, ସମ୍ପକାର ଅଧ୍ୟାପକ ବିଶ୍ୱରଂଜନ ଦାସ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପର୍ଯ୍ୟଟନ ବିଭାଗ ବାଲେଶ୍ୱର ଶାଖାର ସହନିର୍ଦ୍ଦେଶକ ଗଗନ କୁମାର ସାହୁ ଓ ଅନ୍ୟ ଅଧିକାରୀ ମୋନାଲିସା ଜେନା ପରିଚାଳନା କରିଥିଲେ । ବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାରେ ତନ୍ମେଶ ମୁଦୁଲି ଓ ମନସ୍ମିତା ବେହେରା (ପ୍ରଥମ), ସୂର୍ଯ୍ୟାସ୍ନାତ ସ୍ୱାଇଁ, ପ୍ରସାଦରତ୍ନ ପଣ୍ଡା (ଦ୍ୱିତୀୟ), ଶୁଚିସ୍ମିତା ଦାସ, ଦୀପାଳି ମୁଖାର୍ଜୀ (ତୃତୀୟ) ସ୍ଥାନ ଅଧିକାର କରିଥିବା ବେଳେ ମହାବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ଆଶିଷ ପରିଡ଼ା, ବ୍ରତଭାନୁ ପତି(ପ୍ରଥମ), ଅଙ୍କିତା ରାଉତ, ଦେବସ୍ମିତା ବିଶ୍ୱାଳ(ଦ୍ୱିତୀୟ) କଲ୍ପିତା ଦାସ, ରବୀନ ପରିଡ଼ା (ତୃତୀୟ) ସ୍ଥାନ ଅଧିକାର କରିଥିଲେ । କୃତି ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ସହ କିଂଚିତ ଅର୍ଥରାଶି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା । ମହାବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଆଶିଷ ପରିଡ଼ା ଓ ବ୍ରତଭାନୁ ପତିଙ୍କୁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଚିଲିକା ଭ୍ରମଣ ପାଇଁ ସୁଯୋଗ ଦେବାକୁ ଘୋଷଣା କରାଯାଇଛି ।

## ଆହତ ହନୁ ମାଙ୍କଡ଼କୁ ଚିକିତ୍ସା ପରେ ବଣରେ ଛଡା ଗଲା

ବଲାଙ୍ଗିର, ୨୪/୦୯ (ନି.ପ୍ର): ଗତକାଲି ସଇଁତଳା ରେଞ୍ଜର କୁମ୍ଭାରୀ ଗ୍ରାମରୁ ଗୋଟିଏ ହନୁ ମାଙ୍କଡ଼ ଆହତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଉଦ୍ଧାର ମାଙ୍କଡକୁ ତୁରନ୍ତ ଚିକିତ୍ସା କେନ୍ଦ୍ରରେ ରେଞ୍ଜ କର୍ମଚାରୀ ନେଇ ଉପଚାର କରାଯାଇଛି । ସୁସ୍ଥ ହେଲା ପରେ ମାଙ୍କଡ଼ କୁ ସୁରକ୍ଷିତ ବଣରେ ଛଡା ଯାଇଛି ।

## ବାଘିଆ ଟାଙ୍ଗର ସ୍କୁଲ ପାଲଟିଛି ମରଣଯନ୍ତା



ରାଇରଙ୍ଗପୁର, ୨୪/୦୯ (ନି.ପ୍ର): ୧୯୫୬ ମସିହାରେ ସ୍ଥାପିତ ମୟୂରଭଂଜ ଜିଲ୍ଲା ବିଜାତଳା ଗୋଷ୍ଠି ଶିକ୍ଷା ବିଭାଗ ଅନ୍ତର୍ଗତ ବାଘିଆ ଟାଙ୍ଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ ଗୃହ ଗୁଡିକ ମରାମତି ଅଭାବରୁ ଅସୁରକ୍ଷିତ ହୋଇପଡିଛି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୫୩ ଜଣ ଛାତ୍ରଛାତ୍ରୀ ଏଠାରେ ପାଠ ପଢୁଥିବା ବେଳେ, ଅଫିସ କାର୍ଯ୍ୟାଳୟ ସହିତ ସମସ୍ତ ଶ୍ରେଣୀଗୃହ ଗୁଡିକରେ ବର୍ଷାପାଣି ଗଳୁଛି । ଛାତର କଂକ୍ରିଟ ଖଣ୍ଡ ବିଭିନ୍ନ ସମୟରେ ଖସି ପଡୁଛି । ନିକଟରେ ଜଣେ ଶିକ୍ଷୟତ୍ରୀଙ୍କ ମଥାରେ ସିଲିଂ ଛାତ ମଥାରେ ଖସି ପଡ଼ିବାରୁ ସେ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିବା ଜଣାପଡିଛି । ଛାତ୍ରଛାତ୍ରୀ ମାନେ ସ୍କୁଲ ଗୃହରେ ବସି ପାଠପଢିବା ପାଇଁ ଶ୍ରେଣୀ ଗୃହକୁ ପଶିବାକୁ ଭୟ କରୁଥିବାରୁ ବାରଣ୍ଡାରେ ବସି ପାଠ ପଢୁଛନ୍ତି । ସ୍କୁଲର ଅସୁବିଧା ଗୁଡିକ ବାବଦରେ ଅଭିଭାବକ ମାନେ ବ୍ଲକ ପ୍ରଶାସନକୁ ପୂର୍ବରୁ ବାରମ୍ବାର ଜଣାଇଥିଲେ ମଧ କୌଣଷି ପ୍ରତିକାର ନହେଉଥିବାରୁ ଗ୍ରାମବାସୀ, ଅଭିଭାବକ, ଛାତ୍ର ଛାତ୍ରୀ ମାନେ ସ୍କୁଲ ସମୁଖରେ ଥିବା ରାଇରଙ୍ଗପୁର ବାରିପଦା ରାସ୍ତାକୁ ଦିର୍ଘ ୪ ଘଣ୍ଟା ଧରି ଅବରୋଧ କରିଥିଲେ । ଖବର ପାଇ ବିଇଓ , ତହସିଲ ପ୍ରଶାସନ ଓ ବ୍ଲକ ପ୍ରଶାସନ, ପୋଲିସ ପ୍ରଶାସନ ଗ୍ରାମବାସୀ ଓ ଶିକ୍ଷାନୁଷ୍ଠାନ ପ୍ରଧାନ ଶିକ୍ଷୟତ୍ରୀ ଦେଲହମଣି ମାଝୀଙ୍କ ସହ ଆଲୋଚନା କରିଥିଲେ । ଆସନ୍ତା ସୋମବାର ଦିନ ଆଉଥରେ ବିଧିବଦ୍ଧ ଆଲୋଚନା କରାଯିବ ବୋଲି ପ୍ରତିଶ୍ରୃତି ଦେବା ପରେ ଛାତ୍ରଛାତ୍ରୀ ମାନେ ରାସ୍ତା ଅବରୋଧରୁ ଓହରିଥିବାର ଜଣା ଯାଇଛି ।

## ରେବ-କପାଳୀ ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଲୋକେ ସାଂସଦଙ୍କୁ ଜଣାଇଲେ ଦୁଃଖ



ଭଦ୍ରକ,୨୪/୦୯ (ନି.ପ୍ର): ଭଦ୍ରକ ଜିଲ୍ଲାରେ ପ୍ରବାହିତ ରେବ କପାଳୀ ନଦୀ ସଂସ୍କାର ବେଳେ ନିଜର ବାପଗୋସାପ ଅମଳର ପୈତୃକ ଜମି ସହ ଅର୍ଥକାରୀ ଫସଲ, ମୂଲ୍ୟବାନ ଗଛ, ପାନ ବରଜ, ଘରଦ୍ୱାର, ପାଇଖାନା, ଗୋରୁ ଗୁହାଳ ଇତ୍ୟାଦି ହରାଇଥିବା କ୍ଷତିଗ୍ରସ୍ତମାନେ ଦୀର୍ଘ ୧୪ ବର୍ଷ ହେଲା କ୍ଷତି ପୂରଣ ପାଇବାରୁ ବଞ୍ଚିତ ହୋଇ ବାରମ୍ବାର ପ୍ରଶାସନ ନିକଟରେ ଗୁହାରୀ କରି ଏ ପର୍ଯ୍ୟନ୍ତ କ୍ଷତି ପୂରଣ ପାଇବାରୁ ବଞ୍ଚିତ ହୋଇଛନ୍ତି। ପ୍ରକାଶ ଥାଉ କି, ଗତ ୨୦୦୮/୦୯ ମସିହାରେ ବନ୍ୟା ନିୟନ୍ତ୍ରଣ ଲକ୍ଷ୍ୟ ନେଇ ସରକାରଙ୍କ ଜଳ ସମ୍ପଦ ବିଭାଗ ତରଫରୁ ରେବ ଏବଂ କପାଳୀ ନଦୀ ସଂସ୍କାର ଆରମ୍ଭ ହୋଇଥିଲା। ସେହି ସମୟରେ ଜନସାଧାରଣଙ୍କୁ ଏ ସମ୍ପର୍କରେ କୌଣସି ସୂଚନା ପ୍ରଦାନ କରା ନଯାଇ ସରକାରଙ୍କ ରାଜସ୍ୱ, ଜଙ୍ଗଲ-ପରିବେଶ, ଭୂଅର୍ଜନ, ପୁନର୍ବାସ ଓ ଥଇଥାନ ଆଦି ନିୟମକୁ ଉଲଂଘନ କରି ଠିକାଦାରମାନେ ଜନସାଧାରଣଙ୍କ ଜମିକୁ ନଦୀ ଗର୍ଭରେ ମିଶାଇ ଚାଲିଗଲେ। ରେବ-କପାଳୀ ନଦୀର ଦୁଇ ପାର୍ଶ୍ୱରେ ଭଦ୍ରକ ଜିଲ୍ଲାର ଧାମନଗର, ଭଦ୍ରକ, ବନ୍ତ, ଭଣ୍ଡାରିପୋଖରୀ ବ୍ଲକର ହଜାରହଜାର ଜନସାଧାରଣଙ୍କର ଏହି କ୍ଷୟକ୍ଷତି ଘଟିଥିଲା। ଏହି ସମୟରେ ଲୋକମାନେ ବାରମ୍ବାର ସରକାରୀ ପ୍ରଶାସନଙ୍କୁ ଜଣାଇ ନିରାଶ ହେବାରୁ ଏକାଧିକବାର ପ୍ରତିବାଦ ଓ ଜନଆନ୍ଦୋଳନ କରି ମଧ ସୁଫଳ ପାଇ ପାରି ନଥିଲେ। ତେଣୁ ବାଧ ହୋଇ ବିଶିଷ୍ଟ ପରିବେଶବିତ୍, ସୁପ୍ରିମ୍ କୋର୍ଟର ଅଧିବକ୍ତା ରାଧାକାନ୍ତ ତ୍ରିପାଠୀଙ୍କ ସହଯୋଗରେ ମାନ୍ୟବର ଜାତୀୟ ମାନବାଧିକାର କମିଶନଙ୍କ ଠାରେ ଅଭିଯୋଗ ଦାଖଲ କରିଥିଲେ। କମିଶନ୍‌ଙ୍କ ଏକାଧିକବାର କ୍ଷେତ୍ରୀୟ ତଦନ୍ତ ରିପୋର୍ଟ ମାଧ୍ୟମରେ ଜଳସମ୍ପଦ ବିଭାଗ କ୍ଷତି ପୂରଣ ଦେବା ଆରମ୍ଭ କରିଥିଲେ। ଫଳରେ ଜିଲ୍ଲାର ୩୫ଟି ରାଜସ୍ୱ ଗ୍ରାମ କ୍ଷତି ପୂରଣ ପାଇ ପାରିଥିଲେ। କିନ୍ତୁ ଦୁଃଖ ଓ ପରିତାପର ବିଷୟ, ଦୀର୍ଘ ୧୪ ବର୍ଷ ବିତି ଯାଇଥିଲେ ମଧ ଧାମନଗର, ଭଦ୍ରକ ଓ ଭଣ୍ଡାରିପୋଖରୀ ବ୍ଲକର ୯ଟି ରାଜସ୍ୱ ଗ୍ରାମର ୩୫୦ ଖାତାଧାରୀ ପ୍ରାୟ ୧୦୦୦ ପରିବାର ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଉଚ୍ଚାଧିକାରୀଙ୍କ ଅବହେଳା ତଥା ଅମନଯୋଗିତା କାରଣରୁ କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇଛନ୍ତି। କ୍ଷତିଗ୍ରସ୍ତ ମଧ୍ୟରୁ ଏହାକୁ ଅପେକ୍ଷା କରି କେତେକ ଖାତାଧାରୀ ଜନତା ଆରପାରିକୁ ମଧ ଚାଲିଗଲେଣି। ଏ ସମ୍ପର୍କରେ ରାଜ୍ୟ ଜଳ ସମ୍ପଦ ବିଭାଗର ପ୍ରମୁଖ ସଚିବଙ୍କୁ ଭେଟି ଏକ ସ୍ୱତନ୍ତ୍ର ଆଦେଶ ଭୁବନେଶ୍ୱର ଯାଇ ଆଣାଇଥିଲେ ବି, ଜିଲ୍ଲା ପ୍ରଶାସନ ଅବହେଳାରୁ ତାହା ୨୦୨୨ ମସିହା ଫେବୃଆରୀ ମାସଠାରୁ ଅବଧି ପୁରି ଯାଇଛି। ତେଣୁ ରାଜସ୍ୱ ବିଭାଗର ଏକ ନୂତନ ଆଦେଶର ଆବଶ୍ୟକତା ପଡୁଛି। ଏହି ପରିପ୍ରେକ୍ଷୀରେ ଆଜି କ୍ଷତିଗ୍ରସ୍ତମାନେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳଙ୍କୁ ଭେଟି ଦୁଃଖ ଜଣାଇଛନ୍ତି। ରେବ - କପାଳୀ ନଦୀ ସୁରକ୍ଷା ମଞ୍ଚର ଆବାହକ କାଳନ୍ଦୀ ମଲ୍ଲିକ, ସଭାପତି ଭାଗିରଥି ବେହୁରିଆ, ସମ୍ପାଦକ ଶଙ୍କର୍ଷଣ ଦାସ, ଦିଲିପ ମଳିକ, ସୀତାଂଶୁ ସାମଲ, ଧନେଶ୍ୱର ମଳିକ, ଜୟରାମ ମଳିକ, ମାୟାଧର ସ୍ୱାଇଁ, କୈଳାସ ମଳିକ, ମନୋରଞ୍ଜନ ମଲ୍ଲିକ, ପ୍ରଶାନ୍ତ ରାଉତ, ନିର୍ମଳ ରାଉତ, ଗଦାଧର ବିଶ୍ୱାଳ, ରଙ୍ଗାଧର ରାଉତ, ପ୍ରଫୁଲ୍ଲ ପୁଣ୍ଟିଆଙ୍କ ସମେତ ଶତାଧିକ କ୍ଷତିଗ୍ରସ୍ତ ଜନତା ରଜକିଶୋର ଦାସ, ଚୈତନ୍ୟ ମଳିକ, ଦେବେନ୍ଦ୍ର ଲେଙ୍କା ସାଂସଦଙ୍କୁ ଭେଟି ଦୁଃଖ ଜଣାଇଛନ୍ତି।

## ନୀଳଗିରି କ୍ଷୁଦ୍ର ଜଳସେଚନ ବିଭାଗର ମହାଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଦାବି କଲେ ପୂର୍ବତନ ବିଧାୟକ ଚିତ୍ତ ଷଡ଼ଙ୍ଗୀ

ନୀଳଗିର,୨୪/୦୯ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡର ଥିବା କ୍ଷୁଦ୍ରଜଳସେଚନ ବିଭାଗର ମହାଦୁର୍ନିତୀ ସହ ସରକାରୀ ଅର୍ଥକୁ ବେଆଇନ ଭାବେ ବିନିଯୋଗ କରାଯାଇଥିବା ନେଇ ନୀଳଗିରି ର ପୂର୍ବତନ ବିଧାୟକ ଚିତରଂଜନ ଷଡ଼ଙ୍ଗୀ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ଭିଜିଲାନ୍ସ ଇନକ୍ୱାରି ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବା ସହ ମୁଖ୍ୟ ଶାସନ ସଚିବ, ୫ଟି ସେକ୍ରେଟାରୀ, ମୁଖ୍ୟଯନ୍ତ୍ରୀ ,ଓଡ଼ିଶା ଓ ବାଲେଶ୍ୱର ଜିଲ୍ଲାପାଳଙ୍କୁ ମଧ ଅବଗତ କରାଇଥିବା ଜଣାପଡ଼ିଛି । ଉକ୍ତ ବିଭାଗରେ ବର୍ଷ ବର୍ଷ ଧଣି ସ୍ଥାୟୀ ଏସ.ଡି.ଓ. ନିଯୁକ୍ତି ହେଉ ନ ଥିବା ବେଳେ ଇନ୍‌ଚର୍ଜରେ ଚାଲିଛି କାର୍ଯ୍ୟାଳୟଟି । ଉକ୍ତ କାର୍ଯ୍ୟାଳୟରେ କନିଷ୍ଠ ଯନ୍ତ୍ରୀ ରମେଶ ଦାଶ ୧୦ବର୍ଷ ଧରି ଏଠି ରାଜୁତି କରୁଥିବା ବେଳେ ଦୁର୍ନିତୀରେ ଲିପ୍ତ ରହିଥିବାର ଚିଠିରେ ଉଲ୍ଲେଖ କରିଛନ୍ତି। ଦୀର୍ଘ ୮ବର୍ଷ ଧରି ରାଜ୍ୟସରକାର ଚାଷୀମାନଙ୍କର ହିତ ପାଇଁ ଚେକ୍‌ଡେମ୍ ନିର୍ମାଣ ବାବଦରେ କୋଟି କୋଟି ଟଙ୍କା ଅନୁଦାନ ଦେଇଥିବା ବେଳେ କନିଷ୍ଠଯନ୍ତ୍ରୀ ରମେଶ ଦାଶ ଏ ସବୁ ପ୍ରକଳ୍ପ ନିର୍ମାଣରେ ଦୁର୍ନିତୀ କରିଥିବା ଏବଂ ସରକାରୀ ଅର୍ଥକୁ ଆତ୍ମସାତ କରିଥିବା ସେ ଚିଠିରେ ଉଲ୍ଲେଖ କରିଛନ୍ତି । ଖୁମକୁଟ, ସିନ୍ଧୁଆ, ଷୋଳଭଉଣୀ, ପ୍ରମୁଖ ପ୍ରକଳ୍ପରେ ମିଥ୍ୟା ବିଲ୍ ହୋଇଥିବା ଶ୍ରୀ ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି । ଏ ସମସ୍ତ ପ୍ରକଳ୍ପ ଗୁଡ଼ିକର ଉଚ୍ଚସ୍ତରୀୟ ତଦନ୍ତ ସହ ଭିଜିଲାନ୍ସ ଇନ୍‌କ୍ୱାରି ପାଇଁ ଚିଠି ଲେଖିଥିବା ବେଳେ ତୁରନ୍ତ କନିଷ୍ଠ ଯନ୍ତ୍ରୀ ରମେଶ ଦାଶଙ୍କୁ ଅନ୍ୟତ୍ର ବଦଳି ପାଇଁ ଦାବୀ କରିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo